

# ଉତ୍କଳ ଗୌରବ
# Utkal Gauraba
## 2020

Oriya Cultural & Welfare Association. New Delhi



www.ocwa.in


ECO RETREAT
BHITARKANIKA
India's second largest
mangrove ecosystem.
Largest congregation of
Salt Water Crocodile.

**Oriya Cultural & Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under The Societies Registration Act, 1860, dedicated to the pursuit of excellence in the promotion and propagation of Odia culture and language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission:

To preserve, perpetuate and promote the Odia culture and communities with a mission statement- Eka mana, Eka Prana, Eka Pranta, Eka Chinha, which means getting Odias together.

## Our Vision:

To promote, team spirit, transparency and building trust among our fellow Odias. With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ
# Utkal Gauraba

**ଚତୁର୍ଦ୍ଦଶ ସଂସ୍କରଣ**
**Fourteenth Edition**

"ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚାଲିଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ
କୁକୁର କି ପାଇଁ ଗୋଟେ ବନାଇବ ଘର
ଚାଟି ବୁଲେ ବରାମିଶା ଅଇଁଠା ପତର"

(ବ୍ୟାସକବି ଫକୀର ମୋହନ ସେନାପତି)

**Language:**
Odia

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Cover art by:**
Shri Judhisthir Mohanty
(Hindi Teacher, A.J.O.
Govt. High School, Phulbani)

**Published by:**
Oriya Cultural & Welfare Associaiton
Regd No.S-54118 of 2005
BD-11, Janakpuri, New Delhi-110 058.

**E-mail:**
info@ocwa.in, ocwa.regd@gmail.com

**Website:**
www.ocwa.in

# ସୂଚୀପତ୍ର


ସଭାପତିଙ୍କ କଲମରୁ ................................ 3
Members ............................................ 4
Get-Together Photographs......... 21-26

**ବ୍ୟଙ୍ଗ କବିତା/କବିତା**

ବାପା ........................................................ 5
ଫେରିଆସ ଗାନ୍ଧୀ........................................ 6
ଭସା ବାଦଲ ............................................. 7
ସ୍ୱର୍ଗ ଦ୍ୱାର ................................................. 7
ସ୍ୱର୍ଗଦ୍ୱାର..................................................... 9
ଅବଲୁପ୍ତ ପ୍ରେମର ଫସଲ ........................... 10
ଅନୁଭବ..................................................... 10
କବିତା ତିନି ଜଣଙ୍କର ............................... 11
ତୁଚ୍ଛ ସମ୍ପର୍କ............................................... 12
ପ୍ରିୟା ଗୋ .................................................. 12
ଶ୍ରୀ ଜଗନ୍ନାଥ କୀର୍ତ୍ତନ .................................. 13
ସ୍ମୃତିର ପାଖୁଡ଼ା.......................................... 13
ସେବା ଅର୍ଘ୍ୟ ............................................. 14
ସମର୍ପଣ..................................................... 14
ଶାନ୍ତି ର ବାର୍ତ୍ତା ଦେଇ ଦେ ........................... 15
ଇଛା ......................................................... 16
ସୁଇସାଇଡର ଫାଇଦା ............................... 17
ମୋ ଧଳା ମାଣିକରେ ................................. 18
ବାପ ହେ .................................................. 19
ପରିପୁଷ୍ଟ ମୋ ପ୍ରାଣ ଯେଉଁଠି ........................ 20

**ରମ୍ୟ ରଚନା/ଗଳ୍ପ/ପ୍ରବନ୍ଧ**

ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ.......................... 25
ସତ୍ୟର ସ୍ୱରୂପ................................................... 30
ଆଙ୍ଗେ୍ଲାସୁଇସ୍ ଘଡି ........................................... 33
ହାଏରେ ମୋ ଫଟୋ ! ........................................ 35
ଅନନ୍ୟ ବ୍ୟକ୍ତିତ୍ୱ ଉତ୍କଳମଣି ପଣ୍ଡିତ
ଗୋପବନ୍ଧୁ ......................................................... 46
ସାରଳା ମହାଭାରତରେ ଭେଷଜ ବିଜ୍ଞାନ
ଓ ତନ୍ତ୍ର -ମନ୍ତ୍ର ...................................................... 48

# ସମ୍ପାଦକୀୟ



" ଉତ୍କଳ ଗୌରବ" ର ଚତୁର୍ଦ୍ଦଶ ସଂସ୍କରଣର ପ୍ରକାଶ ଅବସରରେ, ଆମ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଏହି ଛୋଟ ପ୍ରୟାସ ପାଇଁ ଆମେ ନିଜକୁ ବହୁତ ଗର୍ବିତ ମନେ କରୁଅଛୁ ।

ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତି ଅତ୍ୟନ୍ତ ଚିନ୍ତା ଜନକ । ସରକାରୀ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି । ତେଣୁ ଅଭିଭାବକ ମାନେ ନିଜ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟ ଛାଡ଼ି ଇଂରାଜୀ ମିଡ଼ିଅମ ସ୍କୁଲ କୁ ବାଧ୍ୟରେ ପଠାଉଛନ୍ତି । ଯଦି ଆମେ ଓଡ଼ିଆରେ ନ ପଢିବା, ନ ଲେଖିବା, ତେବେ ଓଡ଼ିଆ ଭାଷାର ସ୍ଥିତି କଣ ହେବ? ତଥାପି ଆମେ ଘରେ ନିଜ ପିଲାମାନଙ୍କ ସହ ଓଡ଼ିଆରେ କଥା ହେବାକୁ ପସନ୍ଦ କରୁନା, ହିନ୍ଦୀ କିମ୍ବା ଇଂରାଜୀ ରେ କଥା ହୋଇ ଆମେ ନିଜକୁ ଗର୍ବିତ ମନେ କରୁ, ନିଜକୁ ବହୁତ ଆଗୁଆ ଭାବୁ । ଏହି ସଂକ୍ରମଣ ଅନୁଚିତ ।

ଓଡ଼ିଆ ଟିଭିର ଉପସ୍ଥାପକ ମାନଙ୍କର ଓଡ଼ିଆ ଶବ୍ଦର ଉଚ୍ଚାରଣ ଅତ୍ୟନ୍ତ ହାସ୍ୟାସ୍ପଦ, ଯେମିତି ଜଣେ ବିଦେଶୀ ନାଗରିକ ଓଡ଼ିଆ ଶିଖିଲେ କଥାହୁଏ , ଠିକ ସେପରି ବଡ ବିକୃତ ଲାଗେ । ବର୍ତ୍ତମାନର ଓଡ଼ିଆ ଚଳଚ୍ଚିତ୍ର ଓ ସଂଗୀତ କଥା ନକହିଲେ ଭଲ । ମଝି ମଝିରେ ହିନ୍ଦୀ ଭାଷାର ବହୁଳ ପ୍ରୟୋଗ ଦେଖିବାକୁ ମିଳେ । ନକଲ କରିବାକୁ ଯାଇ ଆମେ ଆମର ଭାଷା ଓ କଳାକୁ ବହୁତ ଅବହେଳିତ କରୁଛୁ । ଯାହା ଫଳରେ ଦର୍ଶକ ଦୂରେଇ ଦୂରେଇ ଯାଉଛନ୍ତି । ଏହି ମାନସିକତା ଦେଖି ଛୋଟବେଳର ଗପଟିଏ ମନେପଡେ, ବରଗଛ ମୂଳେ ବାରିକ ଦୋକାନ ଟିଏ କରିଥାଏ । ବରଗଛ ଉପରେ ବସି ମାଙ୍କଡଟି ଲୋକଙ୍କ ଦାଢ଼ି କାଟିବାର ଦେଖୁଥାଏ । ଥରେ ବାରିକ ଦୋକାନରେ ନଥିଲା ବେଳେ ମାଙ୍କଡଟି ତଳକୁ ଆସି ଖୁରଟି ଧରି ଦାଢ଼ି କାଟିବାକୁ ଲାଗିଲା । କାଟୁ କାଟୁ ବେକଟି କାଟିଦେଲା ଓ ମୃତ୍ୟୁ ବରଣ କଲା । ସେହିପରି ଆମେ ଯଦି ଆଉ କାହାକୁ ଦେଖି ନକଲ କରୁ ମାଙ୍କଡ ଭଳି ନିଜର ଅବସ୍ଥା ହେବ । ପ୍ରଭୁ ଜଗନ୍ନାଥ ଆମର ଏହି ରୁଗ୍ଣ ମାନସିକତା ଦୂର କରନ୍ତୁ ।

ରୋଜଗାର ସନ୍ଧାନରେ ଓଡିଶା ବାହାରକୁ ବହୁତ ଲୋକ ଆସୁଛନ୍ତି । ଯେଉଁ ମାନେ ରୋଜଗାର ପାଇଁ ଓଡିଶା ବାହାରକୁ ଆସିଲେ ସେମାନେ ବି ଓଡ଼ିଆ ଲୋକ, ସେମାନଙ୍କର ପିଲାମାନଙ୍କୁ ଓଡ଼ିଆ ଶିକ୍ଷାର ସୁଯୋଗ ଦେବା କଥା । ନହେଲେ କେବଳ ଓଡ଼ିଶାରେ ଓଡ଼ିଆ ଭାଷା ସୀମିତ ହୋଇ ରହିଯିବ ।

ଓଡିଶା ସରକାରଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ବାଧ୍ୟତା ମୂଳକ ନ ହୋଇ, ଯଦି ଯେଉଁମାନେ ଓଡ଼ିଆରେ ପଢୁଛନ୍ତି ତାଙ୍କୁ ପୁରସ୍କୃତ କରାଯାଏ, ତେବେ ଲୋକମାନେ ସ୍ୱଇଚ୍ଛାରେ ପଢିବା ଓ ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିବେ ।

ଆମେ ମାନେ ମନେ ରଖିବା କଥା ଯେ ଯେଉଁ ଜାତିର ମାତୃଭାଷା ଯେତେ ଉନ୍ନତ ସେ ଜାତି ସେତେ ଆଗୁଆ । ଆସନ୍ତୁ, ଆମେ ଓଡ଼ିଆରେ ପଢି, ଲେଖି ଓ କଥା ହୋଇ ନିଜକୁ ଗର୍ବିତ ମନେ କରିବା ଓ ନିଜ ମାତୃଭାଷାର ସମ୍ମାନ ବଢାଇବା । ବନ୍ଦେ ଉତ୍କଳ ଜନନୀ ।

ଜୟ ଜଗନ୍ନାଥ
ବିଜୟ ମହାନ୍ତି
ପ୍ରତିଷ୍ଠାତା ସଭାପତି

Oriya Cultural & Welfare Association™
OCWA
www.ocwa.in

## LIFE MEMBERS'2020

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo.
Jagdish Patra
Jiten Mohanlal
Jitendra Kumar Sahoo
Kaushik Triphathy
Litu Ch. Swain
Madhusudan Pothal
Nayan Kishor Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kr. IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

## MEMBERS'2020

Ajay Mohanty
Ajit Kumar Barek
Alok Das
Anam Sahoo
Arabinda Das
Aswinee Samantray
B K Rath
Bijay K. Mohanty
Bimal Prasad Samal
Debasis Goswami
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Hrudaya Ranjan Bhuyan
Litton Mukherjee
Major Umesh C. Nayak
Piyush Mohapatra
Prabhat Kishor Bhuyan
Prabhat Kumar Mohanty
Prabin Panda
Pradeep K. Sahoo
Pradeep Rout
Pradeepta Bhuyan
Pradip Parija
Parnab Biswal
Prasanta Kr. Das
Prashant Nayak
Rabindra Nath Mishra
Ramnath Sahoo
Ranjan Kr. Sahoo
Sagar Pradhan
Sandipta Rout
Sanjay Mohanty
Sanjay Subudhi
Sanjit Mohanty
Santanu Khuntia
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das
Sunil Mohapatra
Surajeet Patnaik
Surender Baxi
Suresh Ch. Behera
Suresh Swain
Suvendu Sahu
Tanka Dhara Dass

# ବାପା



ଇଂ ବିଜୟ କୁମାର ସେନାପତି

ମିଲିଛିଆ ପଞ୍ଜାବୀ ର ପକେଟ୍ କୁ ଅଣ୍ଡାଳିଲେ
କେବେକେବେ ଅଧୁଲିଟେ ପାଏ,
କେବେ କେବେ ଚିରା କପଡ଼ାରେ ହାତ
ଛାଏଁ ଗଳିଯାଏ,
ତଥାପି ମାଗିଲେ କିଛି କୁହ ତୁମେ
ଆଚ୍ଛା ! ଆଣିଦେବା !
କୋଉଠୁ ଆଣ ଯେ କିସ ହିସାବ ତା
ଭଲ ନ କହିବା ।
ତଥାପି ହାରନା କେବେ ଅସମ୍ଭବ
ନୁହଁ ପରା କିଛି?
କହିଥିଲ କଥା ଯାହା ,ଆଜି ମୋର
ସବୁ ମନେଅଛି ।

ତୁମେ କାଇଁ ଲାଗ ମୋତେ କେବେକେବେ
ମିଜାଜ୍ ରେ କଡା,
ବୋଉ ବି ତ ବେଳେବେଳେ ଧମକାଏ
ବାପା ତୋର ଆସିଯାଉ ପରା !
ଅବାଧ ହେବାର ବେଳେ ମନେପଡେ
ତୁମ ବେତବାଡି
ଅବଶ୍ୟ ଚାଖିନି କେବେ ମଜା ତାର
ଦେଖିଛି ଯା ଖାଲି
କେବେ କେବେ ଲାଗ ତୁମେ
ଭଲପାଅ ଭାରି
କାନ୍ଧରେ ବସାଇ ନିଅ ମେଳା ଦେଖି
ବୋହିବୋହି କରି।

କାନ୍ଦିଲେ ମୁଁ ତୁମେ ବୋଧେ
ପାରନାହିଁ ସହି
ପାଖକୁ ଡକାଇ ଲୁହ ପୋଛିଦିଅ
ବାବା ବାବା କହି
ସମାଧାନ କରିବା ର ପନ୍ଥା ବୋଧେ
ସବୁ ତୁମେ ଜାଣ !
ସେ ପାଇଁ ଯେ ବୋଉ ମୋର କରେ ମୁହଁ
ସବୁବେଳେ ଟାଣ
ରୁଷିଲେ ମୁଁ ମନମାରି
କିଣିଦିଅ ପାଦର କନ୍ଦୁକ
ସାହସୀ ହେବାର ପାଇଁ
ଖେଳନା ବନ୍ଧୁକ।

ବୟସର ଅପରାହ୍ନେ ତୁମେ ଆଜି
ଧରି ଆଶା ବାଡି
ଚାଲିଲେ ବି ଧୀରଧୀର ମନ ତୁମ
ଉଡେ ପକ୍ଷୀ ପରି
ବୋଉ ସିନା ଚାଲିଗଲା ଆକାଶର
ତାରାଫୁଲ ହୋଇ
ତୁମେ କିନ୍ତୁ ହାରିନାହିଁ ହାରିବନି
ଭାବୁଥାଏ ମୁହିଁ
ମୋ ବିଶ୍ୱାସ,ମୋ ଆଶ୍ୱାସ
ତୁମେ ସବୁ କିଛି
ତୁମ ହାଡ ଦେହରେ ମୁଁ
ଈଶ୍ୱର ଦେଖିଛି।

ତୁମବିଣ୍ଡି ପାପୁଲି ତ ଚାହିଁଥାଏ
ମୋ ଲୁହକୁ ଆଞ୍ଜୁଳାରେ ତୋଳିନେଇ
ପିଇଦେବା ପାଇଁ,
ତୁମ ଦୟିଲା କାନ୍ଧ ତୁମେ ପାତିଦିଅ ମୋବୋଝକୁ
ହସିହସି ଅକ୍ଳେଶରେ
ଦିନରାତି ବୋହିନେବା ପାଇଁ,
ବାପା, ତୁମେ ବିଶ୍ୱାସର ଦାରୁ !
ମୋ ସଂସାର ଝଡ ବାତ୍ୟା ସହିପାର
ସତେ ମହାମେରୁ !
ପାଦେ ତୁମ ଅୟୁତ ପ୍ରଣାମ ।
ତୁମପରି ବାପାଟିଏ ମିଳୁ ମୋତେ ଶତଶତ ଜନ୍ମ ।

******

ସି-୭୬, ସେକ୍ଟର-୨, ରାଉରକେଲା-୬
୮୮୯୫୫୦୦୯୯୨

# ଫେରିଆସ ଗାନ୍ଧୀ



ରାଖାଲ ଚନ୍ଦ୍ର ସ୍ବାଇଁ

ତମ ଢିଲା ଚଷମା ତଳେ,
ତମେ ନିରେଖି ଦେଖୁଥିଲ,
ଗାଁ'ର ଅନ୍ତ ନାଡି ଭିତରେ,
ଭାରତର ଆତ୍ମାକୁ।

ତିନି ମାଙ୍କଡ଼ର ମୁଦ୍ରା ଭିତରେ,
ଦେଖାଉଥିଲ ନୀତି, ସଂସ୍କୃତି, ସଂସ୍କାର।
ଶିଖେଇଥିଲ, ମାନବୀୟ ମନ୍ତ୍ର।

ଦୁଇଶହ ବର୍ଷ ର ଅଡୁଆ ସୂତାକୁ,
ଅରଟ ଚକରେ,ସଜାଡି ସଜାଡି,
ଦେଖୁଥିଲ ଅଖଣ୍ଡ ସ୍ବାଧିନ ଭାରତର ସ୍ବପ୍ନ।
'କର ଅବା ମର' ର ମନ୍ତ୍ର, ଝଙ୍କୃତ କରି,
ସହୀଦ ରକ୍ତରେ ଭିଜେଇ ଦେଲ, ମାଟି ମାଆକୁ।
କୋଟିଏ ପ୍ରାଣରେ ଜଳେଇ ଦେଲ, ଦେଶ ପ୍ରେମର ବହ୍ନି।
ପରାଧିନତାର, ଶୃଙ୍ଖଳକୁ ଭାଙ୍ଗିରୁଜି,
ଟିକ୍ ଟିକ୍ କରି,
ଭାରତ ବାସୀଙ୍କ ହାତରେ ଧରେଇ ଦେଲ,
କଷ୍ଟ ଲବ୍ଧ ସ୍ବାଧୀନତାର ଫଳ।

ହେଲେ,ଏବେ ?
ତମ ଅଣ୍ଟା ରେ,ଟିକ୍ ଟିକ୍ ଶବ୍ଦ କରି ଚାଲୁଥିବା ସମୟ ଟା,
ଦିଗହରା ହେଇ,
ଗାନ୍ଧୀ ମୁଣ୍ଡିଆ ନୋଟର ଗଦାଗଦା ବିଡା ଭିତରେ,
ଖୋଜି ପାଉନି ତମ ତ୍ୟାଗ ,ତପସ୍ୟାର ପ୍ରକୃତ ସ୍ବପ୍ନକୁ।

ତମ ଚଷମା ଆଜି ଧୂଳି ଧୂସରିତ, ଅସ୍ପଷ୍ଟ।
ଦିଗହରା ,ତମ ବଳିଦାନ।

ତମରି ମୁଦ୍ରା ଦେଖେଇ,ନୀଳବର୍ଣ୍ଣ ଶୃଗାଳ ସାଜି,
ମିଛ ସେବା ନାଁରେ ,
ଗୁପ୍ତ କାର୍ଯ୍ୟକ୍ରମର ଚକ୍ରାନ୍ତ ଭିତରେ,
ଚାଲିଛି,ନିଜକୁ ଥଇଥାନ କରିବାର ସର୍ବଗିଳା ଅଭିଯାନ।

ଏଠି ଆଉ ,ମାଟି ନୁହେଁ,ପାର୍ଟି ବଡ଼ ।
ଅନ୍ନଦାତା ନୁହେଁ,ମଦଦାତା ବଡ଼ ।
ଆଉ ମତଦାତା ?....?..?....ନକହିଲେ ଭଲ।

ଅନ୍ନଦାତା ବେକରେ ଫାଶୀ ଲଗେଇ,ଆତ୍ମହତ୍ୟା କରୁଛି।
ଆଉ,ମଦଦାତା, ଗଢୁଛି, ଆକାଶ ଚୁମ୍ବି ଅଟ୍ଟାଳିକା।

ହେ ମହାନ ଆତ୍ମା ମହାତ୍ମା !
ଏଇ କ'ଣ ତୁମ ସ୍ବପ୍ନ ର ଭାରତ ?
ଏଇ କ'ଣ ତୁମ ରାମରାଜ୍ୟ ?

ଫେରିଆସ ଗାନ୍ଧୀ।
ତୁମରି ତୀରକୁ ଅପେକ୍ଷା କରିଛନ୍ତି,ଏଠି,
ଶହଶହ ରାବଣ ।
ତୁମରି ସ୍ବରରେ,ସ୍ବର ମିଳେଇ,
ଗାଇବାକୁ ଚାହିଁ ବସିଛନ୍ତି ଭାରତର କୋଟି କୋଟି ,
ନୀରିହ ଜନତା।
ଆସ ଗାନ୍ଧୀ,ସର୍ବେ ମିଳି ଆଉଥରେ
ଗାଇବା,"ଈଶ୍ବର ଆଲ୍ଲା ତେରୋ ନାମ।
ସବ୍ କୋ ସମ୍ମତି ଦୋ ଭଗବାନ।"
ଆଉ ନେବା,
'କର ଅବା ମର' ଦୃଢ଼ ସଂକଳ୍ପର,
ଭୀଷ୍ମ ପ୍ରତିଜ୍ଞା।
******

ଏଡଭୋକେଟ୍, ଭଦ୍ରକ
9337623685

OCWA
www.ocwa.in

## ଭସା ବାଦଲ...



### ତେଜସ୍ୱିନୀ ପଣ୍ଡା

କିଏ ଟାଣି ଦେଲା ଇନ୍ଦ୍ରଧନୁର
ଚାଦର?
ଅକସ୍ମାତ୍ ଚିତ୍ରିତ ହେଲା
ଘନକଳା ବାଦଲ।
ଶ୍ରାବଣୀ ରାଣୀ ସଜ ହେଲାଣି
ଧରାରେ କମନୀୟ, ରୂପମୟ
ପାଦଥାପି ଭିଜେଇବ ସମଗ୍ର ବ୍ରହ୍ମାଣ୍ଡକୁ।

ଛନ୍ଦ, ଅଳଙ୍କାର, ଶବ୍ଦ ମାନେ
କବିର ମନରେ ଗଭୀର ସାଗରର
ଲହଡ଼ି ପରି ମାଡ଼ିଆସୁଛି,
ପ୍ରେମିକ କୁ କାହିଁ ନୂଆ ନୂଆ ଲାଗୁଛି।
କିଶୋରୀ କନ୍ୟାର ଢ଼ଳ ଢ଼ଳ ଆଖି
ଖାଲି ତରଙ୍ଗାୟିତ ଆଶା
ଓ ଅଭିପ୍ସାର ବନ୍ୟାରେ।

ଏତେ କୋହ,ଏତେ ମୋହ !
ସଂସାରଟା ଦିଶେ ପ୍ରେମମୟ।
ସ୍ମୃତିରେ ମେଘ ଅର୍ଖନୂଆ
ଭଳି ଲାଗୁଥିଲା
ଏବେ କିନ୍ତୁ ଲାଗେ ପାଲଟା
ଶାଢ଼ୀର ବାସ୍ନାପରି।

କଅଁଳିଆ ସଂପର୍କରେ
କଅଁଳ ମନର ନିଆଁ ଜଳିଉଠେ
ଉର୍ଦ୍ଧ୍ୱମୁଖରେ ଅନର୍ଗଳ,
ଏଇଠି ଆରମ୍ଭ ଲେଖନୀର
ସଂଗ୍ରାମ୍ !

******

ସାଦେଇପୁର,ରଘୁନାଥପୁର, ଜଗତସିଂହପୁର
tejaswanipanda6@gmail.com

## ସ୍ୱର୍ଗ ଦ୍ୱାର



### ଅକ୍ଷୟ ମହାନ୍ତି

ନିଇତି ଦେଖୁଛି
ଏହି ସ୍ୱର୍ଗ ଦ୍ୱାରେ
କୁହ କୁହ ହୁଇ ଜଳେ
କେତେ ଶୁଣାଯାଏ
ରାମ ନାମ ସତ୍ୟ
କୋକେଇରେ ମଡା ଟାଳେ।

ଯେଉଁ ମଡା ଆଜି
ନିର୍ଜୀବ ନିସ୍ପନ୍ଦ
ଦିନେ ସିଏ ଗର୍ଜୁଥିଲା
"ମୁଁଉଁ" "ମୋର" କହି
ଦୁନିଆଁ ଆଗରେ
ସ୍ୱର ସେ ମଚାଉ ଥିଲା।

କାଠ ଗଣ୍ଡି ପରେ
ଶୋଇଛି ନିସ୍ପନ୍ଦେ
ନିଆଁ ଜଳେ ହୁତହୁତୁ
ଲେଲିହାନ ଶିଖା
ଯେତେ ବି ଜଳୁଛି
ଲାଗେ ନାହିଁ କୁତୁକୁତୁ।

ଜଳୀୟ ଅଂଶ ତା
ଶରୀର ଭିତରୁ
ପାଣି ପରି ବୋହିଯାଏ
ହାଡ ମାଂସ ଯେତେ
ରଡ ନିଆଁଟାରେ
ଜଳି ଜଳି ଜଳି ଯାଏ।

ପାଉଁଶ ପୁଳାଏ
ରହିଯାଏ ଖାଲି
ହାଡ ମାଂସ ହଜିଯାଏ
ପ୍ରାରବ୍ଧ ଗଣ୍ଠିଲି
ସଂଗେ ଧରି ଜୀବ
ଆକାଶକୁ ଉଡିଯାଏ।

ସୂକ୍ଷ୍ମରେ ଏ ସବୁ
ହୋଇଯାଏ ବୋଲି
ମଣିଷ ପାରେନି ବୁଝି
ଈଶ୍ୱରଂକ ଇଏ
ଲୀଳା ଖେଳା ବୋଲି
ଜାଣିବା ଉଚିତ କିଛି।

ଶରୀରର ଅନ୍ତ
ପାଉଁଶ ପୁଳାଏ
ମଶାଣି ଠିକଣା ତାର
ସବୁ ଜାଣି ଶୁଣି
ଏ ବୋକା ମଣିଷ
କହିଥାଏ "ମୁଉଁ" "ମୋର"।

'ମୁଉଁ'ର ଅସ୍ତିତ୍ୱ
କିଛି ନାହିଁ ଏଠି
"ମୋହର" ବି କିଛି ନାହିଁ
ବୁଝି ନ ପାରି ସେ
ପାଗଳ ହେଉଛି
ଅତି ବୁଦ୍ଧିମାନ ହୋଇ।

ସାଥିରେ ତ କାହିଁ
କିଛି ଯାଉ ନାହିଁ
ଯାହା ପାଇଁ ଏତେ ଦ୍ୱନ୍ଦ୍ୱ
କେହି ବୁଝୁନାହିଁ
ମଣିଷ ଭିତରେ
ବୁଝିବାଟା ଖାଲି ମନ୍ଦ।

ଯେତେ ବୁଝିଲେ ବି
ଯେତେ ଦେଖିଲେ ବି
ମଣିଷ ଅବୁଝା ହୁଏ
ମୁଁ ବୋକା ମଣିଷ
କିଛି ବୁଝେ ନାହିଁ
କାହିଁକି ଏମିତି ହୁଏ।

ନିର୍ଦ୍ଦେଶକ ଜଣେ
ଉପରେ ରହିଛି
ନିର୍ଦ୍ଦେଶନା ସିଏ ଦିଏ
ତାହାରି ଇଂଗୀତେ
ଅଭିନୟ ଚାଲେ
କର୍ତ୍ତା "ମୁଉଁ" "ମୋର" କହେ।

ଅଭିନେତାଟା ବି
ବୁଝି ପାରେ ନାହିଁ
ଏଇଟା ତା ଅଭିନୟ
ଅଭିନୟ କରି
ମଜ୍ଜି ଯାଇଥାଏ
କା'ପ୍ରତି ନ ଥାଏ ଭୟ।

ବାର୍ଦ୍ଧକ୍ୟ ଆସିଲେ
ଅଭିଜ୍ଞତାକୁ ସେ
ରୋମନ୍ଥନ ସିନା କରେ
ସେତେବଳକୁ ତା'
ଆୟୁଷ ନ ଥାଏ
ଭାବି ଭାବି ସିଏ ମରେ।

*******

ନିର୍ମାଲ୍ୟ
ମୋ ନଂ 9937462507

# ସ୍ୱର୍ଗଦ୍ୱାର




**ସାନ୍ନ୍ୟାସୀ ନାୟକ**


ଆଜି ମୋତେ ଲାଗେ
ସ୍ୱର୍ଗଦ୍ୱାର ନିଜର ନିଜର ....
ପର ପର ହୋଇଯାଏ
ମୋ ଘର ଦୁଆର ....
ବଞ୍ଚିଥିବା ବେଳେ
ଭାଇ ହୋଇ ନଥିଲି ଯାହାର
ଆଜି ସେ ମୁଣ୍ଡକୋଡ଼ି କାନ୍ଦୁଛି
ମୁଁ ତାହାର ତାହାର ....

ମୋହଦଧି କୂଳେ
ଖେଳେ ଶୀତଳ ସମୀର ...
ପଞ୍ଜୁରୀ ପୋଡି
ଆତ୍ମା ଯାଏ ସ୍ୱର୍ଗପୁର ...
ମୁଁ ବୁଝି ପାରୁନାହିଁ
ସତରେ କିଏ କାହାର...
ଲୁହ ଗଡାଇ
ସମ୍ପର୍କ ଛିଣ୍ଡାଇ
ଚାଲି ଯାଆନ୍ତି ସମସ୍ତେ
ନିଜ ନିଜ ଘର ...

ଏଠି ଦୁଇ ହାତ ଟେକି
ଚୈତନ୍ୟଙ୍କ ଚିତ୍କାର ....
ରାମନାମ ସତ୍ୟର ସତ୍କାର...
ପୋଡାପାଉଁଶ ଭଙ୍ଗାହାଡ଼ ସବୁ
ବାସ୍ତବ କଥା କହେ ଜୀବନର ...
ସର୍ବସ୍ୱ ହରାଇ ରଜା ଶୋଇଛି
ଶୁଣୁନି ଡାକ କାହାର ...

ମଣିଷ ପୋଡା ଗନ୍ଧ ଶୁଙ୍ଘି
ମଣିଷ ବିଭୋର ..
ବାଉଁଶ କେଞ୍ଚଣାରେ
ପେଟ ଫାଟି ଯାଏ ମଣିଷର ...
ପିଟି ପିଟି ହଡ଼ରୁ ମାଂସ ଛଡା ଯାଏ
ସତରେ କେତେ ନିୟତି ନିଷ୍ଠୁର ...
ନିଆଁରେ ଜଳିଯାଏ ଗର୍ବ ଦମ୍ଭ
ଐଶ୍ୱର୍ଯ୍ୟ ମଣିଷର ....
ଠୋ କିନା ଫାଟିଯାଏ ମସ୍ତିଷ୍କ
ଜୀବନଟା ପାଣି ଫୋଟକାର ...

ଇଶ୍ୱରଙ୍କୁ ଭେଟିବାକୁ ହେଲେ
ଆସ ଥରେ ସ୍ୱର୍ଗଦ୍ୱାର ...
ଦେଖିବ ଅପୂର୍ବ ମୂର୍ତ୍ତି
ସତ୍ୟ ଶିବ ସୁନ୍ଦର ...
ଏଠି ସବୁ ଶେଷର
ଶେଷରେ ଦିଆଯାଏ ହସ୍ତାକ୍ଷର ...
ମା ପରି କୋଳରେ ପୁରାଇ
ନିଘୋଡ଼ ନିଦରେ
ଶୁଆଇ ଦେଉଛି ମଣିଷକୁ ଶାନ୍ତିର ....

******


ଚକ୍ଷୁ ଚିକିତ୍ସା ସହକାରୀ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
ଚକ୍ଷୁ ବିଭାଗ, ପୁରୀ
9437352560

## ଅବଲୁପ୍ତ ପ୍ରେମର ଫସଲ



### ସିଦ୍ଧେଶ୍ୱର ତ୍ରିପାଠୀ

ମୁଁ ଏମିତି ଉଜୁଡା ଫସଲ
ତୁମେ ଏକ ଅଦିନିଆ ବଢି
ମୋ ଅସ୍ତିତ୍ୱ ଆଜି ଲୁପ୍ତପ୍ରାୟ
କୋହ ଭରା ପଟୁମାଟି ଚଢି ।

ଅତୀତରେ ଆସିଥିଲ ତୁମେ
ଟପଟପ ବରଷା ଟୋପାରେ
ଶାଖା ମେଲି ଝୁମି ଉଠିଥିଲି
ଧୀରେ ଧୀରେ ତୁମ ପରଷରେ ।

ବାରବାର ତୁମରି ପରଷେ
ଫୁଟିଥିଲା ପ୍ରେମ ଫୁଲକଢ଼ି
ମୁଁ ଏମିତି ଉଜୁଡା ଫସଲ
ତୁମେ ଏକ ଅଦିନିଆ ବଢି ।

ଅମୃତର ସୁଆଦ ଚଖାଇ
ଶେଷେ ମୋତେ ଦେଇଗଲ ବିଷ
ଫଳ ବିନା ଗଛ ମଉଳିଲା
ରହିଗଲା ଗୋଟେ ଅବଶୋଷ ।

ମାରିଦେଲ ଏମନ ଚାଷୀକୁ
ସାରାବର୍ଷ ଦେଲଗୋ ଉଜାଡ଼ି
ମୁଁ ଏମିତି ଉଜୁଡା ଫସଲ
ତୁମେ  ଏକ ଅଦିନିଆ ବଢି ।

******

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

## ଅନୁଭବ



### ପୁଷ୍ପିତା ଜେନା

ବିବାହ ନୁହେଁ ଦୁଇ ଦିନର ଖେଳ
ବିବାହ ବନ୍ଧନରେ ବାନ୍ଧି ହେବା ପ୍ରକୃତିର ଏକ ବିଚିତ୍ର
ନିୟମ (୧)

ପିଲାଦିନର ଧୂଳିଖେଳ, ଅତୀତର ବାଲ୍ୟ ସ୍ମୃତିଭରା
ପିତୃ ଆଳୟକୁ ତ୍ୟାଗକରି
ଶ୍ୱଶୁରାଳୟରେ ପାଦ ଦିଏ ନୂଆ ବଧୂବେଶ ସାଜି (୨)

କେତେ ଭୟ , କେତେ ଆଶା ଓ କେତେ କେତେ ସ୍ୱପ୍ନ
ପତିଙ୍କୁ ଦେବତା ମଣି ବିବାହ ମଣ୍ଡପେ ଏକତ୍ର
ଫେରାନେଇ
ଜଜ୍ଞ ବେଦିରେ ଚରୁଅନ୍ନ ଖାଇ ଶପଥ ନିଏ
ବଂଚିଥିବା ଯାଏ ଅଗ୍ନି ପରି ଜଳି ଜଳି ସମସ୍ତଙ୍କୁ ଆଲୋକ
ଦେଇ ପାରିବ ବୋଲି ସିଏ (୩)

ଅଲିଅଳି ଗେଲ୍ହି ଝିଅ ଭୁଲିଯାଏ ତା'ର
ସ୍ନେହ ଶ୍ରଦ୍ଧା ଭରା ଅତୀତକୁ
ସବୁ ବାଧା ବିଘ୍ନକୁ ଆଡେଇ ଚାଲେ କିପରି
ଏକ ସୁଗୃହିଣୀ ହେବାର ସ୍ୱପ୍ନ ନେଇ (୪)

ସମସ୍ତଙ୍କୁ ସ୍ନେହର ଡୋରିରେ ବାନ୍ଧିବାକୁ ଶତଚେଷ୍ଟା
କରେ
କିଏ ମୁଖର ପ୍ରଶଂସାର ବୋଝରେ ଲଦି ଦିଏ ତ
କିଏ ଅନ୍ତରାଳରେ ତାର ଛୋଟ ଛୋଟ
କ୍ଷୁଣର ଛିଦ୍ର ଖୋଜିବୁଲେ (୫)

ପତିଙ୍କ ସହିତ ବିତାଇଥିବା ସେ ଅଭୁଲା ବାସର ରାତି
କେତେ ଲାଜ, ଅଭିମାନ , ସ୍ୱପ୍ନ ନେଇ ନୂଆ ସଂସାର
ଗଢିବାର
ପ୍ରତିଶୃତି ଦେଇ ଥାଇ (୬)

ରାମ ସୀତା ଯୋଡି ପରି ଭଗବାନ
ସ୍ୱର୍ଗରୁ ଏକ ପୁରୁଷ ପାଇଁ ନାରୀକୁ ରଚେ
ସମୟ କ୍ରମେ ଏକତ୍ର ମିଳାଏ
ବିବାହ ରୂପୀ ବନ୍ଧନରେ ସଜାଇ
ସଂସାର ତରୀରେ (୭)

ପତିଧର୍ମ ବ୍ରତ ପାଳିବାକୁ ସେ ପାଦେ ନ ହଟଇ
ସୁଜନନୀ ହୋଇ ଜୀବନ ବାହିବାକୁ
ନିଜର କର୍ତ୍ତବ୍ୟ କରି ଚାଲଇ (୮)

ଜୀବନର ଏହି ଅଭୁଲା ସ୍ମୃତିର ଦିନଟି
ପ୍ରତିବର୍ଷ ମନ ମଧ୍ୟେ ଉଙ୍କି ମାରେ
ଅତୀତର ଦୁଇ ପରିବାର ବର୍ଗଙ୍କ ମିଳନର
ସ୍ମୃତିକୁ ମନ ମଧ୍ୟରେ ସଞ୍ଚାରେ (୯)

ଏ ଶୁଭ ଦିବସରେ ମାତୃ ଚରଣରେ ପ୍ରଣତି ଜଣାଏ
ଶାରୀରିକ ଓ ମାନସିକ ଶାନ୍ତି ଦେଇ
ଏ ଭରା ପୁରା ସଂସାରକୁ ବାହିନିଏ
ରାମସୀତା ଯୋଡି ପରି
ହାତରେ ଶଙ୍ଖା, ମଥାରେ ସିନ୍ଦୁର ନେଇ
ସଦା ସୁହାଗିନୀ ହେବାର ସ୍ୱପ୍ନ ଦେଖୁଥାଇ ନିତି (୧୦)

******

୪୨୧, ସାଉଥ ଦିଲ୍ଲୀ ଆପାର୍ଟମେଣ୍ଟ,
ପ୍ଲଟ ନ. ୮, ସେକ୍ଟର -୪
ଦ୍ୱାରକା, ନୂଆ ଦିଲ୍ଲୀ -୧୧୦୦୭୮
ମୋ. ନ.: ୯୮୧୦୦୫୫୪୭୬

# କବିତା ତିନି ଜଣଙ୍କର



## ନିଶିକାନ୍ତ କହଳସିଂହ

–: ବାପାଙ୍କ କବିତା : –
ତୁମଠୁ ଶିଖି ମୋ'
କଲମୁ କବିତା
ଝରିଗଲା ଟୋପାଟୋପା,
ତେଲ, ଲୁଣର ସେ
କବିତା ଲେଖିବା
କେବେ ଶିଖାଇବ ବାପା ??

-- : ମାଆର କବିତା : –
କାଲି ଶୁଣିଥିଲି
ଅକାଳେ ସକାଳେ
ମାଆ ଗାଳି ଦାଣ୍ଡଧୂଳି,
ଆଜି ମୁଁ ଦେଖୁଛି
ତୋ' ମୁହଁର ଗାଳି
ଶହେ କବିତାରୁ ବଳି ।।

-- : ଈଶ୍ୱରଙ୍କ କବିତା : –
ଲେଖିବି ବୋଲି ମୁଁ
ତୁମରି କବିତା
ଜୀବନଟା ସରିଗଲା,
ତୁମ କବିତାର
ପ୍ରଥମ ପଦ ବି
ଅଧାଲେଖା ରହିଗଲା ।।

******

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା-୭୫୨୦୬୨
ମୋ : ୯୯୩୭୯୫୩୫୨୬

## ତୁଚ୍ଛ ସମ୍ପର୍କ



### ରାମ ଚନ୍ଦ୍ର ପ୍ରଧାନ

ସ୍ୱାର୍ଥପର ଏଇ ଦୁନିଆଁ ବୁକୁରେ
ନୁହେଁ କେ' ରଜନୀଗନ୍ଧା
ତୁଚ୍ଛ ସମ୍ପର୍କର ଅଡୁଆ ସୁତାରେ
ସର୍ବେ ଆଜିକାଲି ବନ୍ଧା ।
ସବୁଠି ଚାଲିଛି ସ୍ୱାର୍ଥର ସାଧନା
ନା' ଅଛି ବୁଦ୍ଧି ବିବେକ
ସଂସାର ସାଗରେ ଅର୍ଦ୍ଧମଗ୍ନ ଆଜି
ସମ୍ପର୍କର କୋଣାରକ ।
ଧରମ ଦାଣ୍ଡରେ ବିଶ୍ୱାସ ହରାଇ
ସମ୍ପର୍କଟା ବାଟ ଭୁଲେ
ଅଭିନୟ ରଙ୍ଗ ଭାବନାରେ ମାଖି
ଛନ୍ଦି ହୁଏ ମାୟାଜାଲେ ।
ବୁଝିପାରେ ନାହିଁ ସମ୍ପର୍କର ମୂଲ୍ୟ
ଅବିଶ୍ୱାସ ହୃଦେ ଧରି
ତୁଚ୍ଛ ସମ୍ପର୍କରେ ହୁଏ ବାଟବଣା
ଧରମକୁ ଆଖି ଠାରି ।
ତେଣୁ ସାବଧାନ ସର୍ବେ ହୁଅ ଭାଇ
ତୁଚ୍ଛ ସମ୍ପର୍କକୁ ତ୍ୟାଗି
ମଧୁର ସମ୍ପର୍କେ ହୃଦୟକୁ ଯୋଡ଼ି
ଦୁଃଖେ ହୁଅ ସହାଭାଗି ।
******

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

## ପ୍ରିୟା ଗୋ



### ଯମେଶ୍ୱର କହଲସିଂହ

– :ଏକ :--

ପ୍ରିୟା ଗୋ !
ତୁମେ ପଦୁଅଁକେଶରୀ ଧାନ
ସୁନା ସୋରିଷିଆ ଜହ୍ନ
କବିତାର ଉପାଦାନ
ତୁମ ରୂପକାନ୍ତି ଦେଖିଦେଲେ ଥରେ
ହୁଏ ଭ୍ରମ ମୁନି ମନ ।।

-- : ଦୁଇ :--

ପ୍ରିୟା ଗୋ !
ତୁମେ ଅନୁକୂଳ ଗୁଆପାନ
ରୁପା ତାରକସି କାମ
ମୋ' ମନ ଗାଧୁଆ ତୁଠେ ଦେଖୁଅଛି
ନିତି ତୁମ ପାଦଚିହ୍ନ....।।

-- :ତିନି : –

ପ୍ରିୟା ଗୋ !
ତୁମେ ଯଉବନ ବନ ଫୁଲ
ତୁମେ ମୋତିଟେ ଅମୂଲମୂଲ
ତୁମେ ପୁଣି ମୋ'ର ବିଦ୍ରୋହୀ ଆଖିର
ଉତକ୍ଷିପ୍ତ ନିଆଁଝୁଲ ...।।
******

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା -୭୫୩୦୭୨
ମୋ : ୯୯୩୭୪୭୨୧୧୮

# ଶ୍ରୀ ଜଗନ୍ନାଥ କୀର୍ତ୍ତନ



## ବୈଦ୍ୟନାଥ ମହାନ୍ତି

ସଂଖନାଭି କ୍ଷେତ୍ରେ ନିର୍ମଳ ଆକାଶେ
କଳାମେଘ ଖଣ୍ଡେ ଦିଶୁଛି,
ଧଳା ବାଦଲ ର ମଝିରେ ମେଖଳା
ପଛରେ ଘନେଇ ରହିଛି,
କୃପା ଜଳ ଧାରା ବରସିବ କି........
ଭକତ ଚାତକେ ପରଷିବ କି.........
କୃପା ଜଳଧାରା ବରସିବ କି....(୧)

ଭକତ ର ବନ୍ଧୁ ଭକତ ବାନ୍ଧବ
ଭକତ ଜୀବନ ଧନ,
ଛାଡି ରତ୍ନବେଦୀ ଷାଠିଏ ପଉଟି
ଭକ୍ତ ପାଇଁ ଭଗବାନ,
କରୁଛନ୍ତି ଲୀଳା ନୀଳାଚଳରେ.....
ନୀଳଶୈଳେ ମହୋଦଧି କୂଳରେ
କରୁଛନ୍ତି ଲୀଳା ନୀଳାଚଳରେ...(୨)

ସେହି କଳାମେଘ ସାଗର କୂଳରେ
ବଡ ଦେଉଳରେ ବସିଛି,
ଘନ କାଳିଆ ସେ କଦମ୍ବ ମୂଳିଆ
ଅଳପ ଅଳପ ହସୁଛି,
ସେ ହସ ରୁ ଝରେ ଅମୃତ ଧାରା
ଭକତ ବନ୍ଧୁ ସେ ଦୁଃଖପଶୋରା
ସେ ହସ ରୁ ଝରେ ଅମୃତ ଧାରା (୩)

ସନ୍ତାପିତ ପ୍ରାଣ ତୃପତ ହୁଅଇ
ଦର୍ଶନ ମାତ୍ରକେ ଯହିଁ,
ନୀଳ କନ୍ଦରରେ ବୌଦ୍ଧଅବତାରେ
ସେହି ଦିଅଁ ବସିଥାଇ,
ଦେବେ ଅଗୋଚର ମହିମା ତାର
କି ଉପମା ଦେବ ମାନବ ଛାର,
ଦେବେ ଅଗୋଚର ମହିମା ତାର (୪)

******

ବୈଶାଳୀ, ଗାଜିଆବାଦ
8920249605

# ସ୍ମୃତିର ପାଖୁଡ଼ା



## ଡ ଚିତ୍ତରଞ୍ଜନ ମିଶ୍ର

୧. ତୁମ ହାତେ ବୁଣା
ଗୋଲାପର କଳି
ମୋ ରୁମାଲ ଦେହେ ହସେ ଖିଲିଖିଲି
ପୋଛେ ଯେବେ ମୁହଁ ସେ ରୁମାଲ ଖୋଲି
ଲାଗେ ମୋତେ ତୁମ ହାତ ଛୁଆଁ ଭଳି ।

୨. ସଳିତା ଜଳୁଛି ତେଲ ବି ଜଳୁଛି
ଦୁନିଆ କହୁଛି ଦୀପଟା ଜଳୁଛି
ତୁ ସେଠି ଜଳୁଛୁ ମୁଁ ଏଠି ଜଳୁଛି
ଆମ ପ୍ରେମ ଦେଖି ଦୁନିଆ ଜଳୁଛି ।

୩. କଳିକା ଫୁଟୁଛି ସୁରଭି ବୁଣୁଛି
ଲୋକେ ତ କହନ୍ତି ଫୁଲଟା ଫୁଟିଛି
ପ୍ରେମ ବଗିଚାରେ ନିନ୍ଦା ମହକୁଛି
ବଦନାମ କଳି ତଥାପି ହସୁଛି ।

******

ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ,
କନ୍ଧମାଳ -୭୬୨୦୧୧

## ସେବା ଅର୍ଘ୍ୟ



**ପଦ୍ମଚରଣ ମଲ୍ଲିକ**

ଶ୍ୱାନ ଶରଧାରେ ସେବା ପରଶଇ
ସୁଖେ ଦୁଃଖେ ତାର ମାଲିକ ପାଇଁ ।
ଶାରୀ ହରେ ରାମ କୃଷ୍ଣ ନାମ ଜପେ
ପ୍ରଭୁ ମୁକ୍ତି ପାଇଁ ଆସକ୍ତ ରହି ।।

କାଉ ଡାକ ଦିଏ ଠିକଣା ବେଳରେ
ଧର୍ମ କର୍ମେ ହଜିବାକୁ ମଣିଷ ।
ଗାଈ କ୍ଷୀର ଦିଏ ମଣିଷ ଛୁଆକୁ
ତା ଛୁଆକୁ ଖୁଆଇ କୁଟା ଘାସ ।।

ଦାନା କନା ବାସ ଆଶ୍ରା ଦିଏ ବୃକ୍ଷ
ସହି ଖରା ବର୍ଷା ଶୀତ କାକର ।
ସବୁ ଅଳି ଅର୍ଦ୍ଦଳି ସହି ମାଟି ମା
ମଙ୍ଗଳ ମନସେ ନିତି ସୃଷ୍ଟିର ।।

ଈଶ୍ୱର ଆଶିଷ ଦିଅନ୍ତି ଜୀବକୁ
ବଂଚି ବଞ୍ଚାଇବା ପାଇଁ ସୃଷ୍ଟିରେ ।
ପଞ୍ଚଭୂତ ସୃଷ୍ଟି ଈଶ୍ୱରଙ୍କ ଦାନ
ଜୀବ ଜଡ ପାଇଁ ନିତ୍ୟ ବିଧିରେ ।।

ସର୍ଜନା ପୂର୍ବରୁ ସୃଷ୍ଟି ସେବା ପାଇଁ
ସହଯୋଗ ସୁଧା ସୌଭାଗ୍ୟ ବିତ୍ତ ।
ରହିଥାଏ ସାଇତା ହୋଇ ଯତନେ
ଯେ ଚାହିଁବ ନେଇ ହେବ ସେ ପ୍ରୀତ ।।

ହିଂସା ଇର୍ଷା ରାଗ କ୍ରୋଧ ଅହଂକାରେ
ଯେ ଖୋଜିବ କିଛି ପାଇବ ନାହିଁ ।
ଲୋଭାତୁର ସ୍ୱାର୍ଥପର କଉଶଳେ
ଯା' ପାଇବ ସବୁ ଦେବ ହଜାଇ ।।

******


କୈବଲ୍ୟ ମାଗୁଣି ତୀର୍ଥ , ଦୈତାରୀ ପୁର,
ଆଳି, କେନ୍ଦ୍ରାପଡା, ଓଡିଶା
ପିନ-୭୫୪୨୩୯
ମୋବାଇଲ: ୯୪୩୭୪୭୨୧୧୭


## ସମର୍ପଣ



**ବେବିନା ମଲ୍ଲିକ**

ପ୍ରଭୁଙ୍କ ନାବରେ ଧର୍ମକୁ ଆହୁଲା
କର୍ମ କରିଯିବି ମୁହିଁ
ତୋ ଆଶୀଷ ନେଇ ଚାଲୁଥିବି ସଦା
ସାଥେ ଥିବୁ ସାହା ହୋଇ .... (୧)

ବାପା ମାଆ ମୋତେ ଆଶୀର୍ବାଦ ଦେବେ
ସାଥି ସହୋଦର ସ୍ନେହେ
ଆଶ୍ୱାସନା ଦେଇ କୋଳେଇ ନେବେ ସେ
ଦୁଃଖ ଥିବ ମୋର ଯେତେ ...(୨)

କିଛି ଲୋଡ଼ା ନାହିଁ , ପ୍ରଭୁ ତୋର ପାଶେ
ଧାରା ଧାମେ ଥିବ ଯାଏ
ଶାନ୍ତିରେ ମୋତେ ତୁ ବଞ୍ଚିବାକୁ ଦେବୁ
ସୁଖ ଦୁଃଖ ସାଥେ ସାଥେ ....(୩)

ତୋ ହୃଦରେ ଥାଇ ସବୁରି ଦୁଃଖରେ
ପ୍ରାଣ ପଛେ ଚାଲି ଯାଉ
ଡ଼ରିନି, ଡରୁନି , ଡ଼ରିବିନି କେବେ
ତୋର ଇଚ୍ଛା ଯାହା ଥାଉ ...(୪)

ଶେଷରେ ତୋ ପାଦେ ସମର୍ପି ଦେଉଛି
ଏ ମୋର ଭୀଷ୍ମ ପ୍ରତିଜ୍ଞା
ଯାଜ୍ଞସେନୀ ଭଳି ବସ୍ତ୍ର ମୁଁ ଧରିଛି
କରିବୁ ନିଶ୍ଚୟ ରକ୍ଷା ...(୫)

ଦିନ ସରିଯାଉ ବେଳ ବୁଡ଼ିଯାଉ
ତୋର ନାମ ଗାଇ ଗାଇ
ଅପେକ୍ଷା କରିଛି ତୋ ଭାବ ମୂରତି
କେବେ ଥରେ ଦେଖା ହେଉ ....(୬)

ସବୁରି ଅନ୍ତରେ ଦେଖୁଛି ତୋତେ ମୁଁ
ତଥାପି ବୁଝୁନି ମନ
ନିଶ୍ଚିତ ପ୍ରତୀକ୍ଷା ସାଥିରେ ଅଛି ମୁଁ
କେବେ ଆସିବ ସେ ଦିନ ....(୭)

ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ
ଦୁଃଖୀ ଥାଳ ଭରିଯାଉ
ତୋର ଗୁଣ ଗାଉ ଗାଉ ..(୮)

ଓଁ ଶାନ୍ତି

******

ଏ-୨୯, ଫାଷ୍ଟ ଫ୍ଲୋର
ରାମପୁରୀ, ଗାଜିଆବାଦ

# ଶାନ୍ତି ର ବାର୍ତ୍ତା ଦେଇ ଦେ



**ସୁଚରିତା ମହାନ୍ତି**

ତୁ ଆସିଗଲୁ ନୂଆ କିଛି
ଚିତ୍ର ଆଙ୍କିବା କୁ ପୁରୁଣା ଚିତ୍ର
ଏ ଯାଏ ଦହଗଞ୍ଜ ହୋଇ
ନିତି ମରନ୍ତି କେଉଁଠି ନା
କେଉଁଠି କାହା ଅଳନ୍ଧୁ ଭର୍ତ୍ତି
କାନ୍ଥରେ
ତା'ର ହିସାବ ନାହିଁ
ଏଠି ଅଛି କ'ଣ ଆଉ !!

ସମସ୍ତେ ପରାହତ ନାୟକ
ଜୀବନ ଯୁଦ୍ଧରେ
ତୁ ପୁଣି କ'ଣ ଏମିତି ଆଙ୍କିବା କୁ
ମନ ବଳେଇଛୁ !

ମୁଁ ଏବେ ଖୋଜୁଛି
ସେମାନଙ୍କ ପାଦ ଚିହ୍ନ
କେଉଁଠି କିଏ ଛାଡ଼ି ଯାଇ ନଥିବେ ତ
ତୁ ଧସେଇ ହୋଇ ପଶି ଆସିଛୁ
ନୂଆ ବର୍ଷ ଟା
ସମସ୍ତେ ତୋରି ପ୍ରେମ ରେ ବାଇୟା
ଭୁଲିଗଲେଣି ଅତୀତର
ମହାର୍ଘ ମୁହୂର୍ତ୍ତ ମାନଙ୍କୁ ।

ଏଠି ମାଟି ହାଣ୍ଡି ପରି
ଭାଙ୍ଗି ରୁଜି ଚୁରମାର ହୋଇଯାଏ ଆଶା,
ହାତ ପାପୁଲି ରୁ ଖସିଯାଏ
ବିଶ୍ୱାସ ର ବାଲିଘର,
ଶ୍ୟାମଳ ସ୍ୱପ୍ନ ସବୁ ହଜି ଯାନ୍ତି

ଶକୁନି ର ପଶାକାଠି
ଦେଖି ।

ତୁ ବା କେଉଁ ଦ୍ରୌପଦୀ ନା
ପାଣ୍ଡବ ଙ୍କୁ ଦେଇ ପାରିବୁ
ନ୍ୟାୟର ସିଂହାସନ

ଚିମୁଟାଏ ଖୁସି ଭିତରେ
ମଣିଷ ବୁଝି ପାରେନି
ଅୟୁତ ଦୁଃଖ ତା ପିଠି
ଥାପୁଡ଼େଇ ଚାଲି ଆସନ୍ତି
ଆହା କି ରାହା ଦେବାକୁ
କିଏ ବା ଥାଏ !!

ଏଠି ଶବ ବି ଅଣନିଃଶ୍ବାସୀ
ହୋଇ ପଡ଼େ
ନ୍ୟାୟ ପାଇବାକୁ ।

ସମୟକୁ ପିଠି କରି
ଠିଆ ହେଲେ କ'ଣ ଲାଭ
ସେଦିନ ଯାହା ଥିଲା
ଆଜି ବି ସେୟା ଅଛି
ତୋ ଚିତ୍ର ରେ ବିଷାଦ ଓ
ଅବସୋସ ର ଛାଇମାନେ
ଅଣାୟତ୍ତ ହୋଇ ଢେଉ ଭାଙ୍ଗୁଥାନ୍ତି
ତୁ କେତେ ଚିତ୍ର ଆଙ୍କି ପାରିବୁ
ଆଙ୍କି ଦେ ।

ଶୃଙ୍ଖଳା ଆଦର୍ଶ
ଲୁହ ଲହୁ ନେଇ ରଙ୍ଗ ଭରି ଦେ
ଶୋଷଣ ର ଚଉଡ଼ା ଛାତି ଉପରେ
ପାରିବୁ ତ ମୁକ୍ତି ର ମାର୍ଗ ଟେ ଦେଖେଇ ଦେ
ନୂଆ କିଛି ଚିତ୍ର ଭିତରେ
ଶାନ୍ତି ର ବାର୍ତ୍ତା ଟେ
ଦେଇ ଦେ ।।

******

ସଂପାଦିକା' ଭଞ୍ଜଦୀପ'
୮୯୧୭୫୭୧୨୦୨

# ଇଛା



**କୁମାର ପ୍ରସନ୍ନ ମହାନ୍ତି**

ଇଛା ତ ଅମାନିଆ
ଉଡ଼ିବୁଲେ
କାହିଁ କେତେ ଦୂରେ..
ମନ ସିନା ରହିଯାଏ
ପଞ୍ଜୁରୀ ଭିତରେ
ହେଲେ ଅସୁମାରୀ ଇଛା
ଉଡୁଥାଏ ମୁକ୍ତ ଆକାଶ ରେ ;

ଇଛା ହୁଏ ଏଇ କାକର ଭିଜା
ଚୁନା ଚୁନା ଗଙ୍ଗଶିଉଳି ଫୁଲରେ
ସଜେଇ ଦିଅନ୍ତି କେବେ
ତୁମ କବରୀ କୁ..,

ଇଛା ବି ହୁଏ
ଶୀତ ସକାଳ ର
କଅଁଳ ଖରାରେ ପ୍ରଜାପତି ସାଙ୍ଗେ
ସୋରିଷ ଫୁଲ ର କୁନିକୁନି ପାଖୁଡା ର
କଅଁଳ ସ୍ପର୍ଶ ରେ ଛୁଇଁଯା'ନ୍ତି
ତୁମ କମନୀୟ ଅଙ୍ଗରଙ୍ଗ କୁ..,,

ଇଛା କରେ ପୁଣି _
ଶୀତ ସଂଜ ରେ ଲାଜୁଆ ଜହ୍ନ ର
ଫିକା ଫିକା ହସ ପରି
ତୁମ ଓଠ ରେ ଓଠ ଥାପି ହସିବାକୁ,

ଇଛା ତ ଥାଏ..
ତୁମ ସହ ଏଇ ଶୀତଳ ଜ୍ୟୋସ୍ନା ରେ
ନିଜକୁ ଗୋଟାପଣେ ଭିଜାଇ ଦିଅନ୍ତି...;

ଇଛା ଆଉ ଅନିଛା ର ଦୋଛକି ରେ
ଅମାନିଆ ମନ
ଯାହା ଛଟପଟ ହୁଏ ସିନା
ସଂଜ ବୁଡି ଯାଉଥାଏ କିନ୍ତୁ
ରାତି କୁ ସ୍ୱାଗତ ଜଣାଇ ।।

******

ମେସର୍ସ ସିମେନ୍ସ ଲିଃ, ଝଜ୍ଜର, ହରିଆନା

# ସୁଇସାଇଡର ଫାଇଦା



**ଶ୍ରୀଯୁକ୍ତ ସତ୍ୟାନାଶ**

ବଞ୍ଚିବାଠୁ ମରିବାର ଫାଇଦା ଅଧିକା;
ଏଇକଥା ବାରମ୍ବାର
ବୁଝେଇଚି ମତେ ମୋ ଧର୍ମଶଳା ଭିକା ।
ପଲିସି ଏଜେଣ୍ଟ ବୋଲି
ତା କଥା କେବେ ମୋ ମନକୁ ଭେଦିନି;
ସେଇରାଗେ ପାଞ୍ଚବର୍ଷ ହେଲା
ସିଏ ଆମ ଦୁଆର କୁଦୁନି ।

କିନ୍ତୁ.. ଟିଭିରୁ ଅନେକଙ୍କର
ସୁଇସାଇଡ୍ ଖବର ଶୁଣିକି
ମନରେ ଭାବିଲି ;
ଭିକା କହିଥିବା କଥା
ଶତକଡ଼ା ଶହେ ସତ ବୋଲି ।
ନହେଲେ କାହିଁକି ;
ଏଡେ ଏଡେ ଖ୍ୟାତନାମା ଲୋକ
ମରୁଥାନ୍ତେ ରେଳକାନ୍ଧେଇକି ଅବା
ଦଉଡ଼ି ଦେଇକି !!

ସ୍ତ୍ରୀ ଓ ପିଲାଙ୍କୁ ଡାକି ପାଖରେ ବସେଇ;
ଏଇ ଶୁଭ ଖବରଟା ଦେଲି ମୁଁ ଶୁଣେଇ ।
ଆସନ୍ତା ଦଶଦିନରେ ଭଲ ବେଳା ଦେଖି
ସୁଇସାଇଡ୍ କରି ମୁଁ ହେଇଯିବି ବିଦା;
ତାପରେ ଖାଲି ତ ତୁମ ଫାଇଦା ଫାଇଦା ।

ମୋ କଥା ଶୁଣିକିରି
ସ୍ତ୍ରୀ ଜମା ଖୁସି ହେଲେ ନାହିଁ ;
ଅବଶ୍ୟ, ଫାଇଦା ନଜାଣିକିରି
କିଏ ଖୁସି ହୁଅନ୍ତା ବା କାହିଁ ?
ମୁଁ କହିଲି-  ଆଗୋ; ଭିକା କହୁଥିଲା ପରା
ବଞ୍ଚିବାଠୁ ମରିବାର ଫାଇଦାଟା ବେଶି;
ସୁଇସାଇଡ୍ କରିବାକି ଦୁହେଁଯାକ ମିଶି ?
ମୁହଁକୁ ଶୁଖେଇ ;
ଶ୍ରୀମତୀ କହିଲେ ନାଇଁ ନାଇଁ ।
ଦିହେଁଯାକ ଏକାସାଙ୍ଗେ ଗଲେ
କେମିତି ବା ହେବ ..
ଆଗକୁ ତ ପୁଣି ଝିଅ ବାହାଘର ହବ ?

ମୁଁ କହିଲି ହଉ ଠିକ୍ ଅଛି;
ଏକଥା ବିଷୟରେ ଜମା
କାହାକୁ ବି କହିବନି କିଛି ।

ଦିଦିନ ପରେ
ପଡ଼ିଶାଘର ଦାସବାବୁ କହିଲେ ସାର୍ ;
ମତେ ଟିକେ ଆପଣଙ୍କ ଗାଇଡାନ୍ସ ଦରକାର ।
ପଚାରିଲି - କୋଉ ବିଷୟ?
ସେ କହିଲେ - ଆତ୍ମହତ୍ୟା କରିବାର
ବିନା କଷ୍ଟେ ସହଜ ଓ ସରଳ ଉପାୟ ।
ତୁମେ ପରା ସୁଇସାଇଡ୍
କରିବାର ଫାଇଦା ଜାଣିଚ;
କରିବାକୁ ଉଚିତ ମଣିଛ ?
କାଲିଠାରୁ ସେଥିପାଇଁ ଆମଘରେ କଳି;
ସ୍ତ୍ରୀ ମତେ ଲଗେଇଚି
ସୁଇସାଇଡ୍ କର କର ବୋଲି ।
ମୁଁ କହିଲି- ଦାସବାବୁ.. ହଉ ..
କହିବି ଯେ ଦିଦିନ ଯାଉ ।।

ତା ପରଦିନ;
ମୋ ପାଖେ ହାଜର ହେଲେ
କଲୋନୀର ଆଠଦଶ ଜଣ ।
ଏକା ପ୍ରଶ୍ନ ଏକା ଅଭିଯୋଗ ;
କେମିତି ଉପାୟ କଲେ
ଆତ୍ମହତ୍ୟା ହେବ ଉପଭୋଗ୍ୟ ??

ଏମିତି ଏମିତି ହେଇ
ସହରଟା ରାଷ୍ଟ୍ର ହେଇଗଲା ..
ଯେ ଶୁଣିଲା ଉତ୍ସାହିତ ହେଲା ।
କ୍ୟାମେରା ବୁମ୍ ଧରିକି
ଦଉଡ଼ିଲେ ଟିଭିଚାନେଲ୍ ବାଲା ।
ମୋର ଆଉ ମୋ ସ୍ତ୍ରୀ ପିଲାମାନଙ୍କର
ପାଟିପାଖେ ଦିନରାତି ବୁମ୍ ଲଗେଇ;
ପ୍ରଶ୍ନ ପଚାରି ପଚାରି
ଦେଲେନାହିଁ କାହାକୁ ବି ଶୁଆଇ ବସେଇ ।
ଅନେକ ମିଡିଆବାଲା ବି ଭାରି ଇଣ୍ଟରେଷ୍ଟ;
କରିବେ ଆତ୍ମହତ୍ୟାର ଲାଇଭ୍ ଟେଲିକାଷ୍ଟ ।

ଧାଇଁ ଅାସି ରାମ ସାହୁ ସଉଦା ଦୋକାନି;
କହିଲା- ସାର୍, ଅାପଣଙ୍କ ମୋଟ ବାକି
ନ ହଜାର ପାଞ୍ଚଶହ ତିନି ।
ଆପଣ ତ ଯିବେ;
ଯିବା ଅାଗୁ ବାକିଖାତା କ୍ଲିୟର କରିଦେବେ ।

ମୋ ଶଳା ଭିକା କହିଲା ..
ଦିଅ ମୋତେ କୋଡ଼ିଏ ହଜାର ;
ଯିବା ଆଗରୁ କିଛିନହେଲେ ପଲିସିଟେ କର ।
ବ୍ୟାଙ୍କବାଲା କହିଲେ ଶୁଝିଦିଅ ଲୋନ ;
ବନ୍ଧୁ ଜଣେ କାନରେ କହିଲେ
ଯିବା ଆଗୁ ମତେ ଟିକେ କରିଦେବ ଫୋନ ।
ଫେସବୁକରେ ଫଟୋଟେ ଛାଡ଼ିବି;
ଶ୍ରଦ୍ଧାଞ୍ଜଳି ଦେବି ॥

ଥାନାବାବୁ ମୋ ଦୁଆରେ ଲଗେଇଲେ ଗାଡ଼ି,
କହିଲେ ଜାଣିଚୁ ..
ଆଟେମ୍ପ୍ଟ ସୁଇସାଇଡ ଅପରାଧ ପାଇଁ
ହାଜତକୁ ସିଧା ନେବି ଭିଡ଼ି ।
ତାଙ୍କୁ ଦିହଜାର ଦେଇ କଲି ସିନା ବିଦା;
ଜ୍ଞାନ ମୋ ଉଦୟ ହେଲା..
ମରିବାରେ ନୁହଁ ବରଂ
ବଞ୍ଚିବାରେ ଅନେକ ଫାଇଦା ॥

******

୯୪୩୭୧୩୧୨୦୧

## ମୋ ଧଳା ମାଣିକରେ



### ବ୍ୟଙ୍ଗକବି ସମ୍ପଦ କୁମାର ରଥ

ଧିରେ ଘେନ ବଜାରରେ କନ୍ୟା ବିଳମ୍ବିତ
ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ
ମୋ ଧଳା ମାଣିକରେ ।

ବଜାରି ଲୋଭାନ୍ତି ଦେଖି ଏ ତୋର ସୁଷମା
ବାର, ବାର ବାରୁ ଥାଇ ଯିବାକୁ ସିନେମା
ମୋ ଧଳା ମାଣିକରେ ।

ମିନିସ୍କଟ ପିନ୍ଧି ଯେବେ ଚାଲିଯାଉ ତୁହି
ଦେହେ ବସ୍ତ୍ର ଅଛି ବୋଲି ଜଣା ପଡେ ନାହିଁ
ମୋ ଧଳା ମାଣିକରେ ।

ଲିପିଷ୍ଟିକ ବୋଳା ଓଠ ବବକଟ କେଶ
ଏ ବେଶ ଦର୍ଶନେ କିଏ ନ ହୋଇବ ବଶ
ମୋ ଧଳା ମାଣିକରେ ।

ମୋବାଇଲ ଧରି ଗପୁଥାଉ ଦିନ ରାତି
ଯେତେ ଛତରା ବଜାରି ସଭିଏଁ ତୋ ସାଥି
ମୋ ଧଳା ମାଣିକରେ ।

ଘଣ୍ଟା, ଘଣ୍ଟା ଧରି ଫେସ ବୁକ ଥାଏ ଖୋଲା
ଚାଟିଙ୍ଗ ରେ କିଏ ତୋତେ ସରି ହେବ ଭଲା
ମୋ ଧଳା ମାଣିକରେ ।

ଚିକେନ ମଟନ ବିନା ନରୁଚେ ଆହାର
ଏବେ ତା ସାଙ୍ଗରେ  ଟିକେ ପିଉଛୁ ବିଅର
ମୋ ଧଳା ମାଣିକରେ ।

ଆଲବମ ଗୀତ ସାଥେ ବେତାଳିଆ ନାଚ
ଲାଗେ ଯେମିତି ଜାଲେ ପଡ଼ିଛିକି ମାଛ
ମୋ ଧଳା ମାଣିକରେ ।

ଦିନ ସରେ ନାହିଁ ମୋର ତତେ ଡରୁ, ଡରୁ
କଲେ ଧରମ ଭାଇ ସାଙ୍ଗରେ ଚାଲିଯିବୁ ଘରୁ
ମୋ ଧଳା ମାଣିକରେ ।

ନେଲୁ ନାହିଁ କାହିଁ ପାଇଁ ମୋବାଇଲ ତୋ'ର
କେଉଁ ବାଡ଼ିଖିଆ ଫୋନ କରେ ବାରମ୍ବାର
ମୋ ଧଳା ମାଣିକରେ ।

ସଞ୍ଜ ଗଡିଯାଇ ଏବେ ହୋଇଲାଣି ରାତି
କେଉଁଠି ରହିଲୁ ଧନ ଫାଟିଯାଏ ଛାତି
ମୋ ଧଳା ମାଣିକରେ ।

ଘରକୁ ଆସିବା ତୋର ହୋଇବାରୁ ଡେରି
ଟିଉସନ ସାର ଆସି ଗଲେଣିତ ଫେରି
ମୋ ଧଳା ମାଣିକରେ ।

ଲଫଙ୍ଗା ତ ମାତିବାର ଶୁଭୁଛି ଶୃତିକି
ମୁଁ ଡ଼ାକୁଣୀ  ଆଜି ତୋତେ ଛାଡ଼ିଲି କାହିଁକି
ମୋ ଧଳା ମାଣିକରେ ।

ବୃଦ୍ଧ କାଳେ ତୁ ମୋହର ଏକଇ ଦୁଲଣୀ
ସମ୍ପଦ କହିଲା ମୋତେ ତୋ ଗୁଣକୁ ଗୁଣି
ମୋ ଧଳା ମାଣିକରେ ।

******

କାକଟପୁର, ପୁରୀ

# ବାପ ହେ....



## ସୌଭାଗ୍ୟ କୁମାର ସାହୁ

ବାପ ହେ....
ମୁଁ କରିଥିଲି କେଉଁ ପାପ ହେ...
ଝିଅକୁ ତୁମର ମୋତେ ବାହାଦେଇ,
ଦେଲକାହିଁ ଅଭିଶାପ ହେ...!

କହିଲ ଦେବାକୁ ମାରୁତି କାର
ଯଉତୁକ ଦେଲ ଭଙ୍ଗା ସ୍କୁଟର...
ବେକରେ ବାନ୍ଧିଲ ଓଲେଇ ଗାଈ
ବାହାରେ ବୁଲେସେ ପଘା ଛିଣ୍ଡେଇ....
ମାସକ ଦରମା ଦଶ ଦିନେ ଖାଇ,
ଦେଉଅଛି ଖପକପ ହେ...
ବାପା ହେ... (୧)

ଶାଢ଼ୀ ପିନ୍ଧିଲେସେ ପଡୁଛି ଝୁଣ୍ଟି
ଜିନ୍ସ ପିନ୍ଧେସିଏ ଆଣ୍ଠୁକୁ କଣ୍ଟି...
ପକେଇ ଜାଣିନି ସେ ଚିତା ଝୋଟି
ଘୋଡାଲାଞ୍ଜ ପରି କାଟିଛି ଚୁଟି...
ବିୟୁଟି ପାର୍ଲର ଯାଇ ଦଶଥର,
ମୁହଁରେ ଲଗାଏ ଲେପ ହେ...
ବାପ ହେ.... (୨)

ଅଙ୍ଗା କରିବାକୁ ଶାଳିଟେ ନାହିଁ

ହଜାରେ କରିଛି ସେ ଧରମ ଭାଇ...
ଫୋନ କଲ ଯେବେ ହେଲା ମାଗଣା
ଟୋକା ଘେରିଗଲେ ମୋର ଅଗଣା....
ରାତି ଅଧଯାଏ ନିତି ଚାଲିଥାଏ,
ଭାଇ ଭଉଣୀ ଙ୍କ ଗପହେ...
ବାପ ହେ... (୩)

କହିଦେବି ଯଦି ରାଗିକି ଘରେ
ସାତ ପୁରୁଷମୋ ଉଧାର କରେ....
ଲାଗେ ମୋତେ ସିଏ ସାକ୍ଷାତ କାଳୀ
ଛେଳି ପରି ମୋତେ ପକାଏ ବଳି...
ଛାତୁ ବେଲଣାରେ ଚପଲ ମାଡ଼ରେ,
ପିଠିରେ ଛାଡେମୋ ଛାପହେ... (୪)

ସ୍ୱାସ୍ଥ୍ୟ କାଳେ ତାର ହୋଇବ ହାନୀ
ସେଥିପାଇଁ ସିଏ ମାଆ ହୋଇନି...
ପାଞ୍ଚବର୍ଷ ହେଲା ହେଲିଣି ବାହା
କୋଳରେ ନାହିଁମୋ ଗୋଟିଏ ଛୁଆ...
ସାଙ୍ଗମାନେ ମୋତେ ଶ୍ରୀଖଣ୍ଡି ଚିଡ଼ାନ୍ତି,
ମୋ ପୁରୁଷ ପଣିଆ ଧିକହେ...
ବାପ ହେ....
ମୁଁ କରିଥିଲି କେଉଁ ପାପ ହେ... (୫)
******

ସୋଗର, ଢେଙ୍କାନାଳ
ମୋ -8249801008

# ପରିପୁଷ୍ଟ ମୋ ପ୍ରାଣ ଯେଉଁଠି



**କାର୍ତ୍ତିକ ଦାସ**

ଯା' ପାଣି ପବନେ ଯା' ଶାକ ତଣ୍ଡୁଳେ ପରିପୁଷ୍ଟ ଏହି ପ୍ରାଣ ।
ସେହି ମୋ ମାତା, ଧାତ୍ରୀ, ଶିକ୍ଷୟିତ୍ରୀ ସରଗଠୁ ଗରୀୟାନ
ମୋ ପ୍ରିୟ ଉତ୍କଳ ଭୂଇଁ
ସ୍ୱତନ୍ତ୍ର ବାସନା ଭରା ଏହି ମାଟି ଜଗତେ ତୁଳନା ନାହିଁ ।।

କାନନ, କେଦାର, ଖଣି, ଗିରି, ବନ ସୁଶ୍ୟାମଳ ସବୁଜିମା
ନଦ ନଦୀ ପୁଣି ସାଗର ବୁକୁରେ ତରଙ୍ଗ ତୋଳେ ନୀଳିମା
ଜୟ ଜଗନ୍ନାଥ ଧ୍ୱନି
ଏ ମାଟିରୁ ଶୁଭେ ତିନି ଭୁବନକୁ ସମତାର ମନ୍ତ୍ର ଘେନି ।।

କୋଣାର୍କର କଳା ଭାସ୍କର୍ଯ୍ୟ ବଖାଣେ ଦକ୍ଷତା , ତ୍ୟାଗର ଗାଥା
ଧଉଳି ଗିରିର ' ଶାନ୍ତି ସ୍ତୁପ' ଗାଏ " ସଂଘଂ ଶରଣମ" ବାର୍ତ୍ତା
ପୂଜା, ବ୍ରତ, ପରମ୍ପରା
ଶାନ୍ତି, ମୈତ୍ରୀ, ପ୍ରୀତି, ଭାଇଚାରା, କଥା ଶୁଣାଏ ଜଗତ ସାରା ।।

ଆରିସା, କାକରା, ଏଣ୍ଡୁରି, ଚକୁଳି, ପଖାଳ କଂସାର ଗୀତ
ସଂସ୍କୃତି, ଐତିହ୍ୟ, ଐକ୍ୟ ତାନ ଦେହେ ଲେଖି ହୁଏ ଅବିରତ
ତୋଳି ଗର୍ବ, ସ୍ୱାଭିମାନ
ମସ୍ତକରେ ବୋଳି ତା' ପୁଣ୍ୟ ମାଟିକୁ ବାଞ୍ଛୁଛି ଶତ ପ୍ରଣାମ ।।
******

ସମ୍ପାଦକ, ଶ୍ରୀ ଅଚ୍ୟୁତ ସାରସ୍ୱତ ପରିଷଦ,
ନେମାଳ































# ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ



ବଦ୍ରୀ ମହାନ୍ତି

ସଂସ୍କୃତିରେ ପ୍ରତିଫଳିତ ହୁଏ ଧର୍ମୀୟ ଉଚ୍ଛ୍ୱାସ।

ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତି ଓ ଧର୍ମର ନିର୍ଯ୍ୟାସ କେବଳ ପ୍ରାଚୀନତମ ନୁହେଁ, ସଭ୍ୟତା ଓ ସମାଜ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି କେଉଁ ଅନନ୍ତ କାଳରୁ। ମୁଖ୍ୟତଃ ହିନ୍ଦୁ ସଂସ୍କୃତି ଚାରି ଭାଗରେ ବିଭକ୍ତ। ବେଦ ପୂର୍ବବର୍ତ୍ତୀ ଅନାର୍ଯ୍ୟଙ୍କ ମୂଳ ସଂସ୍କୃତି, ଅନାର୍ଯ୍ୟଙ୍କ ବିଜୟ ପରେ ଆର୍ଯ୍ୟ ମାନଙ୍କ ଦ୍ୱାରା ସ୍ଥାପିତ ବୈଦିକ ସଂସ୍କୃତି, ବେଦ ବିରୋଧୀ ଜୈନ ଓ ବୌଦ୍ଧ ସଂସ୍କୃତି ତଥା ବେଦ ପରବର୍ତ୍ତୀ ପୌରାଣିକ ସଂସ୍କୃତି। ଭାରତ ବର୍ଷରେ ଯେଉଁ ସବୁ ସଂସ୍କୃତିର ଅଭ୍ୟୁଦୟ ଘଟି ବିଶ୍ୱକୁ ଗବାକ୍ଷ ଖୋଲିଛି ତା ମଧ୍ୟରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ମୌଳିକ ଓ ପ୍ରାଚୀନତମ। ଏହାର ମୂଳ ମନ୍ତ୍ର ଓ ତତ୍ତ୍ୱ ହେଲା - ସର୍ବ ବ୍ରହ୍ମମୟ ଜଗତ। ସତ୍ୟ, ତତ୍ତ୍ୱ ଓ ମୌଳିକ ଧର୍ମ ବିଶ୍ୱାସରେ ପରିପୁଷ୍ଟ ଏ ଆଧ୍ୟାତ୍ମିକ ଚିନ୍ତନକୁ ସଂସ୍କୃତି ନକହି ଜୀବନ ଶୈଳୀ ବୋଲି ସୁଦ୍ଧା ଗ୍ରହଣ କରାଯାଏ। ବସ୍ତୁତଃ ସାମ୍ୟ ମୈତ୍ରୀ ଶାନ୍ତି ଓ ପ୍ରୀତିର ପୃଷ୍ଠଭୂମିରେ ଦଣ୍ଡାୟମାନ ଥିବାରୁ ଅଚିନ୍ତନୀୟ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଜୀବନ ଶୈଳୀର ପ୍ରବକ୍ତା ରୂପେ ବିବେଚନା କରୁଥିବା ମହାପୁରୁଷମାନଙ୍କୁ ସହଜରେ ଏଡାଇ ଯାଇ ହେବ ନାହିଁ। ସର୍ବବ୍ୟାପୀ ସର୍ବମୟ କର୍ତ୍ତାଙ୍କ ଅସ୍ତିତ୍ୱକୁ ଜୀବନର ଏମିତି ଏକ କ୍ଷେତ୍ର ନାହିଁ ଯେଉଁଠି ଉପଲବ୍ଧି କରିହୁଏ ନାହିଁ। ସାହିତ୍ୟରେ ଜୀବନର ଚଲାପଥ, ଆଶା ନିରାଶା ,ପୁଲକ ସଂଭାବନା ସବୁକିଛି ପ୍ରତିବିମ୍ବିତ ହେଉଥିବାରୁ ପରମ ପୁରୁଷ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଓଡ଼ିଆ ସାହିତ୍ୟ ଇତିହାସର ପ୍ରତିଟି ପୃଷ୍ଠାରେ ଚିତ୍ରିତ ଓ ପ୍ରତିଧ୍ୱନିତ।

ଓଡ଼ିଆ ଭାଷା ଓ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଏକ ଅଭିନ୍ନ ଅଙ୍ଗ। ଆମ ଭାଷା ସାହିତ୍ୟର ଜନ୍ମ ଜାତକ କାଳରୁ ଅଦ୍ୟାବଧି ଏମିତି କୌଣସି କାଳଖଣ୍ଡ ନାହିଁ ଯେଉଁଠି ତାଙ୍କର ଉପସ୍ଥିତି ଅନୁଭବ କରି ହୁଏ ନାହିଁ। ଉତ୍କଳର ଜନଜୀବନ ସହିତ ଓଡ଼ିଆ ସାହିତ୍ୟକୁ ସେ ଦଶଦିଗରୁ ବେଢ଼ି ରହିଛନ୍ତି ଏବଂ ସାହିତ୍ୟ ସୁଦ୍ଧା ଉର୍ଦ୍ଧ୍ୱସ୍ଥଳ ବିଭାମଣ୍ଡିତ ହୋଇଉଠିଛି ତାଙ୍କରି ଅଭୟ କରୁଣା ପାଇଁ। ପ୍ରାଚୀନ ଓଡ଼ିଆ ସାହିତ୍ୟଠାରୁ ଉତ୍ତର ଆଧୁନିକ ସମୟ ପର୍ଯ୍ୟନ୍ତ ପ୍ରତିଟି କାଳଖଣ୍ଡ ପ୍ରାଣବନ୍ତ ହୋଇ ପାରିଛି ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ବର୍ଣ୍ଣନାରେ। ଓଡ଼ିଆ ସାହିତ୍ୟର କାବ୍ୟ କବିତା ଗଳ୍ପ ନାଟକ ଉପନ୍ୟାସ ପ୍ରବନ୍ଧ ଇତିହାସ ଢଗ ଢମାଳି ପାଲା ଦାସକାଠିଆ ଓ ସଙ୍କୀର୍ତ୍ତନ ଆଦି ଏପରି କୌଣସି ବିଭାଗ ନାହିଁ ଯେଉଁଠି ଶ୍ରୀ ଜଗନ୍ନାଥ ନାହାନ୍ତି। ପ୍ରତି ଓଡ଼ିଆ ଲେଖକଟିଏ ନିଜ ଜୀବନ କାଳ ମଧ୍ୟରେ କୌଣସି ସୃଜନରେ ଏହି ରହସ୍ୟମୟ ଠାକୁରଙ୍କୁ ସ୍ଥାନ ଦେଇ ନିଜକୁ ଭାଗ୍ୟବାନ ମନେକରେ। ନିରାକାର ବ୍ରହ୍ମ ସ୍ୱରୂପ ବେଦରେ ବର୍ଣ୍ଣିତ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଶ୍ୱେତାଶ୍ୱେତ ଉପନିଷଦରେ ନିର୍ଗୁଣ ବ୍ରହ୍ମ ରୂପେ ଆତ୍ମ ପ୍ରକାଶ କରିଛନ୍ତି। ବେଦର ପରବର୍ତ୍ତୀ ପୁରାଣ ଓ ବିଶ୍ୱର ସର୍ବ ପ୍ରଥମ ମହାକାବ୍ୟ ବାଲ୍ମୀକି ରାମାୟଣର ଉତ୍ତରା କାଣ୍ଡରେ ବିଭୀଷଣଙ୍କୁ ପ୍ରଭୁ ଶ୍ରୀରାମ କହିଛନ୍ତି –

ଆରାଧୟ ଜଗନ୍ନାଥଂ ଇକ୍ଷାକୁ କୁଳଦୈବତମ୍
ଆରାଧନୀୟମନିଶଂ ଦେବୈରପି ସଦାସର୍ବୈଃ ।

ମାଟିର ମହାକବି ସାରଳା ଦାସ ନିଜ ମହାକାବ୍ୟ ମହାଭାରତରେ ପ୍ରାୟ ପ୍ରତିଟି ପର୍ବରେ ପ୍ରକଟିତ କରାଇଛନ୍ତି ଶୀ ଜଗନ୍ନାଥଙ୍କୁ। ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ସହିତ ଏକ ଓ ଅଭିନ୍ନ ରୂପେ ପ୍ରତିଷ୍ଠା କରିବା ସହ ବୁଦ୍ଧଙ୍କ ସ୍ୱରୂପ ରୂପେ ବର୍ଣ୍ଣନା ପ୍ରକାଶ କରି ନାହାନ୍ତି କରିବାରେ କୃପଣତା। ସାରଳା ଦାସ ପ୍ରଥମ କବି ଯେ ଓଡ଼ିଶାର ମାଟି ପାଣି ପବନ

ଭିତର ଦେଇ ଉତ୍କଳର ଜାତୀୟତା ସାହିତ୍ୟ ସଂସ୍କୃତିର ପ୍ରତୀକ ରୂପେ ରାଷ୍ଟ୍ର ନାୟକ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶାଇଛନ୍ତି। ମହାଭାରତର ମୂଷଳୀ ପର୍ବଟି ସାରଳାଙ୍କ ମୌଳିକ ସର୍ଜନାର ଏକ ବିରଳ ଦୃଷ୍ଟାନ୍ତ। ଏଥିରେ ଶ୍ରୀ ଜଗନ୍ନାଥଙ୍କ ଆବିର୍ଭାବ ଓ ପ୍ରତିଷ୍ଠା ପ୍ରକରଣରେ ଯଦୁବଂଶ ଧ୍ୱଂସ, ଶ୍ରୀକୃଷ୍ଣଙ୍କ ଦେହ ତ୍ୟାଗ ଓ ପରବର୍ତ୍ତୀ ବର୍ଣ୍ଣନାର ପଟାନ୍ତର ନାହିଁ। ରାମ-ଜଗନ୍ନାଥ,କୃଷ୍ଣ-ଜଗନ୍ନାଥ, ଶବରୀ ନାରାୟଣ-ଜଗନ୍ନାଥ, ଶ୍ରୀପୁରୁଷୋତ୍ତମ-ଜଗନ୍ନାଥ, ତୁଳସୀ-ବଲ୍ଲଭ-ଜଗନ୍ନାଥ, ନୀଳମାଧବ-ଜଗନ୍ନାଥ, ଦଧି ବାମନ-ଜଗନ୍ନାଥ, ପତିତପାବନ -ଜଗନ୍ନାଥ ଓ ହରିହର ରୂପେ ମହନୀୟ ଭାବ ପ୍ରକାଶ କରିଛନ୍ତି ସାରଳା ଦାସ। ଆଜିଠୁ ଛଅ ଶହ ବର୍ଷ ତଳେ କବିଙ୍କ ଅନ୍ତର୍ଦୃଷ୍ଟି ସମ୍ପନ୍ନ ସୃଜନ 'ମୂଷାଳୀ ପର୍ବ'ର କାହାଣୀ ପରବର୍ତ୍ତୀ ପ୍ରତିଟି ଯୁଗରେ କବି ଗାଳ୍ପିକ ନାଟ୍ୟକାରଙ୍କୁ ପ୍ରଲୁବ୍ଧ କରିଛି ନିଜ ରଚନା ମାନଙ୍କରେ ଶ୍ରୀ ଜଗନ୍ନାଥଙ୍କ ମହିମା ଗାନ କରିବା ପାଇଁ। ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କୁ ସାରଳା ଦାସ ସତ୍ତ୍ୱ,ରଜ, ତମ ଗୁଣ ଏବଂ ବ୍ରହ୍ମା,ବିଷ୍ଣୁ,ମହେଶ୍ୱର ପରି ତିନି ଦେବତା ରୂପେ ବର୍ଣ୍ଣନା କରିଛନ୍ତି –

ଜୟ ହେ ନୀଳ ସୁନ୍ଦର ପୁରୁଷ ଉତ୍ତମ
ବ୍ରହ୍ମା ରୁଦ୍ର ଅବତାର ତୁମ୍ଭେ ପୂର୍ଣ୍ଣବ୍ରହ୍ମ
ଶ୍ୱେତ ପୀତ କୃଷ୍ଣବର୍ଣ୍ଣ ତିନୋଟି ମୂରତି
ସତ୍ତ୍ୱ ରଜ ତମୋ ଗୁଣ ହୋଇ ବିରାଜନ୍ତି
ମଧରେ ବ୍ରହ୍ମ ଧରିଣ ସୁଭଦ୍ରାର ରୂପ
ରଜୋ ଗୁଣେ ଜଗନ୍ନାଥ ସୁନ୍ଦର ସ୍ୱରୂପ ।(ମୂଷଳୀ ପର୍ବ)

କ୍ଷେତ୍ର ମାହାତ୍ମ୍ୟ ଓ ଅଲୌକିକ ଠାକୁରଙ୍କ ଆରାଧନା ଏବଂ ମୁକ୍ତିର ପଥ ବର୍ଣ୍ଣନାରେ ମୁଖର କବି ସାରଳା ଭୀଷ୍ମ ପର୍ବରେ ଗାଇ ଉଠିଛନ୍ତି -" ପୁରୁଷୋତ୍ତମ ଯେ କୋଟିଏ ତୀର୍ଥ ଘେନି / ବସିଲେ ହରି ବଳରାମ ସୁଭଦ୍ରା ଏ ତିନି । ସକଳ ତୀର୍ଥ ଗୋବିନ୍ଦର ନାମ / ଏଥି ଉପରେ ଆଉ କିଛି ନାହିଁ ଧର୍ମ । ଗତି ମୁକତି ଯେ ଜଗନ୍ନାଥ ନାମ / ନାମ ସୁମରନ୍ତେ ନଥାଏ ଆଉ ଦୁଃଖ ଶ୍ରମ। ପୁରୁଷଙ୍କର ଉତ୍ତମ ତେଣୁ ଶ୍ରୀପୁରୁଷୋତ୍ତମ ନାମ / ପରମାନନ୍ଦ ସ୍ୱାମୀ ଅଧମ ଉଦ୍ଧାରଣ।"

ସାରଳା ଯୁଗରେ ପରମ ବିସ୍ମୟ ଥିଲା ପରସ୍ପର-ସଂଗତି-ଶୂନ୍ୟ ବୁଦ୍ଧ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମିଶ୍ରିତ ସ୍ୱରୂପ। ଜାରା ଶବର ମଧ୍ୟସ୍ଥତାରେ ଶ୍ରୀକୃଷ୍ଣ-ଜଗନ୍ନାଥ ମିଳନ ଓ ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତିର ସମ୍ମିଶ୍ରଣ ସହିତ ହିନ୍ଦୁ ଏବଂ ବୌଦ୍ଧ ଧର୍ମଧାରାର ଅପୂର୍ବ ସମନ୍ୱୟ ଆଜି ବି ଆଲୋଚନାର ଅପେକ୍ଷା ରଖେ। ବିପ୍ର ନୀଳାମ୍ବରଙ୍କ 'ଦେଉଳ ତୋଳା ସୁଆଙ୍ଗ' ଏହାର ଏକ ଜୀବନ୍ତ ଆଲେଖ୍ୟ। ପରବର୍ତ୍ତୀ ସମୟରେ ବିଭିନ୍ନ ଯୁଗରେ ଅନେକ ଲେଖକଙ୍କୁ ଏ କାହାଣୀ ନାନା ରୂପରେ ପ୍ରକାଶ କରିବା ପାଇଁ ଇନ୍ଧନ ଯୋଗାଇଛି। ଗୀତ ଗୋବିନ୍ଦ, ମଥୁରା ମଙ୍ଗଳ ଓ ବହୁ ଚଉତିଶା ଏହାର ଫଳଶୃତି।

ଉତ୍କଳୀୟ ସଂସ୍କୃତିର ପ୍ରାଣ ଓ ଚରମ ଅଭିବ୍ୟକ୍ତି ଶ୍ରୀଜଗନ୍ନାଥ ଓଡ଼ିଆ ସାହିତ୍ୟର ବହୁ ଚର୍ଚ୍ଚିତ ପଞ୍ଚସଖା ଯୁଗରେ ଯେପରିଭାବେ ବିସ୍ତାରିତ ତାହା ଅନ୍ୟ କୁତ୍ରାପି ପରିଦୃଷ୍ଟ ହୁଏନାହିଁ। ମହାଭାରତ ତୁଲ୍ୟ ସବୁଠୁ ଲୋକପ୍ରିୟ ଭାଗବତ ଓ ରାମାୟଣରେ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ମହିମାଗାନ ଜାତୀୟ ଜନ ଜୀବନକୁ ଏବଂ ଆଧାତ୍ମିକ ଭାବଧାରାକୁ ବହୁ ଭାବରେ ପ୍ରଭାବିତ କରି ଆସିଛି। ଓଡ଼ିଆ ଭାଗବତରେ କବି ଜଗନ୍ନାଥ ଦାସ ପ୍ରଭୁଙ୍କ ଶରଣାପନ୍ନ ହୋଇ ଲେଖିଛନ୍ତି –

ଛାଡି ସକଳ ତୀର୍ଥ କ୍ଷେତ୍ର । ନୀଳକନ୍ଦରେ ଜଗନ୍ନାଥ ।।
ମୂର୍ତ୍ତିରେ ଜଗତକୁ ମୋହି । ତେଣୁ ଆଶ୍ରା କରିଛି ମୁହିଁ ।।
ଏ ଅଙ୍ଗ ଥିବା ପରିଯନ୍ତେ । ଛାଡ଼ିବି ନାହିଁ କଦାଚିତେ ।।

ଶ୍ରୀ ଜଗନ୍ନାଥଙ୍କୁ ବିଷ୍ଣୁ ରୂପେ ବନ୍ଦନା କରିବା ସହିତ ଦଶାବତାର ରୂପନେଇ କିପରି ଧର୍ମ ସଂସ୍ଥାପନ ଓ ଦୁଷ୍ଟ ନିବାରଣ କରିଛନ୍ତି ତାର ଲଳିତ ଶବ୍ଦ ବିନ୍ୟାସ ଦେଖିବାକୁ ମିଳେ ଭାଗବତରେ। ଯଥା-" ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ। ହୋଇଲୁ ଦଶ ଅବତାର, ନାଶିଲୁ ଅବନୀରୁ ଭାର। ସେହି ପ୍ରକାରେ ମୋର ମନ,ତୋ ପାଦେ ରହୁ ଭଗବାନ। କହଇ ଜଗନ୍ନାଥ ଦାସ, କମଳ ଚରଣକୁ ଆଶ।"

ସମସ୍ତ ଓଡ଼ିଆ ପୁରାଣକାର ରଚନା ଆରମ୍ଭରେ ମହାପ୍ରଭୁଙ୍କ ମଙ୍ଗଳାଚରଣରୁ ଆରମ୍ଭ କରିଥାନ୍ତି ନିଜ ରଚନା। ଜଗମୋହନ ରାମାୟଣର ଅଦ୍ୱିତୀୟ ସ୍ରଷ୍ଟା ବଳରାମ ଦାସ ଶ୍ରୀମନ୍ଦିରରେ ପ୍ରଭୁଙ୍କୁ ସ୍ମରଣ କରି ଆରମ୍ଭ କରିଥିଲେ ଲୋକପ୍ରିୟ ଓ ସବୁଠୁ ଆଦୃତ ଗ୍ରନ୍ଥ ରାମାୟଣ - "ବନ୍ଦଇ ଜଗନ୍ନାଥ କମଳା ଦେବୀ ପତି/ନୀଳଗିରି ଶିଖରେ ଅପୂର୍ବ ମୂରତି। ସୁନ୍ଦର ଶ୍ରୀମୁଖ ନୀଳମଣି ଆଭା/କି ଜାଣି ପଟାନ୍ତର କଳାମେଘ ପ୍ରଭା। ନୟନ ଯୁଗଳ କି ଶରଦର ଶଶୀ/ଜଗତଜନ ହୃଦେ ଅଛୁ ପ୍ରଭୁ ବସି।" ପ୍ରମତ୍ତ କବି ବଳରାମ ଦାସ ନିଜର ସାରସ୍ୱତ ସାଧନା ଓ ପାଣ୍ଡିତ୍ୟ ଦ୍ୱାରା ଓଡ଼ିଆ ବାଣୀ ଭଣ୍ଡାରକୁ କେବଳ ସମୃଦ୍ଧ କରିନାହାନ୍ତି ଅଖଣ୍ଡ ଭକ୍ତି ଭବନାରେ ଶ୍ରୀ ଜଗନ୍ନାଥଙ୍କ ପ୍ରେମରେ ଭାସିଯାଇ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ଧାର୍ମିକ ଉତ୍ସାହର ପ୍ଲାବନ। 'ଭାବ ସମୁଦ୍ର' ଗ୍ରନ୍ଥରେ ସଞ୍ଚିତ ଅଭିମାନକୁ ପ୍ରକାଶ କରି ଲେଖିଛନ୍ତି -" ହରି ହୋ ତୋତେ ଆଶ୍ରା କରି କ୍ଷେତ୍ରେ ରହିଲି।ତୋତେ ଆଶ୍ରା କରି ଫଳ ପାଇଲି।।ହରି ତୁ ବିଶ୍ୱାସ ଘାତକତା କଲୁ।ହରି ହୋ ନୃପତି ହାତେ ମାଡ ଖୁଆଇଲୁ।।" ବଟ ଅବକାଶ, ବେଦାନ୍ତ ସାର ଗୀତା, ଲକ୍ଷ୍ମୀ ପୁରାଣ, ବ୍ରହ୍ମାଣ୍ଡ ଭୁଗୋଳ, ବେଢ଼ା ପରିକ୍ରମା, କାନ୍ତ କୋଇଲି, କାକପୋଇ,ମୃଗୁଣୀ ସ୍ତୁତି ଆଦି ଅନେକ କୃତି ମଧ୍ୟରୁ ଲକ୍ଷ୍ମୀ ପୁରାଣ ସର୍ବାଧିକ ଲୋକପ୍ରିୟ। ପାଞ୍ଚ ଶହ ବର୍ଷ ପୂର୍ବେ ରଚିତ ଏହି ଅମୂଲ୍ୟ ପୁସ୍ତକଟି ଓଡ଼ିଶାର ପ୍ରତି ଘରେ ଘରେ ଯେଉଁ ଭାବ ଓ ଭାବନାର ଉଦ୍ରେକ କରିଛି,ତାର ପଟାନ୍ତର ନାହିଁ। ମୁଖ୍ୟତଃ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଲକ୍ଷ୍ମୀଙ୍କୁ ନେଇ କାହାଣୀର ଗତିଶୀଳତା-ପରିଣତି ଏବଂ ଜାତିଭେଦ ବିରୁଦ୍ଧରେ ଥିବା ସ୍ୱର ଅତ୍ୟନ୍ତ ମର୍ମିକ। ଶ୍ରୀମନ୍ଦିର ଫେରିବାକୁ ଲକ୍ଷ୍ମୀଙ୍କର ସର୍ତ୍ତ ଓ ଶ୍ରୀଜଗନ୍ନାଥଙ୍କ ସତ୍ୟ ଗ୍ରହଣ ସମ୍ପର୍କରେ ବର୍ଣ୍ଣନା କରାଯାଇଛି-"ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ/ସମସ୍ତେ ଖାଇଣ ହସ୍ତେ ଜଳେ ନ ଧୋଇବେ।ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ/ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।"

ପଞ୍ଚସଖା ଯୁଗର ଅନ୍ୟତମ କୃତବିଦ୍ୟ ସାଧକ ଅଚ୍ୟୁତାନନ୍ଦଙ୍କ ମତରେ ; ଶ୍ରୀଜଗନ୍ନାଥ ପ୍ରଣବ-ବ୍ରହ୍ମ,ଏକାକ୍ଷର, ଏକବ୍ରହ୍ମ ନିରଞ୍ଜନ ଓ ଜ୍ୟୋତିବ୍ରହ୍ମ ଅଟନ୍ତି। ଲୀଳାମୟ ପ୍ରଭୁଙ୍କ ଲୀଳାକ୍ଷେତ୍ର ନୀଳାଚଳ ହିଁ ନିତ୍ୟଧାମ, ମର୍ତ୍ତ୍ୟ ବୈକୁଣ୍ଠ। ଶୂନ୍ୟରୂପୀ ନିରାକାର ବିଷ୍ଣୁଙ୍କର କୌଣସି ଆକାର ନାହିଁ। ଭକ୍ତଙ୍କ ନିମନ୍ତେ ସେ ଦର୍ଶନ ଦିଅନ୍ତି ମହାଶୂନ୍ୟରେ। ତାଙ୍କ ଭାଷାରେ-" ନିରାକାର ପ୍ରଭୁ ଆକାର ନାହିଁ/ମହାଶୂନ୍ୟ ଦର୍ଶନ ଭକତ ପାଇଁ।'ଅ' ତନ୍ତ୍ରରେ ମୁଁ ଦର୍ଶନ ଦେବି/ଏକାକ୍ଷର ମନ୍ତ୍ର ପରୀକ୍ଷା ନେବି।" ପୁନଶ୍ଚ ତାଙ୍କ ଦୃଷ୍ଟିରେ ଅବତାରୀ ପୁରୁଷ ପରମ ବିଷ୍ଣୁ ପରମ ଜ୍ୟୋତି ଜଗନ୍ନାଥଙ୍କର ତିନି ରୂପ ମନ୍ତ୍ର, ତନ୍ତ୍ର ଓ ଯନ୍ତ୍ର। କାଳଜୟୀ ରଚନା ହରିବଂଶ, ଶବ୍ଦ ବ୍ରହ୍ମ ସଂହିତା, ଶୂନ୍ୟ ସଂହିତା, ଉପବଂଶ, ମାଳିକା ଓ ଅସଂଖ୍ୟ କୋଇଲି ଚଉତିଶା ଓ ଭଜନ ଆଦି ରଚନା ମାନଙ୍କରେ ଓଡ଼ିଆ ଜନ ଜୀବନ ସହିତ ଦେଖିବାକୁ ମିଳିଛି ଶ୍ରୀ ଜଗନ୍ନାଥଙ୍କ ନିବିଡ ସମ୍ପର୍କ। ନାନାଦି ତତ୍ତ୍ୱକୁ ସମାଜ ପରିପ୍ରେକ୍ଷୀରେ ବିଚାର କରିଥିବାରୁ ଅଚ୍ୟୁତାନନ୍ଦଙ୍କୁ ମିଳିଛି ଓଡ଼ିଶାର ଶ୍ରେଷ୍ଠ ସାମାଜିକ କବିର ମାନ୍ୟତା। ଏ କାଳଖଣ୍ଡର ମହାନ୍ ସାଧକ ଯଶୋବନ୍ତ ଓ ଅନନ୍ତଙ୍କ ରଚନାମାନଙ୍କରେ ମୁଖରିତ ଥିଲା ମହାପ୍ରଭୁଙ୍କ ମାହାତ୍ମ୍ୟ ଓ ଭକ୍ତି ଭାବନା। ଶିବ ସ୍ୱରୋଦୟ ଗ୍ରନ୍ଥରେ ଭକ୍ତି ନିବେଦନ କରି ଯଶୋବନ୍ତ ଦାସ ଲେଖିଛନ୍ତି –

ଜୟ ଜୟ ଜଗନ୍ନାଥ ଜଗତ ଧାରଣ
ଜୟ ବଳଭଦ୍ର ଭଦ୍ରା ଜୟ ସୁଦର୍ଶନ।
କୋଟି କୋଟି ପତିତ ପାବନ ଦେବହରି
ତିନି ଭୁବନରେ ନାଥ ନୀଳାଦ୍ରି ବିହାରୀ।

ସମସାମୟିକ କବି ଅର୍ଜୁନ ଦାସ 'ରାମବିଭା' ଓ 'କଳ୍ପଲତା' କାବ୍ୟରେ ବିଷୟ ବସ୍ତୁ ଆରମ୍ଭରେ ଓ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବର୍ଣ୍ଣନା କରି ସୁଦୃଢ଼ କରିଛନ୍ତି ଶ୍ରୀ ଜଗନ୍ନାଥ ସାହିତ୍ୟର ଭାବଧାରା। ପ୍ରସିଦ୍ଧ ନାରୀ କବି ଶ୍ରୀ ଚୈତନ୍ୟଙ୍କ ପରମ ଭକ୍ତ ମାଧବୀ ଦେବୀ, 'ଉଷାଭିଳାଷ' କାବ୍ୟର ସ୍ରଷ୍ଟା ଶିଶୁ ଶଙ୍କର ଦାସ ଓ 'ରହସ୍ୟ ମଞ୍ଜରୀ' ର ରଚୟିତା ଦେବ ଦୁର୍ଲ୍ଲଭ ଦାସଙ୍କ କାବ୍ୟ କବିତାରେ ପ୍ରକାଶ ପାଇଥିବା ଗଭୀର ଭକ୍ତିଭାବ ଓ ଜଗନ୍ନାଥ ଚେତନା

ସମୟର କଷଟିରେ ବିଭା ମଣ୍ଡିତ ହୋଇ ପାରିଛି।

ଆଭିଜାତ୍ୟ ଓ ସ୍ପର୍ଦ୍ଧା ଭିତରେ ରୀତି ଯୁଗୀୟ କବିମାନଙ୍କ ଲେଖନୀରେ ଜଗନ୍ନାଥ ଚେତନାର ନବ ଉନ୍ମେଷ ଘଟିଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ,ଦୀନକୃଷ୍ଣ ଓ ଅଭିମନ୍ୟୁଙ୍କ କାବ୍ୟ କବିତାରେ ଆଧାତ୍ମିକ ଚେତନାର ଜାଗରଣ ନିମନ୍ତେ ଶ୍ରୀ ଜଗନ୍ନାଥ,ଶ୍ରୀ କ୍ଷେତ୍ର ମହାତ୍ମ୍ୟ ସହିତ ତତ୍ତ୍ୱ ବର୍ଣ୍ଣନାରେ ପରିପୂର୍ଣ୍ଣ ଥିଲା। ସାହିତ୍ୟ ରସ ପିପାସୁର ମନୋଭୂମିକୁ ଭକ୍ତି ରସରେ ପ୍ଲାବିତ କରି ଜଗନ୍ନାଥ ସଂସ୍କୃତିର ସାର ମର୍ମକୁ ଉପେନ୍ଦ୍ର ଭଞ୍ଜ ଯେଭଳି ଆଧାତ୍ମିକ ଧାରା ସହିତ ଯୋଡ଼ିଛନ୍ତି ତାହା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଓ ରସିକ ହାରାବଳୀ କାବ୍ୟରେ ଶ୍ରୀକ୍ଷେତ୍ରର ମହାତ୍ମ୍ୟ, ଜଗନ୍ନାଥ ତତ୍ତ୍ୱ ରହସ୍ୟ ସହିତ ସ୍ନାନ ଯାତ୍ରାର ବିବରଣ କବିଙ୍କ ଅସାଧାରଣ ପାଣ୍ଡିତ୍ୟର ନିଦର୍ଶନ। ସୁଭଦ୍ରା ପରିଣୟ, ଶ୍ରୀ ନୀଳାଦ୍ରୀଶ ଚଉତିଶା, ପ୍ରେମ ସୁଧାନିଧି,ରସିକ ହାରାବଳୀ,ବୈଦେହୀଶ ବିଳାସ ଆଦି ସମସ୍ତ କାବ୍ୟରେ ପୂରି ରହିଛି ଜଗନ୍ନାଥ ତତ୍ତ୍ୱ ଓ ଦର୍ଶନ। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ପ୍ରଥମ ଛାନ୍ଦରେ କବିଙ୍କ ଲେଖନୀରୁ ଝରିଆସିଛି-

ଶୁଣ କୋବିଦେ ଭରତ ଖଣ୍ଡେ ପୁଣ୍ୟଧାମ<br>
ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ।

ଶ୍ରୀକ୍ଷେତ୍ରକୁ କମ୍ବୁକଟକ ବା ଶଙ୍ଖ କ୍ଷେତ୍ର ରୂପେ ବର୍ଣ୍ଣନା କରିବା ସହିତ ମହାପ୍ରଭୁ ବ୍ରାହ୍ମଣ,କ୍ଷତ୍ରିୟ,ବୈଶ୍ୟ, ଶୂଦ୍ରଙ୍କୁ ଚଉବର୍ଗ ଧର୍ମ, ଅର୍ଥ, କାମ, ମୋକ୍ଷ ରୂପ ପ୍ରଦାନ କରିଥିବା ଉପେନ୍ଦ୍ର କହୁଛନ୍ତି -'ସେ କମ୍ବୁ- କଟକ ରାଜା ନାମ ଜଗନ୍ନାଥ/ ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ।' ସାପ ବିଷ ଛଡ଼ାଇବା ପାଇଁ ଗଦ ଖୁଆଇ ଥାଏ ଓ ମନ୍ତ୍ର ପଦ ଉଚ୍ଚାରଣ କରିଥାଏ ଗୁଣିଆ। ଠିକ୍ ସେପରି ମହାପ୍ରସାଦ ସେବନ ଓ ଘଣ୍ଟ ଧ୍ୱନି ଦ୍ୱାରା ମଣିଷର ସବୁ ପାପ ତାପ ଧୋଇ ହୋଇଯାଏ ଶ୍ରୀକ୍ଷେତ୍ରର ମହାପ୍ରସାଦ ରୂପୀ ଗଦ ଓ ମନ୍ଦିରର ଘଣ୍ଟ ଧ୍ୱନି ଶ୍ରବଣ କରି। ଚମତ୍କାର ବର୍ଣ୍ଣନା କବିଙ୍କର - "ଶ୍ରୀ ମହାପ୍ରସାଦ ଗଦ ପଦ ଘଣ୍ଟ ଘୋଷ/ଭକ୍ଷଣେ ପ୍ରବଣେ ଯେ କିଲବିଷ ନାଶ ହେ/ଉନ୍ନତ ପ୍ରସାଦରାଜ ପତାକା ଉଡ଼ାଇ/ ଏ ପ୍ରଦେଶେ ସମବର୍ତ୍ତୀ ପଣ ନାହିଁ ନାହିଁ ହେ।" ଶ୍ରୀମନ୍ଦିରକୁ ଯମଦୂତମାନେ ସୁଦ୍ଧା ଭୟ କରନ୍ତି। ସେଥିପାଇଁ ପାପୀମାନେ ମୁକ୍ତି ଲାଭ ନିମନ୍ତେ ବିଶ୍ରାମ କରନ୍ତି ବଡ ଦେଉଳର କଳ୍ପବଟ ଛାୟାରେ ଓ ଜଗନ୍ନାଥଙ୍କ ଭାବନାରେ। ଶ୍ରୀମନ୍ଦିର ଉପରେ ଉଡୁଥିବା ନେତ ସତେ ଯେପରି ପାପୀ ମାନଙ୍କୁ ଡାକି କହୁଛି ,'ନୀଳଗିରି ନଗରକୁ ଆସ ସବୁ ପାପ ଧୋଇଯିବ।' ଉପେନ୍ଦ୍ରଙ୍କ ଭାଷାରେ- "ଯେଉଁ କ୍ଷେତ୍ର ରାଜା ବିରାଜ ମାନ ମକର ଧ୍ୱଜେ/ଶ୍ରବଣ ଚରିତ ତୁରିତ ଜନ ଦୁରିତ ଗଞ୍ଜେ। ଅଳ୍ପ ଅଳ୍ପ ପବଟର ନାହିଁ ଛାୟା ଆଶ୍ରିତ/ଅଳ୍ପକଳ୍ପ ନର କିନ୍ନର ତରିଲା ମତ। ଜୟ ଜୟ ଜଗନ୍ନାଥ ଦାରୁ ରୂପଧାରୀ /ନୀଳଗିରି ସାଗରୀଶ ବନ୍ଦନୀୟ ହରି। ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପିଙ୍କୁ ଅବା/ଏ ନୀଳ ନର ନଗରୀକୁ ଆସ ଭଲ କରିବା। " ପୁରୁଷୋତ୍ତମ ମାହାତ୍ମ୍ୟ ଗ୍ରନ୍ଥରେ ପୌରାଣିକ ବିବରଣୀ ଏବଂ ମୂର୍ତ୍ତି ତତ୍ତ୍ୱର ଅବତରଣ କରିବା ସହିତ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଛନ୍ତି ମହାପ୍ରଭୁଙ୍କୁ।ନିଜ ରଚନାରେ ସବୁ ଧର୍ମ ଓ ସମସ୍ତ ଦେବା ଦେବୀଙ୍କୁ ସମାନ ଆସନରେ ବସାଇ ସମନ୍ୱୟ ମତବାଦ ପ୍ରତିଷ୍ଠା କରିଛନ୍ତି ସାହିତ୍ୟରେ। ଜଗତ ଓ ନାଥ ର ସଂଯୋଗରେ ଉପୁଜୁଥିବା " ନ " ନିକଟରେ କେନ୍ଦ୍ରୀଭୂତ କରି କହିଛନ୍ତି ଜଗତ ହିଁ ପ୍ରକୃତି ଏବଂ ରାଧା ଓ ନାଥ ଅଟନ୍ତି ପୁରୁଷ କୃଷ୍ଣ ଚନ୍ଦ୍ର। ବୈଷ୍ଣବ ମତକୁ ଗ୍ରହଣ କରି ଲେଖିଛନ୍ତି," ଭକ୍ତ ହେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ/ବୈଷ୍ଣବ ବିହୁନେ କେବା ଜାଣିବ ସଂସାରେ।" କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଅଗାଧ ପାଣ୍ଡିତ୍ୟବଳରେ ଶବ୍ଦ,ଅଳଙ୍କାର ଓ ଗତାନୁଗତିକ ବର୍ଣ୍ଣନା ସହିତ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ରତା,ସମର୍ପଣ ଭାବନା, ଭକ୍ତିମତ୍ତା ଓ ଆଧାତ୍ମିକ ନିଷ୍ଠାର ଯେଉଁ କାବ୍ୟ କୋଣାର୍କ ନିର୍ମାଣ କରିଛନ୍ତି ଭାରତୀୟ ସାହିତ୍ୟରେ ତାର ସମକକ୍ଷ ନାହିଁ।

ପରମ ବୈଷ୍ଣବ କବି ଦୀନକୃଷ୍ଣ ଦାସ ଅନାଦି କାଳରୁ ପ୍ରଚଳିତ ଶ୍ରୀଗୁଣ୍ଡିଚା ଯାତ୍ରା ଓ ଏହାର ଦର୍ଶନକୁ ଜଗମୋହନ ଛାନ୍ଦରେ ପୁରାଣ ଶାସ୍ତ୍ରକୁ କାବ୍ୟ ରୂପ ପ୍ରଦାନ କରିଛନ୍ତି –

ଏମନ୍ତ ଯେଉଁ ଆଷାଢ଼ ମାସ<br>
ଶୁକ୍ଳ ଦ୍ୱିତୀୟା ତିଥି ଦିବସ<br>
ପୁଷ୍ୟା ନକ୍ଷତ୍ର ସହଜେ ହୋଇ ଥାଏ ପ୍ରବେଶ ହେ

ସେହି କାଳରେ ଦେବ ନରେନ୍ଦ୍ର
ମହା କରୁଣାକର - ପାରୀନ୍ଦ୍ର
ଆରତ-ଅଘ-ଅନ୍ଧାର-ଚନ୍ଦ୍ର ବିଜେ ପ୍ରକାଶ ହେ।

ଶ୍ରୀ ଜଗନ୍ନାଥଙ୍କ ଅପୂର୍ବ ଶୋଭାରାଶି,କମନୀୟ କାନ୍ତି ଓ ତ୍ରିଲୋକ ମନ ହରଣକାରୀ ରୂପ ବର୍ଣ୍ଣନା ରସକଲ୍ଲୋଳ କାବ୍ୟକୁ ସୁଖପାଠ୍ୟ କରି ପାରିଛି। କବିଙ୍କ ଭାଷାରେ-" କମନୀୟ ଶ୍ରୀ ମୁଖ ଚନ୍ଦ୍ରରୁ ଅଧିକ/କଲେ ଦର୍ଶନ ନରହେ ସଂସାର ଶୋକ। କମଳ ନୟନ କୋଟି ସୁଖ ଦାୟକ/କଳାଡୋଳା ଭ୍ରମର ଚୁମ୍ବିଲା ପ୍ରୟକ। କପାଳେ ସୁବର୍ଣ୍ଣ ରାହୁ ରେଖା ଝଲକ/କଉଁ ଲୋକ ଅଙ୍ଗ ନକରଇ ପୁଲକ।" ଏ ସମୟର ସଶକ୍ତ ସାରସ୍ୱତ ବିନ୍ଧାଣୀ କବି ବ୍ରଜନାଥ ବଡ଼ଜେନା 'ସମର ତରଙ୍ଗ' କାବ୍ୟରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧରେ ଥିବା ସାମ୍ୟ ଓ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ନିତ୍ୟ ଲୀଳା ଧାମ କଥା ବର୍ଣ୍ଣନା କରିଛନ୍ତି - " ଦକ୍ଷିଣ ସିନ୍ଧୁ ତଟେ ନିତ୍ୟ ଧାମ/କ୍ଷେତ୍ରବର ପୁରୁଷୋତ୍ତମ ନାମ ଯେ/ଯହିଁ ବିଜେ ଜଗନ୍ନାଥ ଯେ/ବଳଭଦ୍ର ଭଦ୍ରା ସୁଦରଶନ/ଏ ଚାରି ମୂରତି ବ୍ୟକତିହେ।" ବଡ଼ଜେନା " ରାଜସଭା " କ୍ଷୁଦ୍ର କାବ୍ୟ ରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ର ବର୍ଣ୍ଣନା କରିଛନ୍ତି-

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ତିନି ଭୁବନେ ପବିତ୍ର
ମହିମା ମହାବିଚିତ୍ର କଥନ ନୋହେ
ସମ୍ପୂର୍ଣ୍ଣ ବ୍ରହ୍ମ ସ୍ୱରୂପ ପ୍ରକାଶି ରୂପ
ନାଶୁଛନ୍ତି ପାପୀ ପାପ ହୋଇ ଉଦୟେ
ଚତୁର୍ବ୍ବର୍ଗ ଚାହିଁ ସୁଲଭ
ଯେଉଁ ସ୍ଥାନ ଜନମାନେ ସାକ୍ଷାତ ହେବା।

ବ୍ରଜନାଥ ଓଡ଼ିଆ ସହିତ ହିନ୍ଦୀ ଭାଷାରେ ଶ୍ରୀକ୍ଷେତ୍ର ମହିମା ରଥଯାତ୍ରା ଓ ମହାପ୍ରଭୁଙ୍କ ଲୀଳା ଅନେକ ରଚନା କରି ଯାଇଛନ୍ତି। ହିନ୍ଦୀ ଭାଷାରେ " ଗୁଣ୍ଡିଚା ବିଜେ" କବିଙ୍କର ଏକ ଅନନ୍ୟ କୃତି। ଶ୍ରୀଜୀଉଙ୍କ ଦ୍ୱାଦଶ ଯାତ୍ରା ଓ ଶ୍ରେଷ୍ଠ ତିନି ଯାତ୍ରାର ବିବରଣୀ କବି ବିଶ୍ୱନାଥ ଖୁଣ୍ଟିଆଙ୍କ ରଚନାରେ - " ଦ୍ୱାଦଶ ଯାତ୍ରାର ତିନି ଯାତ୍ରା ସାର/ ଦୋଳ ସ୍ନାନ ଶ୍ରୀଗୁଣ୍ଡିଚା/ସକଳ ଜୀବର ଅବଲୋକନରେ/ପଟକ ସମୂହ ମୂର୍ଥା। " ନୀଳାଦ୍ରି ମହୋଦୟରେ କବି ଲୋକନାଥ ବିଦ୍ୟାଧର ଉଲ୍ଲେଖ କରିଛନ୍ତି-"ସ୍ନାନ ଶ୍ରୀଗୁଣ୍ଡିଚା ଶୟନ ଯାତ୍ରା ଅନ୍ତେଶୟନ/ପାରୁଶ ପରି ବରତନ ଉତ୍ ଥାପନ ଓଢଣ। ଅୟନ ଅଭିଷେକ ଦୋଳ ଦମନକ ଚନ୍ଦନ/ଏ ରୂପେ ଦ୍ୱାଦଶ ଉତ୍ସବ ଏକ ଏକ ସଘନ।" କବି ଯଦୁମଣିଙ୍କ ଅକ୍ଷୟ କୃତି 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର'ରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ବର୍ଣ୍ଣନା - " ମଞ୍ଜୁଷ ହୀରକ ନୀଳମଣି ହେମ/ବିଦ୍ରୁମ ଯୁକ୍ତଗତି ମଞ୍ଜୁପ୍ରତିମା।ହୁଅନ୍ତେ ତିନିରଥେ ମିଥୁନ ଯେଣୁ/ଗ୍ରନ୍ଥ କର୍ତ୍ତା ଦୀନତା ହରଣ ତେଣୁ ଯୋ।" ଅଭିମନ୍ୟୁ ସାମନ୍ତସିଂହାର, ଭକ୍ତ ଚରଣ ଦାସଙ୍କ ରଚିତ କୃଷ୍ଣ, ଜଗନ୍ନାଥ ଓ ବିଷ୍ଣୁଙ୍କ ଅଦ୍ଭୁତ ସମନ୍ୱୟାତ୍ମକ ଭାବଧାରା ଶହ ଶହ ବର୍ଷ ବ୍ୟାପୀ ବିଭୋର କରିଛି ଓଡ଼ିଶାବାସୀଙ୍କୁ। ଏ କାଳ ଖଣ୍ଡରେ ଯେତେବେଳେ ମୋଗଲ ସମ୍ରାଟ ଓ ସାମନ୍ତ ରାଜାମାନେ ବିଳାସ ବ୍ୟସନରେ ବୁଡି ରହୁଥିଲେ,ଦେଶର ସାଧାରଣ ଜନତା ଅତ୍ୟନ୍ତ ଦୟନୀୟ ଜୀବନ ବିତାଉ ଥିଲେ ଓ ସଂସ୍କୃତାଭିମାନି ପଣ୍ଡିତଗଣ ତାଛଲ୍ୟ ପ୍ରକାଶ କରୁଥିଲେ ସରଳ ଓଡ଼ିଆ ଭାଷା ପ୍ରତି ;ଠିକ୍ ଏପରି ଏକ ଘଡି ସନ୍ଧି ମୁହୂର୍ତ୍ତରେ ରୀତି ଯୁଗୀୟ ବରେଣ୍ୟ ସ୍ରଷ୍ଟା ଗଣ ସେମାନଙ୍କ ଆରାଧ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଛାନ୍ଦ ଅଳଙ୍କାର ଭୂଷିତ କରିଥିବା ଏକ ବିସ୍ମୟ।

ଭକ୍ତର ବେଦନା ବିଧୁର ନିବେଦନ ଓ ଅଭିମାନ କାବ୍ୟ କବିତା ମାନଙ୍କରେ ପ୍ରକାଶିତ ହେବା ପରି ଅସଂଖ୍ୟ ଓଡ଼ିଆ ଜଣାଣ ଭଜନ ଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ। କବି ସୂର୍ଯ୍ୟ ବଳଦେବ ରଥଙ୍କ -," ହେ କ୍ଷୀରମୟ ସିନ୍ଧୁ-ଜେମା-ଜୀବ ବନ୍ଧୁ/ ଜଗତ ପତି ଜଗନ୍ନାଥ! ସମଦୃଷ୍ଟିର ପତାକା ଟେକି/ଏହି ପକ୍ଷ ପାତ ନୀତି ହେ ମହାପ୍ରଭୁ! କିଏ କଣ କଲା,ଆଉ ମୁଁ କଲି ନାହିଁ! କିଏ ବା କଣ ଦେଲା,ଆଉ ମୁଁ/ନଦେବାରେ ଏତିକି ସରି ହେଲି!", ବିଶେଷ ପ୍ରଣିଧାନ ଯୋଗ୍ୟ। କବି ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ' କାବ୍ୟର ନାୟକ ଯଥାର୍ଥରେ ସ୍ୱୟଂ ଜଗନ୍ନାଥ। ଏଥିରେ ମୂକ ଓ ଅଦୃଶ୍ୟ ହେଲେ ସୁଦ୍ଧା ଗ୍ରନ୍ଥର ଅଦ୍ୟରୁ ଶେଷ ପର୍ଯ୍ୟନ୍ତ ସେ ଜଡ଼ିତ ଓ ବିସ୍ତାରିତ। ଉତ୍କଳ ଓ କାଞ୍ଚିର ରକ୍ତାକ୍ତ ସଂଗ୍ରାମ, ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସମାଜ ଜୀବନର ଦସ୍ତାବିଜ୍ କାଞ୍ଚି କବେରୀରେ ଭକ୍ତବତ୍ସଳ ଭଗବାନଙ୍କ ଅଦ୍ଭୁତ ସ୍ୱରୂପ ଦେଖିବାକୁ ମିଳେ। ଅନ୍ତିମ ପର୍ଯ୍ୟାୟରେ କବି

ନିଜର ଅଜ୍ଞାନତା ଓ ସମର୍ପଣ ଭାବ ପ୍ରକାଶ କରି ଲେଖିଛନ୍ତି

ସେ କାଳିଆ ରାଉତର ଦାସ ମୁଁ ଦାସ,
ବରୁଣ ଦାସର ନାତି ମୁଁ, ଭଗୀରଥ ଶିଷ୍ୟ।
ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା,ସୁଦର୍ଶନ,
ଏ ଚାରି ସାମନ୍ତରୁ ନଜାଣଇ ଆନ।
ତାଙ୍କରି ନିମକ ଖାଇ ତାଙ୍କରି ଚାକିରି
ବଖାଣୁ ଥାଇ ତାହା ମୁଁ ଯାହା ତାହା କରି।

କବି ବନମାଳୀଙ୍କ,' ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ .../ଦୀନବନ୍ଧୁ ଦଇତାରୀ ଦୁଃଖ ନ ଗଲା ମୋହରି... /ଏହି ଅଳି ଶ୍ରୀ ଛାମୁରେ.../ଦୁଃଖ ନାଶନ ହେ.... ' , ଯବନ କବି ସାଲବେଗଙ୍କ,' ଅହେ ନୀଳ ଶଇଳ.../ କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ.../ଏକା ତ ଭକତ ଜୀବନ.../ଜଗବନ୍ଧୁ ହେ ଗୋସାଇଁ... ଆଦି ଅସଂଖ୍ୟ ଜଣାଣ ଭଜନ ଓ ଚଉତିଶା ବିଗତ ତିନି ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଓଡ଼ିଆ ପ୍ରାଣକୁ ଭକ୍ତି ଭାବନାରେ ବାନ୍ଧି ରଖିବା ସହ ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ହୋଇ ଆସିଛି, ଯାହାର ଆରମ୍ଭ ଭାବଗ୍ରାହୀ ଶ୍ରୀ ଜଗନ୍ନାଥଙ୍କ ଠାରେ ଏବଂ ସମାପ୍ତ ସୁଦ୍ଧା ସେହି ବ୍ରହ୍ମାଣ୍ଡ ଠାକୁରଙ୍କ ନିକଟରେ। ଅସରନ୍ତି କଥାର ମହୋଦଧି, ବିସ୍ମୟର ଉତ୍ତାଳ ଲହରୀ, ଓଡ଼ିଶାର ରାଜନୈତିକ ସାଂସ୍କୃତିକ ଓ ଆଧାତ୍ମିକ ଇତିହାସର ମୁଖ୍ୟ ନାୟକ ଓଡ଼ିଆ ସାହିତ୍ୟର ସେ କେବଳ ପୁରୋଧା ନୁହନ୍ତି ଉତ୍କଳର ପ୍ରାଣଶକ୍ତି ରୂପେ ଚିରବନ୍ଦିତ।

କ୍ରମଶଃ..

*****

ବି-୧୦/୧୫୪, କେନ୍ଦ୍ରୀୟ ବିହାର
ପୋ: ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com
୯୩୪୭୩୧୭୩୨୮

# ସତ୍ୟର ସ୍ୱରୂପ

**ବିଶ୍ୱେଶ୍ୱର ମାଝୀ**



ଆକ୍ଷରିକ ଅର୍ଥରେ " ସତ୍ୟ" : ଅତୀତରେ ଯାହାଥିଲା, ବର୍ତ୍ତମାନ ତାହା ଓ ଭବିଷ୍ୟତରେ ମଧ ଅପରିବର୍ତ୍ତିତ ରହିବ। ଈଶ୍ୱରଙ୍କ ସ୍ୱରୂପ ସଚ୍ଚିଦାନନ୍ଦ, ଯାହା ସତ୍, ଚିତ୍ ଓ ଆନନ୍ଦର ପରିପ୍ରକାଶ। ସନାତନ ଧର୍ମର ଚାରିଟି ସ୍ତମ୍ଭ: ସତ୍ୟ, ଶାନ୍ତି, ଦୟା ଓ କ୍ଷମା। ଏ ଉଭୟ ବାକ୍ୟରୁ ପ୍ରତୀୟମାନ ହୁଏ ଯେ ସତ୍ୟ ହିଁ ସୃଷ୍ଟିର ମୂଳାଧାର। ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କର ଉଦଘୋଷଣା କରିଥିଲେ, "ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା।" ଅର୍ଥାତ୍ ଏ ନଶ୍ୱର ଜଗତକୁ ମିଥ୍ୟାର ଆଖ୍ୟା ଦେଇ, ଈଶ୍ୱରଙ୍କୁ ସତ୍ୟ ବୋଲି କହିଥିଲେ। ସନାତନ ଧର୍ମରେ ସେଥିପାଇଁ ଈଶ୍ୱରଙ୍କୁ ସତ୍ୟନାରାୟଣ ଭାବରେ ଆଖ୍ୟାୟିତ କରାଯାଇଛି। ଧର୍ମ ଓ ଜ୍ଞାନ, ଦୁଇଟି ଶବ୍ଦ ସତ୍ୟର ପରିପ୍ରକାଶ ମାତ୍ର। ଏହି କ୍ରମରେ ମନେପଡ଼େ କବି କାଳିନ୍ଦୀ ଚରଣଙ୍କ ପଦେ:

"ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ।"

ଭାରତୀୟ ସଂସ୍କୃତି, ଜଗତ ପାଇଁ ଆଲୋକ ବର୍ତ୍ତିକା ସାଜିବା ସହ ସତ୍ୟର ଅନୁପାଳନ କରି, ଦେଶ ସ୍ୱାଧୀନତା ପରେ ବିହାରର ଅଶୋକ ସ୍ତମ୍ଭକୁ ଦେଶର ଶାସନ ଚିହ୍ନ ଭାବେ ଗ୍ରହଣ କରିଥିଲା, ମୁଣ୍ଡକ ଉପନିଷଦର " ସତ୍ୟମେବ ଜୟତେ" କୁ ସେଥିରେ ଯୋଗ କରିଥିଲେ। ଏହି ସମ୍ପୂର୍ଣ୍ଣ ଶ୍ଳୋକଟି ହେଲା:

" ସତ୍ୟମେବ ଜୟତେ ପାନୃତମ୍ ସତ୍ୟନ ପନ୍ଥାବ ବିତତୋବଦେବଯାନଃ।
ଯେନାକ୍ରମନ୍ତ୍ୟୁଷୟୋ ହ୍ୟାପ୍ତକାମୋ ଯତ୍ର ତତ୍ତାସ୍ୟ

ପରମଂ ନିଧାନଂ ।।"

ଅର୍ଥ ସତର ସଦା ଜୟ ହୁଏ। ମୁନିଙ୍କ ଦ୍ୱାରା ଏହାର ପାବନ ପଥ ବ୍ୟାପକ ହୋଇଛି। କାମନାର ବିନାଶ ସାଧନ କରି ସେମାନେ ମହାସତ୍ୟକୁ ଉପଲବ୍ଧି କରିଥାନ୍ତି।

ସତ୍ୟର ଅନ୍ୱେଷଣ କେଉଁ ଅନାଦି କାଳରୁ ଅବିରତ ଚାଲି ଆସିଛି। ଈଶାବାସ୍ୟ ଉପନିଷଦର ଏକ ଶ୍ଳୋକ କହେ:

"ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତମ୍ ମୁଖମ୍
ତତ୍ ତ୍ୱଂ ପୁଷନ୍ ଅପାବୃଣୁ ସତ୍ୟ ଧର୍ମାୟ ଦୃଷ୍ଟୟେ।"

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସତ୍ୟ ସର୍ବଦା ସୁବର୍ଣ୍ଣ ପାତ୍ରର ଢାଲ ଦ୍ୱାରା ଢାଙ୍କି ହୋଇ ଥାଏ। ତେଣୁ ସତ୍ୟାର୍ଥୀ ଏହି ଆବରଣକୁ ଭେଦ କରି ସତ୍ୟର ଉପଲବ୍ଧି କରନ୍ତି। ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଲୋଗାନ ଭାବରେ ଏହି ଶ୍ଳୋକଟି ଗ୍ରହଣ କରାଯାଇଛି। ଋଷିମାନଙ୍କ ତପସ୍ୟା, ଜୈନ/ବୁଦ୍ଧଙ୍କ ସାଧନା, ବୈଜ୍ଞାନିକ ଅନୁସନ୍ଧାନ, ପୋଲିସ ମାନଙ୍କ ଅନୁସନ୍ଧାନ ସବୁ ସତ୍ୟର ପରିପ୍ରକାଶ ନିମନ୍ତେ। କଚେରୀ ମାନଙ୍କରେ ନ୍ୟାୟିକ ବ୍ୟବସ୍ଥାର ପରିପାଳନ ସତ୍ୟର ପରିପ୍ରକାଶ ନିମନ୍ତେ ଉଦ୍ଦିଷ୍ଟ।

ସତ୍ୟ ସୃଷ୍ଟିର ଏପରି ବିଭାବ, ଯାହାକୁ ସର୍ବଦା ସଂଗ୍ରାମ କରିବାକୁ ପଡିଥାଏ। ସତ୍ୟ ପଥରେ ଛିଡାହେବା ଯଥେଷ୍ଟ ନୁହେଁ, ସତ୍ୟ ପଥରେ ଚାଲିବାହିଁ ସତ୍ୟନିଷ୍ଠାର ପରିଚାୟକ। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆତ୍ମ ଜୀବନୀର ନାମ, "MY EXPERIMENTS WITH TRUTH." ବା 'ସତ୍ୟ ସହିତ ମୋ ପରୀକ୍ଷା।' ନିଜ ପୁଅ ଭୀଷଣ ଜ୍ୱରରେ ପଡିଥିବା ବେଳେ ଜଳ ଚିକିତ୍ସା କରିବାର ନିର୍ଣ୍ଣୟରୁ ସେ ବିଚ୍ୟୁତ ହୋଇ ନଥିଲେ ଓ ସେଥିରେ ସଫଳ ହୋଇଥିଲେ। ପିଲାଦିନେ ରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଏହି ପ୍ରେରଣା ସେ ପାଇଥିଲେ, ଯେଉଁ ରାଜା ସତ୍ୟ ରକ୍ଷା ପାଇଁ ନିଜେ ଶ୍ମଶାନ ରକ୍ଷକ କାମ କରିବା ସହ, ମୂଲ୍ୟ ନନେଇ ନିଜ ମୃତ ପୁତ୍ରର (ରୋହିତାଶ୍ୱ) ଶବ ସତ୍କାର କରିବାକୁ ପତ୍ନୀ ସବ୍ୟାଙ୍କୁ ଅନୁମତି ଦେଇ ନଥିଲେ। ଗାନ୍ଧିଜୀ ସ୍ୱାଧୀନତା ଆନ୍ଦୋଳନ ସମୟରେ ସତ୍ୟାଗ୍ରହକୁ ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରି ଅଶସ୍ତ୍ର ଯୁଦ୍ଧରେ ସଫଳତା ପାଇଥିଲେ। ଭାରତ ସ୍ୱାଧୀନ ହେବା ବହୁ ବର୍ଷ ପରେ ଦକ୍ଷିଣ ଆଫ୍ରିକା ସେହି ମାର୍ଗରେ ସ୍ୱାଧୀନତା ପ୍ରାପ୍ତ ହୋଇଥିଲା।

ଆମ ସଭ୍ୟତାର ବାଣୀ

"ସତ୍ୟ ସାରା ମନୁଷ୍ୟାଣାଂ ବାଚାସାରା ମହୀପତି
ବାଚା ବିଚଳିତ ଯେନ ତେନ ସୁକୃତି ହାରିତା।"

ଜଣେ ରାଜା ପଣ କରିଥିଲେ, ସକାଳୁ ପ୍ରଥମେ ଯିଏ ଯାହା ବିକିବାକୁ ଆସିବ, ସିଏ ନିଶ୍ଚିତ କ୍ରୟ କରିବେ। ଦିନେ ସକାଳୁ ଜଣେ ଦରିଦ୍ର ତା ଦାରିଦ୍ର୍ୟ ବିକିବାକୁ ଆସିବାରୁ ସତ୍ୟ ରକ୍ଷାକରି ରାଜା ତାହା ଗ୍ରହଣ କଲେ। ସେଦିନ ରାତିରେ ଲକ୍ଷ୍ମୀ, ଶୌର୍ଯ୍ୟ, ଆଦି ଜଣ ଜଣକରି ସମସ୍ତ ଦେବଦେବୀ ବିଦାୟ ନେଲେ ରାଜଗୃହରୁ, ରାଜା ନୀରବ ରହିଲେ। ଶେଷରେ ଯେତେବେଳେ ଧର୍ମ (ସତ୍ୟ) ବିଦାୟ ପାଇଁ ଉଦ୍ୟତ ହେଲେ, ରାଜା ପ୍ରତିରୋଧ କଲେ, "ମୁଁ ଧର୍ମ ରକ୍ଷା ପାଇଁ ସମସ୍ତଙ୍କୁ ବିଦାୟ ଦେବାକୁ ବାଧ ହୋଇଛି। ଧର୍ମ କୁଆଡ଼େ ଯିବେ, ମୁଁ ତ ଧର୍ମ ହିଁ ରକ୍ଷା କରିଛି।" ଧର୍ମ ଅଗତ୍ୟା ଫେରିଲେ ରାଜଗୃହକୁ ଓ ପଛେ ପଛେ ସମସ୍ତ ଦେବଦେବୀ ଫେରି ଆସିଲେ। କାରଣ ଧର୍ମକୁ ଛାଡ଼ି କାହାର ସ୍ଥିତି ନାହିଁ। କହିବା ବାହୁଲ୍ୟ ଏହା ରାଜାଙ୍କ ପାଇଁ ସତ୍ୟର ଏକ ପରୀକ୍ଷା ଥିଲା।

ସତ କହିଲେ, କହିଥିବା କଥାକୁ ମନେ ରଖିବା ଦରକାର ନଥାଏ। ଏହାର ବିପରୀତ, ମିଛ କହିଲେ, ବାରମ୍ବାର ସେଇ ଏକା କଥା କହିବା କଠିନ ହୁଏ। ଗୋଟିଏ ମିଛକୁ ବଞ୍ଚାଇବାକୁ ଯାଇ ହଜାର ମିଛ କହିବାକୁ ପଡ଼ିଥାଏ। ବାରମ୍ବାର ମିଛ କହୁଥିବା ଲୋକର ପରିଣତି କଣ ହୁଏ, ସେଥିପାଇଁ 'ମିଛୁଆ ରାଧୁଆ' ଗପ ପିଲାଙ୍କ ପାଠ ବହିରେ ସ୍ଥାନ ପାଇଛି।

କିଛି ଦାନ ଦେବାକୁ ମନସ୍ଥ କରି କାଳେ ଦାତା ସେଥିରୁ ଓହରି ଯିବେ, ସେଥିପାଇଁ ତ୍ରିବାର ସତ୍ୟ କରୁଥିବାର ପୌରାଣିକ ଉପାଖ୍ୟାନ ଅଛି। ସତ୍ୟର ଅନ୍ୟ ନାମ ହେଲା

'ଧ୍ରୁବ ସତ୍ୟ' ଅର୍ଥାତ ଧ୍ରୁବ ତାରା ପରି ଏହା ଅକାଟ୍ୟ ସତ୍ୟ। ବିଦ୍ୟାଳୟରେ ଛାତ୍ର ମାନଙ୍କୁ ସତ୍ୟ ପ୍ରତି ଆକୃଷ୍ଟ କରିବାକୁ ପଣ୍ଡିତ ରାମକୃଷ୍ଣ ନନ୍ଦଙ୍କ ରଚିତ ପ୍ରାର୍ଥନା ଗାନ କରା ଯାଉଥିଲା, ଯାହାର ଶେଷ ପଦ:

ସତ କହିବାକୁ କିଆଁ ଡରିବି !
ସତ କହି ପଛେ ମଲେ ମରିବି।

ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ଅନ୍ୟ ଏକ ପ୍ରାର୍ଥନାର ପଦ ମଧ୍ୟ ପ୍ରଣିଧାନ ଯୋଗ୍ୟ:

ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମୋତେ
ଭସାଅ ପ୍ରାଣ ମମ ତବ ପ୍ରେମ ସ୍ରୋତେ
ପ୍ରଭୁ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।

ସଂସାରରେ ମୃତ୍ୟୁ ସବୁଠାରୁ ବଡ଼ ସତ୍ୟ। ସେଥିପାଇଁ କେହି ମୃତ୍ୟୁବରଣ କଲେ ଶବାଧାରରେ ବାରମ୍ବାର ଘୋଷିତ ହେଉଥାଏ:

"ରାମ ନାମ ସତ୍ୟ ହୈ, ହରି ନାମ ସତ୍ୟ ହୈ।"

କଚେରୀରେ କୌଣସି ସାକ୍ଷ ଦେବା ପୂର୍ବରୁ ଈଶ୍ୱରଙ୍କ ନାମରେ ସତ୍ୟ କହିବାକୁ ଶପଥ ପାଠ କରା ଯାଇଥାଏ। କିନ୍ତୁ କାର୍ଯ୍ୟତଃ ପ୍ରାୟ ସମସ୍ତେ ମିଥ୍ୟାର ଆଶ୍ରୟ ନେବା ଦ୍ୱାରା ସତ୍ୟ ଭୂଲୁଣ୍ଠିତ ହୋଇଥାଏ।

ସେହିପରି ସାମ୍ବିଧାନିକ ପଦରେ ଅଧିଷ୍ଠିତ ହେବା ପୂର୍ବରୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବା ସହ ସମ୍ବିଧାନ ପ୍ରତି ସତ୍ୟନିଷ୍ଠାର ପୁନରାବୃତ୍ତି କରାଯାଇଥାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ଏକ ହାସ୍ୟାସ୍ପଦ ରୀତି ଭାବରେ ପରିଗଣିତ ହୋଇଥାଏ।

ଦୁର୍ଗା ପୂଜାର ଏକ ବିଶେଷ ବାର୍ତ୍ତା ହେଲା, 'ଅସତ୍ୟ ଉପରେ ସତ୍ୟର ବିଜୟ।' ସେଥିପାଇଁ ଶ୍ରୀରାମଚନ୍ଦ୍ରଙ୍କୁ ମାତା ଦୁର୍ଗା ଆଶୀର୍ବାଦ ଦେଇଥିଲେ ଓ ଦେବତା ମାନଙ୍କୁ ଥରହର କରୁଥିବା ତ୍ରିପୁର ବିଜୟୀ ରାବଣକୁ ସାମାନ୍ୟ କିଛି ଭାଲୁ ମାଙ୍କଡଙ୍କ ସହାୟତା ନେଇ ସେ ବଧ କରିଥିଲେ। ସେହି କଥାର ସ୍ମରଣପୂର୍ବକ, ପ୍ରତି ବର୍ଷ ଦଶହରାରେ ରାବଣର ଏକ ବିଶାଳ ପ୍ରତିକୃତିକୁ ଜଣେ ବିଶିଷ୍ଟ ଅତିଥି ଶର ମାରି ଅଗ୍ନି ସଂଯୋଗ କରନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଆଜିର କଳୁଷିତ ରାଜନେତା ମାନେ ସେହି ବିଶିଷ୍ଟ ଅତିଥି ଭାବରେ ଆସନ୍ତି ଓ ଶର ସଂଯୋଗ କରନ୍ତି। ଏହା ଏକ ନିରସ ପ୍ରଥାରେ ପରିଣତ ହୋଇଛି ଓ ସମାଜ ପାଇଁ କୌଣସି ବାର୍ତ୍ତା ବହନ କରେନାହିଁ ବରଂ ବିଯୁକ୍ତାତ୍ମକ ହୋଇଥାଏ। ପ୍ରତି ବର୍ଷ ଏପରି ଏକ ନିରସ ପ୍ରଥା ପାଳନ ପାଇଁ ବିପୁଳ ଅର୍ଥ ବ୍ୟୟ ନିଷ୍ପ୍ରୟୋଜନ।

ଆମ ପୌରାଣିକ ବର୍ଣ୍ଣନା ଅନୁସାରେ ଯୁଗ ଚାରିଟି; ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି। ସତ୍ୟ ଯୁଗରେ ଚାରିପାଦ ଧର୍ମ ଥାଏ ଓ କ୍ରମେ କମି କମି କଳିରେ ତାହା ଏକପାଦ ଥାଏ। ଧର୍ମର ଅବକ୍ଷୟ ଯୋଗୁ ପ୍ରଳୟ ମାଧ୍ୟମରେ ସୃଷ୍ଟି ଧ୍ୱଂସ ହୋଇ ସତ୍ୟର ପୁନଃ ପ୍ରତିଷ୍ଠା ହୋଇଥାଏ। ଏହାର ଅର୍ଥ ସତ୍ୟ ବିନା ସୃଷ୍ଟି ସଞ୍ଚାଳନ ଅସମ୍ଭବ। ଛଳନାପୂର୍ଣ୍ଣ ଆଚରଣ କରୁଥିବା ବ୍ୟକ୍ତିବିଶେଷ ସତ୍ୟର ମୁଖା ପିନ୍ଧି ସମାଜକୁ ଲୁଣ୍ଠନ କରନ୍ତି। ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟ ବ୍ୟତୀତ ଚର ଅଚର, ଜୀବଜନ୍ତୁ ସମସ୍ତେ ସତ୍ୟାନୁସରଣ କରନ୍ତି ଅର୍ଥାତ କେହି ତାଙ୍କ ଧର୍ମରୁ ବିଚ୍ୟୁତ ହୁଅନ୍ତି ନାହିଁ। ହିଂସ୍ର ପ୍ରାଣୀ କ୍ଷୁଧାର୍ତ୍ତ ନହେଲେ ଶିକାର କରନ୍ତି ନାହିଁ। ମାନବର ଅସୁମାରୀ ତୃଷ୍ଣା ପାଇଁ ଛଳନାର ଆଶ୍ରୟ ନେଇ ସତ୍ୟ ଠାରୁ ଦୂରକୁ ଚାଲିଯାଏ। ସେତେବେଳେ ଦୁଇଟି ଧ୍ରୁବ ସତ୍ୟ ସେ ଭୁଲିଯାଏ:

୧) କେହି ଅମର ନୁହେଁ, ମୃତ୍ୟୁ ହିଁ ସତ୍ୟ
୨) କେହି ମୃତ୍ୟୁ ସମୟରେ ସାଙ୍ଗରେ କିଛି ପାର୍ଥିବ ପଦାର୍ଥ ନେଇ ଯାଇ ପାରିବେ ନାହିଁ।

ଈଶ୍ୱର ସତ୍ୟ ହୋଇଥିବାରୁ ତାଙ୍କର ଏକ ନାମ ସତ୍ୟ ନାରାୟଣ। ବାସ୍ତବରେ ଈଶ୍ୱର ବିଶ୍ୱାସୀ ବୋଲି କେହି ଦାବି କରୁଥିବା ମାନବ ସତ୍ୟାଶ୍ରୟୀ ନହେଲେ ଈଶ୍ୱର ବିଶ୍ୱାସ ନିରର୍ଥକ।

*****

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।

# ଆଙ୍ଗେଲ୍ଲାସୁଇସ୍ ଘଡି



ଇଂ ବିଜୟ କୁମାର ସେନାପତି

ବିଦ୍ୟାଳୟ ରୁ ଫେରୁଫେରୁ ସେଦିନ ମୁହଁ ସଞ୍ଜ ହୋଇଯାଇଥିଲା। ବାପାଙ୍କୁ ଦେଖୁ ଦେଖୁ ମାଆ ଗର୍ଜି ଉଠିଥିଲେ,' କଣ ଆଜି ସ୍କୁଲ୍ ଟା ଘୁଞ୍ଚି ଯାଇଥିଲା ନାଁ ତମେ ପାଠ ଗୁଡାକ ପିଲାଙ୍କୁ ଏକାବେଳେ ବାଟିକରି ପିଆଉଥିଲ ବା?' ମାଆ ଙ୍କୁ କିଛି ନକହି ନୀରବରେ ଘର ଭିତରକୁ ପଶିଯାଇ ଗୁମ୍ ମାରି ଦାଣ୍ଡଘର ଦଉଡିଆ ଖଟିଆରେ ବସିପଡିଲେ,ବାପା। ହାତରୁ ପିନ୍ଧା ଘଣ୍ଟାଟା ଖୋଲି, ଏକ ପ୍ରକାର ଫିଙ୍ଗିଦେଲେ ସେ।

ନିଜେ ରାଗରେ ଗରଗର ହୋଇ କହି ଉଠିଲେ,'ଏଇ ଘଣ୍ଟା ପାଇଁ ଆଜି ମୋର ଏଇ ଦଶା।'

ସମୟ ଜାଣି ନପାରି କମନ୍ ରୁମ୍ ରେ ବସିବସି କ୍ଲାସ୍ ମିସ୍ ହୋଇଯିବାରୁ, ପ୍ରଧାନ ଶିକ୍ଷକ ଏକ ପ୍ରକାର ଦାଉ ସାଧିଦେଲେ। ସବୁ କ୍ଲାସ୍ ସରିବା ପରେ ଯାଇ ଏକ୍ସଟ୍ରା କ୍ଲାସ୍ ନେବାକୁ ତାଗିଦ୍। କଣ ବା ଆଉ କରିପାରିଥାନ୍ତି ?

ମାଆ ଚୁପ୍ ହୋଇଗଲେ। କହିଲେ , କେତେଥର କହିଲିଣି ଯେ ସେ ପୁରୁଣା ଘଣ୍ଟାକୁ କାହିଁକି ଦିନରେ ଦି ଚାରିଥର ମୋଡାମୋଡି କରି ଚାବି ଦଉଛ ? ନୂଆ ଗୋଟେ କିଣ ! ଆଜିକାଲି କଣ ଆଉ ସେ ଘଣ୍ଟା ଚାଲୁଛି?

ପୁଅର ପାଠପଢା,ଟିଉସନ୍ , ଘରଖର୍ଚ୍ଚ, ବୁଢୀମାଆର ଔଷଧ କିଣା ପରେ ଆଉ କଣ ବଳୁଛି ଯେ ମୁଁ ମୋ ପାଇଁ ହାତଘଣ୍ଟା କିଣିବି? ତା ଛଡା ଏ ଆଙ୍ଗେଲ୍ଲାସୁଇସ୍ ଘଡି, ଥରେ ରିପେୟାର୍ କରିଦେଲେ ପୁଣି ପାଞ୍ଚବର୍ଷ ଟାଣି ନେବନି! ସେତେବେଳେ କୁ ମୋ ପୁଅ ପରା ମୋ କମରକୁ ଜୋର୍ ହୋଇଯିବନି !

---------------- * --------------- *

ବିକାଶ ସେଦିନର କଥା ମନେପକାଇ,ନିଜର ପ୍ରଥମ ଟ୍ରେନିଂ ଷ୍ଟାଇପେଣ୍ଡ୍ ରେ ବାପାଙ୍କ ପାଇଁ ସୁନ୍ଦର ଏକ ହାତଘଣ୍ଟା କିଣିଲା, ଟାଇଟାନ୍ ସୋ ରୁମ୍ ରୁ। ତାପରେ ସେ ସିଧା ବସ୍ ଧରି ପହଞ୍ଚିଗଲା ଗାଆଁରେ। ଘରେ ପହଞ୍ଚି ଖୁସିରେ ମାଆ ଓ ବାପାଙ୍କୁ ସବୁକଥା କହି ଘଡିଟି ଦେଖାଇଲା ଓ ଆସନ୍ତା ମାସ ଷ୍ଟାଇପେଣ୍ଡ୍ ରେ ମାଆ ପାଇଁ ଶାଢୀଟିଏ କିଣିବାକୁ ମନସ୍ଥ କରିଥିବା କଥା ବି କହିଦେଲା। ମାଆ ଓ ବାପା ଦୁହେଁ ଖୁସିରେ ଗଦ୍ ଗଦ୍ ହୋଇ ଉଠିଲେ।

ସୋମବାର ଦିନ ବଡିଭୋରୁ ବିକାଶ କୁ ଘରୁ ବାହାରିବାକୁ ପଡିବ। ସକାଳର ପ୍ରଥମ ବସ୍ ନ ଧରିଲେ,ଅଫିସ୍ ରେ ପହଞ୍ଚି ହେବନି। ଧଡ ପଡ ହୋଇ ବିଛଣାରୁ ଉଠିପଡିଲା,ସେ। ଏ କଣ? ଘରେ ସମସ୍ତେ ତା ଆଗରୁ ଉଠି ସାରିଲେଣି!
ମାଆ ଝୁଲାରେ ଚୁଡା, ନଡିଆ ଭରିଦେଲାଣି ତ ବାପା ବାଡି ବରକୋଳି ମେଞ୍ଚାଏ ଭରିଦେଲେଣି।
ବିକାଶ ରେଡି ହେଲା ବେଳକୁ ବାପା ଦୌଡିଯାଇ ଖୋଳରୁ ନୂଆ ଘଣ୍ଟାଟିକୁ ଆଣି କହିଲେ, ଧର୍ ତ! ଦେଖ ତ! ଟିକେ ଟାଇମ୍ ମିଳା,ମୋ ଘଡି ସହ। କହ କେତେ ବାଜିଛି ?

--- ପାଞ୍ଚ ଟା ପାଞ୍ଚ ।

ଆରେ ହଁ ତ ! ମୋ ଆଙ୍ଗେଲ୍ଲାସୁଇସ୍ ବି ପୁରା ସଠିକ୍ ସମୟ ଦେଖାଉଛି।

' ଆଉ କଣ ହେବ ମୋର ନୂଆ ଘଣ୍ଟା? ତା ଛଡା ମୋର ଚାକିରି ତ ସରିଲାଣି, ଆଉ କୋଉ ସ୍କୁଲ୍ ଯାଉଛି ଯେ? ତୋର ନୂଆ ଚାକିରି। ତୋ ସାଙ୍ଗ ମାନେ ତୋ ଖାଲିହାତ ଦେଖି କଣ ଭାବିବେ, କହିଲୁ? ଏବେ ଏଇଟା ନେଇ ବାନ୍ଧ! ପୁରା ଦରମା ପାଇଲେ, ମୋ ପାଇଁ ଆଉ ଗୋଟେ ନୂଆ

ଘଣ୍ଟା ବରଂ ପରେ ଆଣିବୁ। ଏବେ ମୋ ଆଙ୍ଗେ୍ଲାସୁଇସ୍ ଘଡି, ଜିନ୍ଦାବାଦ୍।

ବିକାଶ ବାପା ଓ ମାଆଙ୍କ ପାଦଧୂଳି ମୁଣ୍ଡରେ ମାରି ତରବରରେ ବାହାରିଗଲା,ବସ୍ ଷ୍ଟାଣ୍ଡ ଆଡକୁ।

------------------

ସୁଖ ବୋଧେ ଅଦିନ କୁଣିଆ ପରି ଆସେ ଆଉ ବାହୁଡିଯାଏ ଅଳ୍ପ ସମୟରେ। ସେଥିପାଇଁ ସମସ୍ତେ ତାକୁ ଖାଲି ଝୁରିହୁଅନ୍ତି ଯାହା! ଆଉ ସେଇ ଟିକକ ପାଇବା ପାଇଁ ମଣିଷ ଦିନରାତି ଲାଗିପଡିଥାଏ,ନିଜର ସବୁ ସାମର୍ଥ୍ୟକୁ ବିନିଯୋଗ କରି।

------------

ବିକାଶ,ତା ବାପାଙ୍କର ହୃଦଘାତ୍ ର ଖବର ପାଇ ଆସି ପହଞ୍ଚୁ ପହଞ୍ଚୁ ଡାକ୍ତରଖାନାରେ ତା ବାପା ଶବ ହୋଇସାରିଥିଲେ। ହସ ଖୁସିରେ ନାଚ କୁଦ କରୁଥିବା ମଣିଷଟିଏ ଯେ ହଠାତ୍ ମୂକ ହୋଇ ନିର୍ଜୀବ ହୋଇଯାଇପାରେ, ସେ ବିଶ୍ବାସ କରିପାରୁନଥିଲା ! ନିୟତିର ଗତି ଓ ଭାଗ୍ୟର ଦ୍ଵାହି ଦେଇ ସେ ନିଜ ମନକୁ ସାନ୍ତ୍ୱନା ଦେଉଥିଲା, ଯାହା।

ତା ବାପାଙ୍କୁ କୋକେଇରେ ସଜାଇଲା ବେଳକୁ, ନଜର ପଡିଲା ତାର ବାପାଙ୍କ ହାତରେ ବନ୍ଧା, ଘଡି ଉପରେ। ହଠାତ୍ ସେ ଭେଁରଡି କରି କାନ୍ଦି ଉଠିଲା। ଦୌଡି ଯାଇ ଖୋଲି ଆଣିଲା ବାପାଙ୍କ ହାତବନ୍ଧା ଘଡି ଟିକୁ, ସାଇତି ରଖିବାକୁ ଶେଷ ସନ୍ତକ ରୂପେ।

-----

ଏ ମଣିଷ କି ଅଦ୍ଭୁତ ପ୍ରାଣୀ କେଜାଣି? କେତେ ଶୀଘ୍ର ଯେ ସେ ଦୁଃଖଢେଉର ଧକ୍କାକୁ ସହି ବାଟ ସଳଖି ଚାଲେ, ଯେମିତି କେହି ଜାଣିବି ପାରେନା ଯେ ସେ ଏତେ ଗୁଡେ କଷ୍ଟ ସହିଛି ବୋଲି?

ଧନ୍ୟ ହେ ସ୍ରଷ୍ଟା! ଧନ୍ୟ ବି ତୁମ ସୃଷ୍ଟ ଏଇ ମଣିଷ!

----------------------

ବିକାଶ ବାପାଙ୍କର ଅଚଳ ଆଙ୍ଗେ୍ଲାସୁଇସ୍ ଘଣ୍ଟାକୁ ମରାମତି କରିବାକୁ ନେଇ ପହଞ୍ଚିଲା, ପାଖ ମାର୍କେଟ୍ ରେ ଥିବା ଘଣ୍ଟା ମରାମତି ଦୋକାନକୁ। ବୟସ୍କ ଦୋକାନୀ ଜଣକ ଘଣ୍ଟା ଦେଖୁ ଦେଖୁ ଚିହ୍ନିଗଲେ।

କହିଲେ, ଏଇଟା ପ୍ରାଣବନ୍ଧୁ ସାର୍ ଙ୍କର ତ ?

ହଁ ମାରିଲା ବିକାଶ।

------ କଣ କରିବ ଯା କୁ?

ମରାମତି ।

........ ଫୋପାଡି ଦିଅ !

କାହିଁକି ?

.......... ପାଞ୍ଚ,ସାତ ବର୍ଷ ତଳେ ତ ମୁଁ ମନାକରି ଦେଇଥିଲି ଯେ ଏହା ଆଉ ରିପେୟାର୍ ହୋଇପାରିବ ନାହିଁ।

କିନ୍ତୁ ମୋ ବାପା ତ ପିନ୍ଧୁଥିଲେ ! ଟାଇମ୍ ବି ଦେଖୁଥିଲେ!

......... ଆଚ୍ଛା! ଆଣ ତାହେଲେ । ତମ ସାମ୍ନାରେ ଖୋଲିବା।

ହଉ,ଖୋଲନ୍ତୁ ।

........ ଦେଖ ! ଖାଲି ଡାଏଲ୍ ଓ କଣ୍ଟା ଦୁଇଟା ଯାହା ଝୁଲୁଛି।

ଆଉ ମେସିନ୍ ?

........ ସେଇଟା ସେଦିନରୁ ପରା ମୋ ଦୋକାନ୍ ରେ ପଡିଛି।

ବିକାଶ ନିର୍ବାକ୍ ହୋଇ ଚାହିଁ ରହିଥିଲା, ଦୋକାନୀର ମୁହଁକୁ। ସେ ମନେମନେ ଭାବୁଥିଲା, ତାହେଲେ ଏତେଦିନ ଧରି ତା ବାପା ସେ ଅଚଳ ଘଡିଟିକୁ ହାତରେ ବାନ୍ଧି ମିଛରେ ସମୟ ଦେଖିବାର ଅଭିନୟ କରୁଥିଲେ ? ନାଁ ଦାରିଦ୍ର୍ୟର କଷାଘାତରେ ନିଜ ପୁଅକୁ ଯଥା ସମ୍ଭବ ଖୁସି ଦେବାକୁ ଚେଷ୍ଟା କରୁଥିଲେ, ନିଜର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ!

ଆଙ୍ଗେ୍ଲାସୁଇସ୍ ଘଡିର ଡାଏଲ୍ ଟିରେ ଥିବା ଛୋଟ କଣ୍ଟାଟି ତା ବାପାଙ୍କର ଚନ୍ଦା ମୁଣ୍ଡ ପରି ଦିଶୁଥିଲା ବେଳେ ,ବଡ କଣ୍ଟାଟିରେ ତା ବାପା ଗୋଡ ଲମ୍ବାଇ ଶୋଇବା ପରି

ଦିଶୁଥିଲା ତାକୁ। ଯେମିତି ବହୁଦିନର ପରିଶ୍ରମ ପରେ ସେ ଶାନ୍ତିରେ ଦିଘଡି ବିଶ୍ରାମ କରୁଥିଲେ!

ଆଖିରେ ଆଖିଏ ଲୁହ ଭରିଯାଇ ସବୁକିଛି ଝାପସା ଝାପସା ଦେଖାଯାଉଥିଲା ତାକୁ। ଆଙ୍ଗେଲାସୁଇସ୍ ଘଡିର ସମୟ କହୁଥିଲା, ଦଶ ଘଣ୍ଟା ପନ୍ଦର ମିନିଟ୍ ।

*****

ସି-୭୬, ସେକ୍ଟର-୨, ରାଉରକେଲା-୬
ମୋ. ୮୮୯୫୫୦୦୯୯୨

# ହାଏରେ ମୋ ଫଟୋ !

**କମଳା ଶତପଥୀ**



ଅଫିସ୍ ରୁ ବାପା ଆଜି ବେଶ୍ ଖୁସିରେ ଫେରିଥିଲେ । କିଛି ପ୍ରକାଶ ନକରିଲେ ବି ତାଙ୍କ ମୁହଁରୁ ପ୍ରସନ୍ନତା ଝଲକି ଆସୁଥିଲା । ସାର୍ଟ ଖୋଲୁ ଖୋଲୁ ବୋଉ ଉଦ୍ଦେଶ୍ୟରେ ପାଟି କରି କହିଲେ, "ଏଥର ସିମିର ତିନି ଚାରିଟା ଭଲ ଭଲ ଫଟୋ ଉଠେଇ ରଖ । ଶୀଘ୍ର ଦରକାର ପଡିବ ।"

ବାପାଙ୍କ କଥାରେ ବୋଉ ରୋଷେଇଘରୁ ଚମକିପଡି ବାହାରି ଆସିଲା । ଲୁଗାକାନିରେ ହାତ ପୋଛୁ ପୋଛୁ ଆସି ଶୋଇବାଘର ବାରଣ୍ଡାରେ ହାଜର ହେଇଗଲା । ବାପାଙ୍କ କଥା ଶୁଣିଥିଲେ ବି ଆଉ ଥରେ ପଚାରି ବସିଲା, "କ'ଣ ହେଲା.. ଏତେ ଖୁସି ଜଣା ପଡୁଛ ଯେ ?"

"ନାଇଁ ଆଉ ହେବ କ'ଣ .. ଝିଅଟା ଦେଖୁ ଦେଖୁ ବଡ ହେଇଗଲାଣି । ତେଣୁ ପୁଅଘର ସବୁ ଖବର ପଠେଇଲେଣି । ଆଜି ଦଇତାରୀବାବୁ ପଚାରୁଥିଲେ ତାଙ୍କ ଭାଇର ପୁଅ ପାଇଁ । ମୁଁ ତ ସିମି ବିଷୟରେ ଏପର୍ଯ୍ୟନ୍ତ ମନ ଦେଇନଥିଲି, କିନ୍ତୁ ସେମାନେ କହିଲାରୁ ଏବେ ମୁଣ୍ଡକୁ ପଶିଲା । ତୁମେ କ'ଣ କହୁଛ ?"

ବାପାଙ୍କ ପ୍ରଶ୍ନରେ ବୋଉ ଆଖିରୁ ଦି' ଧାର ଲୁହ ବାହାରି ଆସିଲା । "ହଁ, ଝିଅ ଜନମ ତ ପରଘରକୁ । ବାହା ତ ଯେମିତି ହେଲେ କରିବା । ଏବେ ଠାରୁ ଦେଖିବା ଆରମ୍ଭ କରିଦେଲେ, ଭଲ । ଯେତେ ଶୀଘ୍ର ଭଲ ଘର, ଆଉ ଭଲ

ବରପାତ୍ର ମିଳିଯିବ, ସେତେ ଶୀଘ୍ର କରିଦେବା ।"

ବୋଉର କଣ୍ଠରେ ଆଦ୍ରତା ଭରି ରହିଥିଲା । ବାପା ବି ଥଣ୍ଡା ନିଃଶ୍ୱାସଟିଏ ଛାଡିଦେଲେ । ହେଲେ ସେମାନଙ୍କ କଥାବାର୍ତ୍ତା ଶୁଣୁ ଶୁଣୁ ମୋ ମନରେ ମେଞ୍ଚାଏ ସୁନେଲି ସପନ ଭରିଗଲା । ଗଛକୁ ପାଣି ଦେବା ଛାଡିଦେଇ ଦୌଡି ଦୌଡି ନିଜ ରୁମ୍ କୁ ଚାଲିଆସିଲି । ଛାତି ମୋର ଧକ୍ ଧକ୍ ହେଉଥିଲା । ଲଜ୍ଜା, ଖୁସି, ପୁଲକ .. ସବୁ ମିଶିଯାଇ କାନମୁଣ୍ଡ ଲାଲ୍ ହେଇଯାଇଥିଲା । ଦର୍ପଣ ଆଗରେ ଯାଇ ମୁଁ ଠିଆ ହେଇଗଲି, ଆଉ ନିଜକୁ ନିରେଖି ଦେଖିଲି । ମୁଁ ଯେ ଖୁବ୍ ସୁନ୍ଦର, ସେଥିରେ କିଛି ଭାବିବାର ନଥିଲା । ମୋ ସାଙ୍ଗମାନେ ମତେ ସବୁବେଳେ ଚିଡାନ୍ତି, "ସିମିର କ'ଣ ଅଛି, କୋଉଠି ତା' ଲାଗି ରାଜକୁମାରଟିଏ ଥିବ, ଘୋଡା ଉପରେ ବସିକି ଆସି, ଆଗ ତାକୁ ନେଇଯିବ । ଆମେ ସମସ୍ତେ ଚାହିଁ ରହିଥିବୁ ।"

ଆଜି ବାପାଙ୍କ କଥାରୁ ଲାଗିଲା, ରାଜକୁମାରର ଆସିବା ବେଳ ହେଇଗଲାଣି । ଏବେ ଖାଲି ଯାହା କବାଟ ଖୋଲିବା ବାକି ଅଛି । ମନ ହେଉଥିଲା ଦଉଡି ଯାଇ ସାଙ୍ଗମାନଙ୍କୁ ଏ ଶୁଭ ଖବରଟା ଶୁଣେଇ ଦେବାକୁ । ଖୁବ୍ ଶୀଘ୍ର ସେମାନଙ୍କ କଥା ସତ ହେବାକୁ ଯାଉଛି ବୋଲି ଜଣେଇ ଦେବାକୁ । କିନ୍ତୁ ଜଣେଇବି କ'ଣ ? ମୁଁ ତ କିଛି ଜାଣିନାହିଁ ସେ ରାଜକୁମାର ବିଷୟରେ ! ଖାଲି ଦଇତାରୀ ବାବୁଙ୍କ ଭାଇର ପୁଅ ବୋଲି ଶୁଣିଲି । କିନ୍ତୁ ସେତିକି ପରିଚୟ ତ ଯଥେଷ୍ଟ ନୁହେଁ !

ନିଜ ଉପରେ ଏବେ ଖୁବ୍ ରାଗ ମାଡିଲା । କାହିଁକି ଆଉ ଟିକିଏ ସମୟ ଠିଆହୋଇ ନଶୁଣିକି ଦଉଡି ଚାଲିଆସିଲି ! ଆଉ ଥରେ ତଳକୁ ଯାଇ ସବୁକଥା ଶୁଣିକି ଆସିଲେ ହେବ ବୋଲି ଭାବି ଓହ୍ଲେଇ ଆସିଲି ଉପର ମହଲାରୁ । କିନ୍ତୁ ସେତେବେଳକୁ ବାପା ଟିଭି ଦେଖାରେ ବ୍ୟସ୍ତ ହୋଇ ସାରିଥଲେ ଆଉ ବୋଉ ବ୍ୟସ୍ତ ହେଇ ଯାଇଥିଲା ନିଜ ରୋଷେଇ କାମରେ ।

ମନେ ମନେ ଭାରି ବିବ୍ରତ ବୋଧ କଲି । ଘରେ ଆଉ କେହି ନାହାନ୍ତି, ଯାହାକୁ ଏସବୁ କଥା ପଚାରି ହେବ । ଅନ୍ୟ ଉପାୟ ନପାଇ ବୋଉର ଆଖପାଖରେ ଏକଡ ସେକଡ ହେବାକୁ ଲାଗିଲି । କାଳେ ତା' ପାଟିରୁ କିଛି ବାହାରି ଆସିବ .... କାଳେ ସନ୍ଧ୍ୟାବେଳର କଥାକୁ ସେ ଆଉ ଥରେ ଦୋହରେଇବ ! ହେଲେ ସେ ତା' କାମରେ ଏତେ ବ୍ୟସ୍ତ ଥଲା ଯେ ମୂଳରୁ ଜାଣି ପାରିଲା ନାହିଁ ମୁଁ ସେଇ ରୋଷେଇଘରେ ଅଛି !

ଶେଷରେ ଅନ୍ୟନୋପାୟ ହେଇ ମୋ ରୁମ୍ କୁ ଫେରିଆସି ନିଜକୁ ସଜେଇବାରେ ଲାଗିଲି । ହୁଏତ ବୋଉ ଏବେ ଆସି କହିପାରେ ଫଟୋ ଉଠେଇବାକୁ ଯିବାକୁ ! କମ୍ ସେ କମ୍ ସେଇ ବାହାନାରେ ତ ଦୁଇ ଚାରିଟା ପ୍ରଶ୍ନ ତାକୁ ମୁଁ ପଚାରି ପାରିବି !

ମାତ୍ର ସେକଥା ବି ହେଲାନି । ସେଦିନ ତ ଛାଡ, ଆସନ୍ତା ତିନି ଚାରି ଦିନ ପର୍ଯ୍ୟନ୍ତ ବି ଫଟୋ ଉଠେଇବା କଥା ବୋଉ ଜମା ଉଠେଇଲାନି । ସବୁଦିନ କଲେଜ୍ ରୁ ଫେରି ନିଜକୁ ସଜେଇ ଏଇ ପ୍ରତୀକ୍ଷାରେ ମୁଁ ରୁହେ ଯେ ବୋଉ ଫଟୋ ଉଠେଇବାକୁ ଯିବା କଥା କହିବ । କିନ୍ତୁ ବୋଉ ଆଉ ବାପାଙ୍କର କି ଗୁପ୍ ଚୁପ୍ କଥାବାର୍ତ୍ତା ଚାଲିଥାଏ କେଜାଣି, ସେମାନେ ମୋ ଉପସ୍ଥିତିକୁ ବି ବେଳେ ବେଳେ ଜାଣି ପାରନ୍ତିନି ।

ପ୍ରଥମେ ପ୍ରଥମେ ଭାବିଲି, କାଳେ ମୋରି ବିଷୟରେ କଥା ହେଉଥିବେ .. ତେଣୁ ଥରେ ଦି' ଥର ଲୁଚି ଲୁଚି ଶୁଣିବାକୁ ଚେଷ୍ଟା ବି କଲି । ମୋ ପରିଶ୍ରମ କିନ୍ତୁ ବିଫଳ ହେଲା । ବାପା ବୋଉଙ୍କର ଜମିବାଡି, ଗାଁ ଘର, ବଡବାପା, ବଡମା', ସବୁ ବିଷୟରେ .. ଏମିତି କି ଦେଶର ରାଜନୀତି ଉପରେ ବି କଥାବାର୍ତ୍ତା ଚାଲିଥିଲା, କେବଳ ମୋ ବାହାଘର କଥା ଛାଡିକି ! ମନେ ମନେ ବୋଉ ଉପରେ ମୁଁ ଖୁବ୍ ରାଗୁଥିଲି । କିଛି ଦାୟୀତ୍ୱ ନାହିଁ ସତରେ ତା'ର ! ସବୁ କାମରେ ଏତେ ହେଳା କଲେ କେମିତି ଚଳିବ ! ଝିଅ ବାହାଘର ତ କିଛି ପିଲାଖେଳ କଥା ନୁହେଁ ନା !

ଏମିତି ଏମିତି ହେଇ ତିନି ଚାରି ଦିନ ଗଡିଗଲା ପରେ ମୁଁ ଥକିଗଲି । ନିଜକୁ ଆଉ ସଜେଇବାର ସ୍ପୃହା ରହିଲାନି । ସମସ୍ତେ କହୁଛନ୍ତି ମତେ ଦେଖୁ ଦେଖୁ ପୁଅଘର ଲାଇନ୍ ଲଗେଇ ଦେବେ । ଅମକ କରିବେ .. ସମକ କରିବେ । କିନ୍ତୁ

କରିବେ କେମିତି ? ଆଗ ଫଟୋ ଦେଖିଲେ ସିନା କିଏ ପସନ୍ଦ କି ଅପସନ୍ଦ କରିବ ! ଏଠି ତ ଘରଲୋକଙ୍କର ହି କିଛି ଆଗ୍ରହ ନାହିଁ ! ଆଉ ମୁଁ କ'ଣ ନିଜେ ନିଜ ଫଟୋ ଉଠେଇବି ଯାଇ ?

ମନ ଭିତରେ କେତେ ପ୍ରକାରର ବୁଢିଆଣୀ ଜାଲ ବୁଣା ଚାଲିଥିଲା ବେଳେ, ହଠାତ୍ ମତେ ଆଶ୍ଚର୍ଯ୍ୟ କରେଇ ବୋଉ ଆସି ପହଞ୍ଚି ଫଟୋ ଉଠେଇ ଯିବା କଥା କହିଲା । ଆଗରୁ କେତେ ଭାବିକି ରଖିଥିଲି ଏଇ ସମୟ ଆସି ପହଞ୍ଚିଲେ ବୋଉକୁ ସବୁକଥା ପଚାରି ବୁଝିନେବି । କିନ୍ତୁ ଏଇଲେ ସେଇ ସୁବର୍ଣ୍ଣ ସୁଯୋଗ ମୋ ହାତରେ ଥିଲେ ସୁଦ୍ଧା ମୋ ପାଟି ଖୋଲିଲାନି । ନିଜ ହାତରେ ବେଶ କରି ବୋଉ ମତେ ଫଟୋ ଉଠେଇବାକୁ ନେଇଗଲା । ଭାରି ଉଦାସ ଲାଗୁଥଲା ସେ । ମୁଁ ମନେ ମନେ ବହୁତ ଉତ୍ସାହିତ ଥିଲେ ବି ତା'ର ଉଦାସ ମୁହଁ ଦେଖି ଚୁପ୍ ରହିବାକୁ ବାଧ ହେଲି ।

ଫଟୋ ଉଠେଇସାରି ଫେରିଲା ବେଳେ ବୋଉ ପୁଅ ବିଷୟରେ ବାଆଁରେଇ ବାଆଁରେଇ କେତେ କ'ଣ ସବୁ କହିବାକୁ ଲାଗିଲା । ମୁଁ କାଳେ ମନଦୁଃଖ କରିବି ବୋଲି ବଞ୍ଚେଇ ବଞ୍ଚେଇ ସବୁକଥା କହୁଥିଲା । ହେଲେ ସେ କାହୁଁ ଜାଣିବାକୁ ଯିବ ଯେ ଏସବୁ ବିଷୟରେ ଜାଣିବାକୁ ମୋ ମନରେ କେତେ ଆଗ୍ରହ ! ସବୁ ଉତ୍ସାହକୁ ମନ ଭିତରେ ଚାପିରଖି ମୁଁ ଖାଲି ହଁ ହାଁ ମାରି ତା' ସାଙ୍ଗରେ ଚାଲିଥାଏ । ତା' କଥାରୁ ଏତିକି ଜାଣିଲି ଯେ ପୁଅ ଏଇନେ ଲେକଚରର୍ ଅଛି । ଆଇ.ଏ.ଏସ୍ ପାଇଁ ଚେଷ୍ଟା ଚଲେଇଛି । ଯଦିଓ ଲେକଚରର୍ ଜୋଇଁ ବାପାଙ୍କର ପସନ୍ଦ ନୁହେଁ, ତେବେ ଆଶା ରଖିଛନ୍ତି କାଳେ ଆଇ.ଏ.ଏସ୍ ପାଇଯିବ ! ଏବେ କିଛି ଦିନ ପାଇଁ ଅପେକ୍ଷା କରିବେ ବାପା, ଯଦି ନ ପାଇବ, ତେବେ ମନା କରିଦେବେ ।

ବୋଉ କଥା ଶୁଣି ବାପାଙ୍କ ଉପରେ ରାଗ ଆସିଲା । କ'ଣ ହେଇଗଲା ଲେକଚରର୍ ହେଲେ ? ଲେକଚରର୍ ମାନେ କ'ଣ ବାହା ହେଉନାହାନ୍ତି ! ନା ସେମିତି କିଛି ମାନେ ଅଛି ଯେ ସମସ୍ତେ ଖାଲି ଡାକ୍ତର, ଇଂଜିନିଅର୍ କି ଆଇ.ଏ.ଏସ୍ ଜୋଇଁ କରିବେ ? ଭଲ ଘର, ଭଲ ବର ହେଲେ, ଗଲା ! ସେସବୁ ମନପସନ୍ଦର ହେବା ସହିତ ଦେଖିବାକୁ ବି ଭଲ ଅଛି ବୋଲି ବୋଉ କହୁଛି । ଆଉ ଅଧିକା କ'ଣ ଦରକାର ?

ମୁଁ ସିନା ମୋ ମନକୁ ଏସବୁ ବୁଝେଇ ଦେଉଥିଲି, ହେଲେ ବାପାଙ୍କ ଆଗରେ କେମିତି କହିବି ? ତାଙ୍କର ବି ସବୁ ବୁଝିବା ଶକ୍ତି କୁଆଡେ ଚାଲିଗଲାଣି, କେଜାଣି ?

ସେଦିନ ରାତିରେ ଅନେକ ସମୟ ପର୍ଯ୍ୟନ୍ତ ନିଦ ହେଲାନି । ଆଖି ବୁଜିଲା ମାତ୍ରେ ବିଚିତ୍ର ସ୍ୱପ୍ନ ସବୁ ଧାଡିବାନ୍ଧି ଆସି ନିଦ ଭାଙ୍ଗିଦେଲେ । ଦେହରେ, ମନରେ ଶିହରଣ ଖେଳି ଯାଉଥିଲା । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲି, ବାପା ଯେମିତି ରାଜି ହେଇଯାନ୍ତୁ ।

ଦୁଇ ତିନି ଦିନ ଭିତରେ ଫଟୋ ସବୁ ଧୁଆ ହେଇ ଆସିଗଲା । ବେଶ୍ ସୁନ୍ଦର ଉଠିଥିଲା ସେଗୁଡିକ । ମୁଁ ନିଜେ ନିଜ ଫଟୋକୁ ଦେଖି ମୁଗ୍ଧ ହେଇଗଲି । ଆଖି, ନାକ, କାନ, କୋଉଥିରେ କିଛି ବାରିବାକୁ ନଥିଲା । ବେଶ୍ ଲମ୍ବା ବେଣି ସାଙ୍ଗକୁ ବୋଉର ନୀଳ ରଙ୍ଗର କାଞ୍ଚିବରମ୍ ଶାଢି, ମୋର ରୂପକୁ ଦ୍ୱିଗୁଣିତ ନୁହେଁ, ପୂରା ଚଉଗୁଣିତ କରି ପକୋଉଥିଲା । ଯିଏ ଦେଖିବ ଆଖି ବୁଜି ପସନ୍ଦ କରିନେବ । ବାପାଙ୍କ ମନକୁ ବି ଫଟୋଗୁଡା ଖୁବ୍ ପାଇଗଲା । କାଲି ଅଫିସ୍ ରେ ଦଇତାରୀ ବାବୁଙ୍କୁ ଦେବେ ବୋଲି ନେଇ ନିଜ ବ୍ୟାଗ୍ ରେ ରଖିଲେ ।

ମନେ ମନେ ମୁଁ କଳ୍ପନା କରିଗଲି ମୋ ଫଟୋ ଦେଖି ଲେକଚରର୍ ବାବୁଙ୍କ ପ୍ରତିକ୍ରିୟା କ'ଣ ହେବ ! ମୁଗ୍ଧ ତ ହେଇଉଠିବେ ନିଶ୍ଚୟ, ନିଜ ଭାଗ୍ୟକୁ ବିଶ୍ୱାସ ବି ନକରି ପାରନ୍ତି । ହଁ, ନିଜ ଡାଏରୀରେ ନେଇ ଲୁଚେଇକି ନିଶ୍ଚୟ ରଖିବେ । କଲେଜ୍ କୁ ନେଇ ନିଜ ସାଙ୍ଗସାଥିଙ୍କୁ ବି ଦେଖେଇବେ । ସେମାନେ କହିଉଠିବେ – ତୁ ଖୁବ୍ ଭାଗ୍ୟବାନ୍ .. ଏତେ ସୁନ୍ଦର ଝିଅ ପୁଣି ତୋରି ଭାଗ୍ୟରେ ଲେଖା ହେଇଛି !

କଳ୍ପନାରେ ଲାଜେଇ ଉଠିଲି ମୁଁ । ସେମାନେ କ'ଣ ଖବର ଦେବେ, କି ନଦେବେ, ସେସବୁ ଜାଣିବାର କିଛି ଉପାୟ ନଥିଲା । ତେଣୁ ମନେ ମନେ ସ୍ଥିର କରିଲି, ସବୁଦିନ ବାପା

ଅଫିସ୍ ରୁ ଫେରିଲା ବେଳକୁ ଚେଷ୍ଟା କରିବି ଗଛରେ ପାଣି ଦେବା ବାହାନାରେ ତାଙ୍କ ରୁମ୍ ପାଖାପାଖି ରହିବାକୁ । ତା'ହେଲେ ସବୁକଥା ପରିଷ୍କାର ଶୁଣିପାରିବି ।

ଦୁଇ ତିନି ଦିନ କୋଉ ଛଟକରେ ବିତିଗଲା । ଏ ବିଷୟରେ କିଛି ବି କଥା ଘରେ ଉଠିଲାନି । ବିରକ୍ତ ହେଇଗଲି ମୁଁ । ଶୀଘ୍ର ଖବର ଦେବାକୁ କ'ଣ ତାଙ୍କର ମନ ହେଉନି, ନା ଫଟୋରେ ଏତେ ମୁଗ୍ଧ ଯେ ଆଗକୁ କିଛି ଭାବି ପାରୁନାହାନ୍ତି ! ଚାରି ପାଞ୍ଚ ଦିନ ପରେ ବାପା ଅଫିସ୍ ରୁ ଫେରିଲା ବେଳକୁ ଭାରି ଗମ୍ଭୀର ଲାଗୁଥିଲେ । ତାଙ୍କୁ ଦେଖୁ ଦେଖୁ ହି ଜାଣିଗଲି ଆଜି ନିଶ୍ଚୟ କିଛି ଘଟିଛି । ବାପାଙ୍କ ଅଫିସ୍ ରେ କିଛି ଗଣ୍ଡଗୋଳ ଘଟିଛି, ନହେଲେ ପୁଅଘର କିଛି ଖବର ଦେଇଛନ୍ତି ।

ମୋ ଅନୁମାନ ସତ ଥିଲା । ଚା ପିଉ ପିଉ ବାପା ବୋଉକୁ କହିଲେ, "ଦଇତାରୀ ବାବୁଙ୍କ ସହିତ ଦେଖା ହେଇଥିଲା ।" ଦଇତାରୀ ବାବୁଙ୍କ ନାଁ ଶୁଣୁ ଶୁଣୁ କାନ ମୋର ଠିଆ ହେଇଗଲା । ପାଣି ପାଇପ୍ ବନ୍ଦ କରିଦେଇ ମାଟି ଖୋଳିବାର ଅଭିନୟ କଲି, ଯେମିତି ସବୁକିଛି ସ୍ପଷ୍ଟ ଶୁଣିପାରିବି ।

"କ'ଣ କହୁଥିଲେ ?" ବୋଉର ସ୍ୱରରେ ମାତ୍ରାଧିକ ଉତ୍କଣ୍ଠା ଥିଲା ବେଳେ, ଏକଦମ୍ ଥଣ୍ଡା ସ୍ୱରରେ ବାପା ଉତ୍ତର ଦେଲେ, "ସିମି ତାଙ୍କୁ ପସନ୍ଦ ତ ହେଇଛି, କିନ୍ତୁ ..."

"କିନ୍ତୁ ପୁଣି କ'ଣ ?" ମୋ ଛାତି ଧଡ଼ ଧଡ଼ ହେବାକୁ ଲାଗିଲା । ସେମାନେ ତ ପସନ୍ଦ କରିସାରିଲେ ! ଆଉ କ'ଣ ବାପା ମନା କରିଦେଲେ କି ଲେକଚରର୍ ବୋଲି ?

"ସେମାନେ କହୁଛନ୍ତି ଝିଅର ବୟସ ଏଇଲେ ବହୁତ କମ୍ ଅଛି । ଅତି କମ୍ ରେ ବି.ଏ. ଟା ତ ପାସ୍ କରିସାରୁ ! ଏମିତିରେ ପୁଅର ବହୁତ ଇଚ୍ଛା ଅଛି । ଘରଲୋକେ ବି ରାଜି ଅଛନ୍ତି । କିନ୍ତୁ ଏତେ ଛୋଟ ଝିଅକୁ ବାହା ହେବାକୁ ମନା କରୁଛି ସେ । ଆଉ ଗୋଟେ କାରଣ ବି ଅଛି ଏବେ ବାହା ହେବାକୁ ମନା କରିବାର । କମ୍ପିଟିଟିଭ୍ ପରୀକ୍ଷା ସବୁ ସେ ଦେଇଛି । କ'ଣ ରେଜଲ୍ଟ ହେବ ଜଣାନାହିଁ । ତେଣୁ ଅତି କମ୍ ରେ ଦୁଇ ବର୍ଷ ପର୍ଯ୍ୟନ୍ତ ବାହା ହେବା କଥା ଧରିବାକୁ ସେ ଚାହୁଁନି । ଯଦି ଆମେମାନେ ଦୁଇ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ରାଜି ହେବା, ତେବେ ତାଙ୍କ ତରଫରୁ ହଁ ବୋଲି କହିଛନ୍ତି ।"

ଆଉ ଆଗକୁ ବାପା ବୋଉ କ'ଣ କଥା ହେଲେ ମୁଁ ଶୁଣିବାକୁ ଚାହିଁଲିନି । ରାଗରେ, ଅପମାନରେ ମୋ ରୁମ୍ କୁ ଫେରି ଆସିଲି । ମନରେ ଆକ୍ରୋଶ ଭରି ଯାଇଥିଲା ସେହି ଅଜଣା ଅଶୁଣା ବ୍ୟକ୍ତି ପ୍ରତି । ଫଟୋ ଦେଖି ରାଜି ତ ଅଛି, କିନ୍ତୁ ଦୁଇ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ! କାହିଁକି ? ମତେ କ'ଣ ଆଉ କେହି ମିଳିବେନି ? ଭାରି ଆଇ.ଏ.ଏସ୍ ପରୀକ୍ଷା ଦେଖୋଉଛି ! ଭୁସ୍ ପଣ୍ଡିତଟେ ତ, ଖାଲି ଆଇ.ଏ.ଏସ୍ ପାଇଯିବ !

ଯେତେ ରାଗିଲେ ବି କମ୍ ଲାଗୁଥିଲା । ମନଇଚ୍ଛା ତାକୁ ଗାଳି ଦେଇ ଦେଇ ଥକିଗଲି । ଆଖିରୁ ଧାର ଧାର ଲୁହ ବୋହି ଚାଲିଗଲା । ରାଜକୁମାରର ସ୍ୱପ୍ନ ମୋର ମାଟିରେ ମିଶିଗଲା । ରାଗଟା ଏଥର ବୁଲିଯାଇ ସାଙ୍ଗମାନଙ୍କ ଉପରେ ପଡିଲା । ସବୁବେଳେ କହୁଥିଲେ ସିମିକୁ ଯିଏ ଦେଖିବ, ବେହୋସ୍ ହେଇଯିବ ! କାହିଁ .. ହେଲାନି ତ କେହି ? କାହିଁକି ଏମିତିଆ ମିଛ କଥାଗୁଡା ଆଜି ଯାଏ ମତେ ସେମାନେ ଶୁଣେଇ ଆସିଥିଲେ ? କାହିଁକି .. କାହିଁକି .. ?

ସେଦିନ ରାତିରେ ନଖାଇ ନପିଇ ଶୋଇପଡିଲି । ବିଗତ କେତେ ଦିନରୁ ଯୋଉ ସବୁ ରଙ୍ଗୀନ ସ୍ୱପ୍ନରେ ନିଜକୁ ବୁଡେଇ ରଖିଥିଲି, ସେସବୁ ଆଜି ଭାଙ୍ଗି ଚୁରମାର୍ ହେଇଯାଇଥିଲା । ବୋଉ ଯେତେ କବାଟ ବାଡେଇ ଡାକିଲେ ବି କବାଟ ଖୋଲିଲିନି କି ଖାଇବାକୁ ଗଲିନି । ଦେହ ଖରାପ ଲାଗିବାର ବାହାନା କରି ଚୁପଚାପ୍ ଖଟରେ ପଡି ରହିଲି । ପ୍ରଥମ ଥର ପାଇଁ ମୋ ଜୀବନରେ ଏସବୁ ଘଟିଥିଲା । ସେଥିପାଇଁ ମତେ କିଛି ବି ଭଲ ଲାଗୁନଥିଲା ।

ଖାଲି ସେଦିନର ରାତି ନୁହେଁ, ବେଶ୍ କିଛି ଦିନ କାଳ ମନଟା ଭାରି ଅଶାନ୍ତ ରହିଲା । ପଢାପଢି କରିବାର ଆଗ୍ରହଟା ପୂରା କମି ଯାଇଥିଲା । ବାପା ବୋଉ କିନ୍ତୁ ପୂର୍ବବତ୍ ସାମାନ୍ୟ ଥିଲେ । ତାଙ୍କ ପାଇଁ ଏତେ ବଡ ଗୋଟେ ଦୁର୍ଘଟଣା କିଛି ବି

ଅର୍ଥ ରଖୁନଥିଲା । ମତେ ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା, ତା'ଠାରୁ ଅଧିକ ଲାଗୁଥିଲା ରାଗ ।

ସେ ଯାହାହେଉ, ତା'ପରେ ବାପା ଆଉ କୋଉ ପୁଅ ବିଷୟରେ ଘରେ କେବେ କିଛି କଥା ଉଠେଇଲେ ନାହିଁ । କମ୍ ସେ କମ୍ ମୋ ଜାଣତରେ ତ ନୁହେଁ । ମୁଁ ସବୁଦିନ ଖବର କାଗଜ ଓଲଟ ପାଲଟ କରି ଦେଖିବାରେ ଲାଗିଲି, କାଳେ କୋଉ ଦିନ ସେ ଲେକଚରର୍ ର ଫଟୋଟା ଆଇ.ଏ.ଏସ୍ ପାଇଥିବା ବ୍ୟକ୍ତିର ତାଲିକାରେ ବାହାରିବ ! ତା ନାଁ, ଗାଁ ଠିକଣା ଆଉ ରୂପ ଭେକ ସବୁର ଖବର ଜାଣିବାକୁ ଇଚ୍ଛା ମୋର ଭିତରେ ଭିତରେ ରହିଥିଲା । କିନ୍ତୁ ସେ ଇଚ୍ଛା କେବେ ପୂରଣ ହେଲା ନାହିଁ ।

ଧିରେ ଧିରେ କଟା ଘା' ଭରିବାକୁ ଲାଗିଲା ପରେ ପଢାପଢିରେ ଧ୍ୟାନ ଦେବାକୁ ଲାଗିଲି । ଯାହାର ଫଳ ସ୍ୱରୂପ ବି.ଏ.ର ରେଜଲ୍ଟ ବହୁତ ଭଲ ହେଲା । ଆଉ ଆଗକୁ ପଢିବାର ଇଚ୍ଛା ମୋର ସତରେ ନଥିଲା, ହେଲେ ବାପା ଏମ୍.ଏ. ରେ ନାଁ ଲେଖେଇଦେଲେ । ବାଧ ହେଇ ପଢିଲି ।

କିଛି ଦିନ ଭିତରେ ବାପା ପୁଣି ସକ୍ରିୟ ହେଇଉଠିଲେ । ସବୁଦିନ କାହାର ପୁଅ .. କାହାର ଭାଇ .. କାହାର ଶଳାର ଫଟୋ ଏବଂ ଜାତକ ଆସି ଆମ ଘରେ ପହଞ୍ଚିଲା । କିନ୍ତୁ ଦୁଃଖର ବିଷୟ କୋଉଠି ନା କୋଉଠି, କିଛି ନା କିଛି ଅସୁବିଧା ରହି କଥା ଆଗକୁ ନବଢି ରହି ହି ଗଲା । କୋଉଠି ପୁଅ ଭଲ ଦେଖିବାକୁ ନଥିଲା, ତ କୋଉଠି ନଥିଲା ଚାକିରି । କୋଉଠି ପୁଅର ବୟସ ଅଧିକା ହେଇ ଯାଉଥିଲା ବେଳେ କୋଉଠି ପାଖାପାଖି ହେଇ ଯାଉଥିଲା । କୋଉଠି ସବୁକିଛି ଠିକ୍ ଥିଲା ବେଳେ ଘର ପରିବାର ଠିକ୍ ନଥିଲା । କୋଉଠି ବାପାଙ୍କ ମନକୁ ପାଉଥିଲେ, ବୋଉକୁ ଭଲ ଲାଗୁନଥିଲା ତ ଆଉ କୋଉଠି ଓଲଟା ବି ହେଉଥିଲା । ଏସବୁ ମଝିରେ ପେଣ୍ଡୁଲମ୍ ସାଜି ମୁଁ କେବଳ ଏପଟରୁ ସେପଟ ହେଉଥିଲି । କେତେ ଥର ପୁଅଘର ଆସି ଆମ ଘରୁ ଫେରି ଯାଉଥିଲେ ତ ଆଉ କେତେବେଳେ ବାପା ବୋଉ ସେମାନଙ୍କ ଘରୁ ନାହିଁ କରିଦେଇ ଫେରି ଆସୁଥିଲେ ।

ଏମିତି ଏମିତି ହେଇ ଆହୁରି ଦି' ବର୍ଷ ବିତିଗଲା । ମୋର ଏମ୍.ଏ. ପରୀକ୍ଷା ବି ସରିଲା । ପୂର୍ବ ଭଳି ରେଜଲ୍ଟ ଭଲ ହି ହେଇଥିଲା । ତେଣୁ ଆଗକୁ ନପଢିବାର କିଛି ବାହାନା ନଥିଲା । ତା'ଛଡା ଆଉ ସେ କୈଶୋରର ଚପଳାମୀ ତ ନଥିଲା ଯେ ବାହା ହେବି ବୋଲି ସଜବାଜ ହେଇ ଘରେ ବସିରହିବି ! ବାହାରକୁ ଗଲେ କାଳେ କଳା ପଡିଯିବି ବୋଲି କଲେଜ୍ ଯିବା ଛାଡିଦେବି ! ଏବେ ତ ପୂର୍ବ କଥା ସବୁ ମନେ ପଡିଗଲେ ଲଜ୍ୟା ଲାଗୁଥିଲା, ଆଉ ହସ ବି ।

ପ୍ରତି ବର୍ଷ ମୋ ରୂପ ଭେକରେ କେତେ କେତେ ପରିବର୍ତ୍ତନ ଯେ ହେଇ ଚାଲିଥିଲା, ତା'ର ହିସାବ ନାହିଁ । ସେଇ କାରଣ ପାଇଁ ଏଇ ଭିତରେ ଆହୁରି କେତେ ଥର ଷ୍ଟୁଡିଓ ଯାଇ ଫଟୋ ଉଠା ସରିଥିଲା । ଏବେ କିନ୍ତୁ ଫଟୋ ଉଠାହେଲା ବେଳେ ଆଉ ସେ କାଞ୍ଜିବରମ୍ ଶାଢି ପିନ୍ଧା ହେଉନଥିଲା କି ମୁହଁରେ ବହଳ ମେକ୍ ଅପ୍ ବୋଳା ଯାଉନଥିଲା । ସେ ଜାଗାରେ, ଏବେ ପିନ୍ଧା ଯାଉଥିଲା ସାଧା ସୂତା ଶାଢି ଆଉ ତା' ସାଙ୍ଗକୁ ଆଖିରେ ରହୁଥିଲା ମୋଟା ଚଷମା .. ପଛରେ ସେହି କଳା ନାଗୁଣୀ ପରିକା ବେଣୀ ବଦଳରେ ଝୁଲୁଥିଲା ପତଳା ଏକ ସଜନା ଛୁଇଁ, ଯାହା ପୂର୍ବ ସମୃଦ୍ଧିର ସୂଚନା ରୂପକ ଏବେ ଖାଲି ନାଁକୁ ମାତ୍ର ରହି ଯାଇଥିଲା ।

ସମୟ ଆଖି କାନ ବୁଜି ଦୌଡୁଥିଲା । ତା'ଠୁ ଦ୍ରୁତ ଗତିରେ ଗଡି ଯାଉଥିଲା ମୋ ବୟସ ! ତଥାପି ମୋ ପାଇଁ ବାପାଙ୍କ ମନଲାଖି ବରଟିଏ ଏପର୍ଯ୍ୟନ୍ତ ମିଳି ପାରୁନଥିଲା । ମୁଁ ବି ସେସବୁ ପିଲାଳିଆମୀରୁ ମନକୁ ହଟେଇ ପଢାପଢିରେ ଲାଗି ରହୁଥିଲି । ମୋର ସବୁ ସାଙ୍ଗମାନେ ବାହା ସାହା ହେଇ ଗୋଟେ ଦୁଇଟା ଛୁଆର ମା' ହୋଇ ସାରିଥିଲେ । କେବେ କେମିତି ରାସ୍ତାଘାଟରେ ଦେଖା ହେଇଗଲେ, ଫିକା ହସ ହସି ଯଥାଶୀଘ୍ର ସେଠାରୁ ଖସି ଆସୁଥିଲି ମୁଁ । ମୋ ଭାଗ୍ୟରେ ଯେ କେହି ଲେଖା ହେଇନାହାନ୍ତି, ସେକଥାକୁ କାନିରେ ଗଣ୍ଠି କରିନେଇଥିଲି । ଏବେ ପୁଅ ଦେଖା, ଝିଅ ଦେଖା କଥା ଶୁଣିଲେ ବିରକ୍ତିରେ ମନ ଭରି ଉଠୁଥିଲା । କିନ୍ତୁ କିଛି ଗୋଟାଏ ଟାଣ କରି କହିଦେଇ ବାପା ବୋଉଙ୍କ ମନରେ ଆହୁରି ଦୁଃଖ ଦେବାକୁ ମୁଁ ଚାହୁଁନଥିଲି ।

ଧିରେ ଧିରେ ସେମାନେ ବି ଥକିବାକୁ ଲାଗିଲେ । ତଥାପି

ନୂଆ କରି କିଛି ପ୍ରସ୍ତାବ ଆସିଲେ, ସବୁ ଥକାପଣ ଉତ୍ସାହରେ ବଦଳି ଯାଉଥିଲା । ପୁଣି ଜୋର୍ ସୋର୍ ରେ ଲାଗି ଯାଉଥିଲେ ସେମାନେ । କିନ୍ତୁ ଯୋଉ କଥାକୁ ସେଇ କଥା ଆସୁଥିଲା ଫଳ ହେଇକି ! ପୂର୍ବ ଭଳି କିଛି ନା କିଛି କେଁ ରହି ଯାଉଥିଲା, ଆଉ ସେ କେଁ କୁ କୌଣସି ମତେ ଦୂର କରାଯାଇ ପାରୁନଥିଲା ।

ଏଇ ଭିତରେ ଯେତେ ଯାହା ସବୁ ପଢା ଥିଲା, ତାକୁ ସାରି, ୟୁନିଭରସିଟିରେ ଲେକ୍ଟରର ହେଇ ପଢେଇବା ଆରମ୍ଭ କରିଦେଇଥିଲି । ହଠାତ୍ ଦିନେ ବାପାଙ୍କୁ ବିନା କାରଣରେ ଖୁସି ହେବାର ଦେଖି ମୁଁ ଚିନ୍ତାରେ ପଡିଗଲି । ବହୁତ ଯୁଗ ପରେ ବାପା ଏତେ ଉତ୍ସାହିତ ଦେଖା ଯାଉଥିଲେ । କାରଣଟା କ'ଣ ହେଇପାରିବ, ତା'ର କିଛି ଅନୁମାନ କରିପାରିଲିନି । ମୁଁ ମୋର ଖାତା ଦେଖାରେ ବ୍ୟସ୍ତ ଥିଲେ ବି ସେମାନଙ୍କ କଥା ଧ୍ୟାନ ଦେଇ ଶୁଣୁଥିଲି । ଅବଶ୍ୟ ଏବେ ଆଉ ପୂର୍ବ ପରି ଲୁଚିଛପି ସେମାନଙ୍କ ଆଲୋଚନା ଶୁଣିବାକୁ ପଡୁନଥିଲା । ଦରକାର ଥିଲେ ବାପା ସିଧା ସିଧା ମୋ ସହିତ ବିଚାର ବିମର୍ଶ କରିନେଉଥିଲେ ।

ତଥାପି ଆଜି କିଛି ବିଶେଷ କଥା ଥିବ ବୋଲି ଅନୁମାନ କଲି । ସତରେ ଘଟଣାଟା ବିଶେଷ ହିଁ ଥିଲା । ମତେ ଶୁଣେଇ ଶୁଣେଇ ବାପା ବୋଉକୁ କହୁଥିଲେ, "କ'ଣ କହିବ ଏ ଲୋକଙ୍କୁ ? କଥାରେ ପରା ଅଛି – ଆରେ ଭ୍ରମଣା, ବୁଲି ବୁଲି କରି ସେଇ ଅଗଣା !"

ବାପାଙ୍କର ଏମିତି ବୁଲେଇ ବଙ୍କେଇବା କଥାରେ ବୋଉ ବିବ୍ରତ ହୋଇଉଠିଲା । ମୁଁ ମଧ୍ୟ ଜାଣିବାକୁ ଚାହୁଁଥିଲି, କୋଉ କଥା ବାପାଙ୍କୁ ଏତେ ଉତ୍ସାହିତ କରି ପକେଇଛି ବୋଲି । ଆଉ ଏତିକି ବେଳେ ବାପାଙ୍କର ଏ ଢଗ ଢମାଳି ଭରା କଥା କାହାକୁ ବା ଭଲ ଲାଗନ୍ତା !

"କ'ଣ ହେଲା କହୁନ .. ଏତେ ଲମ୍ବେଉଛ କାହିଁକି ?" ବୋଉର ଆଗ୍ରହରେ ବାପା କହିଲେ, "ମନେ ଅଛି .. ସିମି ପାଇଁ ପ୍ରଥମ ପ୍ରସ୍ତାବ ଦଇତାରୀ ବାବୁ ଦେଇଥିଲେ ?"

ମୋ ସ୍ମୃତିରେ ସଙ୍ଗେ ସଙ୍ଗେ ପ୍ରତିଫଳିତ ହେଇଉଠିଲା ସେ ଲେକଚରର୍ ର କଳ୍ପିତ ପ୍ରତିକୃତି ! କେମିତି ଭଲା ଭୁଲି ପାରିଥାନ୍ତି ତାକୁ, ଯାହା ପାଇଁ କେତେ କେତେ ରାତି ମୋର ଅନିଦ୍ରାରେ ବିତିଛି ! ଲୁହ ଝରେଇ ବିତିଛି ! ବୋଉ କିନ୍ତୁ ମନେ ପକେଇ ପାରିଲାନି । ତାକୁ ଭାବି ବସିବାର ଦେଖି ବାପା କହିଲେ, "ଓହୋ .. ମନେ ପଡୁନି ? ହଁ, କ'ଣ ଏବକା କଥା ହେଇଛି ଯେ ମନେ ରହିବ ! ବାର ତେର ବର୍ଷ ତ ବିତି ସାରିବଣି ! ତାଙ୍କ ଭାଇର ପୁଅ ବିଷୟରେ ସେତେବେଳେ ସେ କହିନଥିଲେ ? ଓହୋ .. ! ସେ ଯେଉଁ ଲେକଚରର୍ ପିଲା କଥା ମ ! ଆଇ.ଏ.ଏସ୍ ପାଇଁ ଚେଷ୍ଟା ଚଲୋଉଥିଲା .. ସିମି ତାକୁ ସେତେବେଳେ ଭାରି ପସନ୍ଦ ଥିଲା .. ଖାଲି ବୟସ ହେଇ ନଥିଲା ବୋଲି ମନା କରି ଦୁଇ ବର୍ଷ ଅପେକ୍ଷା କରିବାକୁ କହୁଥିଲା ..!"

ଏଥର ବୋଉର ମନେ ପଡିଗଲା ସବୁକିଛି । ବାପାଙ୍କ ଭଳି ସେ ମଧ୍ୟ ଉତ୍ସାହିତ ହେଇ କହିଲା, "ହଁ, ହଁ, ମନେ ପଡିଲା । ସେ କ'ଣ ଏବେ ଆଇ.ଏ.ଏସ୍ ହେଇ ଯାଇଛି?"

"ନାହିଁ ମ .. ସେଇ ଲେକଚରର୍ ହି ଅଛି । ଏପର୍ଯ୍ୟନ୍ତ ବାହା ବି ହେଇନି । ଆଜି ଦଇତାରୀ ବାବୁଙ୍କ ସହିତ ଦେଖା ହେଲାରୁ କହିଲେ, ସିମିର ଫଟୋକୁ ଦେଖିଲା ପରେ ତାକୁ ଆଉ କୋଉ ଝିଅ ବି ପସନ୍ଦ ଆସିଲେ ନାହିଁ । ପ୍ରଥମେ କିଛି ବର୍ଷ ତ ସେ ଆଇ.ଏ.ଏସ୍ ପାଇଁ ବ୍ୟସ୍ତ ରହିଲା । ନପାଇଲାରୁ ବାପା ମା' ବାଧ ହୋଇ ଝିଅ ଖୋଜାଖୋଜି କଲେ । କିନ୍ତୁ କୋଉ ଝିଅ ବି ପସନ୍ଦ ଆସିଲା ନାହିଁ ତାକୁ । ସେମାନେ କେତେ ଥର ଭାବିଲେ ଆମକୁ ପଚାରିବା ପାଇଁ, କିନ୍ତୁ ଭାବିଲେ କାଳେ ସିମିର ବାହାଘର ହେଇଯିବଣି ! ତେଣୁ ଲୋକହସା ହେବେ ବୋଲି ଆଉ ପଚାରି ନଥିଲେ ।

ବହୁତ ବର୍ଷ ପରେ ଆଜି ଦେଖା ହେଲାରୁ, କଥାରେ କଥାରେ ସିମି ପାଇଁ ବର ଖୋଜୁଛି ବୋଲି କହିଲାରୁ ଭାରି ଖୁସି ହେଇଗଲେ ସେ । କହିଲେ, ଯଦି ଲେକଚରର୍ ଜୋଇଁ ଚଳିବ, ତେବେ ରାଜୀବ, ମାନେ ତାଙ୍କ ପୁତୁରା ଏପର୍ଯ୍ୟନ୍ତ ବି ବାହା ହୋଇନାହିଁ । .... ଏଥିକୁ ତମେ କ'ଣ ଭାବୁଛ ?"

ବାପାଙ୍କ ପ୍ରଶ୍ନରେ ଦୀର୍ଘଶ୍ୱାସଟିଏ ଛାଡି ବୋଉ କହିଲା, "ଆଉ ଭାବିବ କ'ଣ ? ଭାବିବାକୁ ଆଉ ବେଳ ଅଛି, ନା ଅଛି

ବୟସ ! ସେତେବେଳେ ମନା କଲା, ନହେଲେ ଏତେବେଳକୁ ନାତି ନାତୁଣୀ ସାଙ୍ଗରେ ଖେଳୁଥାଆନ୍ତେ । ସେଇ ଜୋଇଁ କରିବ, ଅଥଚ କେତେ ହଇରାଣ ହେଲଣି !"

ବୋଉର ଆଖିରେ ଲୁହ ଭରିଗଲା । ଅଦ୍ଭୁତ ଏକ ଅସମଞ୍ଜସ ପରିସ୍ଥିତିରେ ମୁଁ ପଡିଗଲି । ଦ୍ୱିଧା ଭରିଗଲା ମନରେ । ଆଉ ଏ ବୟସରେ ବାହା ହେବାକୁ ମନ ତ ନଥିଲା .. ତଥାପି ସମାଜର ନୀତି ନିୟମକୁ ଭାଙ୍ଗିଦେବାର ସାହସ ବି ନଥିଲା ! ବାର ତେର ବର୍ଷ ତଳେ ମତେ ଯିଏ ବାହା ହେବାକୁ ମନା କରୁଥିଲା, ଏବେ ସେ ପୁଣି ବାହାହେବାକୁ ହଁ କରୁଛି ? ମନ କ'ଣ ଏତେ ସହଜରେ ସେକଥାକୁ ସ୍ୱୀକାର କରିପାରିବ ! ଅନେକ ଦୃଷ୍ଟିରୁ ଭଲ ତ ହେଇଛି, ହେଲେ ସେ ମନ କ'ଣ ଆଉ ଅଛି ! ହସ ବି ମାଡିଲା ଆଉ ଦୁଃଖ ବି । ନିରବରେ ସେ ଜାଗା ଛାଡି ମୁଁ ଚାଲି ଆସିଲି । ବାପା ବୋଉ ବାହାଘର ବିଷୟରେ ବିଚାର ବିମର୍ଶ କରିବାରେ ବ୍ୟସ୍ତ ଥିଲେ, ମୋର ଉଠି ଆସିବାଟାକୁ ଏତେ ଧ୍ୟାନ ଦେଲେ ନାହିଁ ।

ସେଦିନ ଅନେକ ରାତି ପର୍ଯ୍ୟନ୍ତ ମତେ ନିଦ ଆସିଲା ନାହିଁ । ମନେ ପଡି ଯାଉଥିଲା ଜୀବନର ପ୍ରଥମ ଅନୁଭୂତି । କେତେ ଉତ୍ସାହ ଭରି ରହିଥିଲା ମନରେ ! ଆଜି କିନ୍ତୁ ଏକ ପ୍ରକାରର ଭୟ ବସା ବାନ୍ଧି ପକେଇଲା । ଭୟର କାରଣ କିଛି ଜଣାନଥିଲା । ତଥାପି ଅଜଣା ଆଶଙ୍କାରେ ଛାତି ଥରି ଉଠୁଥିଲା । ସେ ପିଲାକୁ ମୋର ବିବାହ କରିବାଟା ଉଚିତ୍ କି ନାହିଁ, ଜାଣି ପାରୁନଥିଲି ।

ପୁଣି ଥରେ ଯଦି ଆଜି କୌଣସି କାରଣକୁ ନେଇ ସେମାନେ ମନା କରିଦିଅନ୍ତି, ତା'ହେଲେ ? ସେଦିନ ଭଳି ଭାଙ୍ଗି ପଡିବିନି ସତ, ହେଲେ କେତେ ଅପମାନ ଲାଗିବ ! ସେତେବେଳେ ମୋର ଥିଲା ବୟସ ଆଉ ସୌନ୍ଦର୍ଯ୍ୟର ଅଭିମାନ ! ହେଲେ ଏବେ ତ ଆଉ ସେସବୁ ନାହିଁ । ସେ ଯେ ମନା କରି ନଦେବ, କିଏ କହିପାରିବ ! କ'ଣ ଗ୍ୟାରେଣ୍ଟି ଅଛି ଯେ ମୁଁ ତାକୁ ସେତେବେଳ ପରି ଏବେ ବି ପସନ୍ଦ ଆସିଯିବି ?

ରହି ରହି ମନ ଖାଲି କହିଲା, ସେମାନେ ମନା କରିବା ପୂର୍ବରୁ ମୁଁ ନିଜେ ମନା କରିଦେବାଟା ଭଲ ହେବ । କିନ୍ତୁ ଜମାରୁ ସାହସ ହେଉନଥିଲା । ବାପା ବୋଉଙ୍କ ଅବସ୍ଥା କ'ଣ ହେବ, ମୋର ମନା ଶୁଣିଲା ପରେ .. ସେକଥା ଚିନ୍ତା କରି ମୁଁ ଝାଳେଇ ଉଠୁଥିଲି । ମନ ସଶଙ୍କିତ ହୋଇ ପଡୁଥିଲା ।

ସବୁଦିନ ପରି ଆଜି କଲେଜ୍ ବାହାରିଲା ବେଳକୁ ବୋଉ ଆସି ପହଞ୍ଚିଗଲା ମୋ ରୁମ୍ ଭିତରେ । ପିନ୍ଧା ଶାଢିଟାକୁ ଦେଖି ନାକ ଟେକି କହିଲା, "ଭଲ ଶାଢି କିଛି ପିନ୍ଧୁନୁ .. ଏ ଧଳା ଶାଢି ଗୁଡା କାହିଁକି ପିନ୍ଧୁଛୁ ?"

"କାହିଁ ଆଜି କ'ଣ କି ? ସବୁଦିନ ତ ଏମିତି ହି ପିନ୍ଧିକି ଯାଉଛି ! ଆଉ ଧଳା କ'ଣ ? ଏଥିରେ ନେଳି ଫୁଲ ପରା ପଡିଛି !!"

ମୋ ଉତ୍ତରକୁ ଅପେକ୍ଷା ନକରି ବୋଉ ଆଲମିରା ଖୋଲି ଗୋଟିଏ ଗାଢ ନୀଳ ରଙ୍ଗର ଶାଢି କାଢି ଧରେଇ ଦେଇ କହିଲା, "ଏଇଟା ପିନ୍ଧିକି ଯା' .. ତୋ' ଗୋରା ରଙ୍ଗକୁ ମାନିବ ! ସବୁବେଳେ ଫିକା ରଙ୍ଗ ଗୁଡା ପିନ୍ଧି ପିନ୍ଧି ନିଜକୁ ବୁଢୀ କରି ସାରିଲୁଣି !!"

"ତୋ' ମୁଣ୍ଡ ଖରାପ ହେଇଯାଇଛି ନା କ'ଣ ? ଏ ଶାଢି ପିନ୍ଧି ପିଲାଙ୍କୁ ପଢେଇବାକୁ ଯିବି ?? ୟୁନିଭରସିଟିରେ ପିଲା ମତେ ରଖେଇ ଦେବେ ତ ? ତା' ଛଡା, ବୁଢୀ ହେଇ ସାରିଲିଣି ଯେତେବେଳେ, ଗାଢା ରଙ୍ଗର ଶାଢି ପିନ୍ଧିଦେଲେ କ'ଣ ଯୁବତୀ ହେଇଯିବି ? କୋଉ କାଳୁ ତିରିଶ ଟପି ସାରିଲିଣି .. ତଥାପି ତୁ କ'ଣ ମତେ ଛୁଆ ବୋଲି ଭାବୁଛୁ ନା କ'ଣ ?"

ବୋଉ ଆଖିରେ ପାଣି ଭର୍ତ୍ତି ହେଇଗଲା । ସେ ଜାଣେ, ମତେ ଚୁପ୍ କରେଇବାକୁ ଏଇଟା ହିଁ ତା'ର ଅମୋଘ ଅସ୍ତ୍ର .. ତେଣୁ ଠିକ୍ ଫାନ୍ଦ ପକେଇଲା । ତଥାପି ଯେତେ ବାଧ କଲେ ବି ସେ ନୀଳ ରଙ୍ଗର ଶାଢି ପିନ୍ଧିବାର ସାହସ କଲି ନାହିଁ । ବହୁତ କଷ୍ଟରେ ଆକାଶୀ ରଙ୍ଗର ଶାଢିରେ ବୋଉ ରାଜି ହେଇଗଲା । ମ୍ୟାଚିଙ୍ଗ୍ କରି ଚୁଡି, ବିନ୍ଦି, କ୍ଲିପ୍ ସବୁ ପିନ୍ଧେଇଲା । ଯେତେ ମନା କଲେ ବି ଶୁଣିବାକୁ ପ୍ରସ୍ତୁତ ନଥିଲା ।

ଆଜି ହଠାତ୍ ବୋଉର ଏ କ୍ରିୟାକଳାପ ମୋ ବୁଦ୍ଧିର ବାହାରେ ଥିଲା । କିଛି ତ କାରଣ ନିଶ୍ଚୟ ଥିବ, ନହେଲେ ଯିଏ ମୋର ଚାକିରି କରିବାକୁ ସୁଦ୍ଧା ପସନ୍ଦ କରେନି .. ସେ ଆଜି ମତେ ସଜେଇ ସାଜେଇ ଛାଡୁଛି ! ମତେ ବେଶି ସମୟ ସନ୍ଦେହରେ ନ ରଖି ବୋଉ ତା'ର ଉଦ୍ଦେଶ୍ୟ ବିଷୟରେ ଜଣେଇ ଦେଲା । ଯାହାର ସାରମର୍ମ ଥିଲା – ମିଷ୍ଟର ରାଜୀବ ଆଜି ୟୁନିଭରସିଟି ଆସୁଛନ୍ତି ମତେ ଦେଖିବାକୁ । ଦେଖାଦେଖି ମାନେ .. ଖାଲି ଟିକିଏ କଥାବାର୍ତ୍ତା କରିବାକୁ । ସବୁକଥାରେ ତ ସେ ରାଜି, ତଥାପି ଟିକିଏ ସାମନା ସାମନି ହେଇଯିବା କଥା !

ବୋଉ ଉପରେ ମୋର ଭାରି ଦୟା ଆସୁଥିଲା । ବିଚାରୀ କେତେ ଆଶା ରଖିଛି ଝିଅ ବାହାଘର ଦେଖିବ ବୋଲି ! ବୟସ ଯେତେ ଗଡିଗଲେ ବି ଆଶା ମୂଳ ଛାଡୁନାହିଁ !

ତା' ମନ ରଖିବାକୁ ଚୁପଚାପ୍ ସେଇ ଯାତ୍ରାବାଲୀ ବେଶରେ ୟୁନିଭରସିଟି ଚାଲିଗଲି । ବୋଉର ସନ୍ତୁଷ୍ଟ ନୟନ, ଉପରୁ ତଳ ଯାଏଁ ସବୁ ନିରୀକ୍ଷଣ କରିସାରିଲା ପରେ ମତେ ଘର ଛାଡିବାର ଅନୁମତି ଦେଲା ।

କୌଣସି କାମରେ ମନ ସେଦିନ ଲାଗିଲା ନାହିଁ । ପିଲାମାନଙ୍କୁ ନୋଟ୍ ଦେବି ବୋଲି ଆଗରୁ କହିଥିଲି । କିନ୍ତୁ କିଛି ପ୍ରସ୍ତୁତ କରିନଥିଲି । କାଲି ସନ୍ଧ୍ୟାଟା ଫାଲତୁ ଚିନ୍ତାରେ ବିତିଯାଇଛି ! ନୂଆ କିଛି ପଢେଇବାର ଜମା ମୁଡ୍ ହଉନଥିଲା । ତା' ଛଡା ଆଜିର ଏ ଅପୂର୍ବ ବେଶ ପୋଷାକରେ ପିଲାଙ୍କ ଆଗରେ ଅଧିକ ସମୟ ଛିଡା ହେବାକୁ ଇଚ୍ଛା ହେଉନଥିଲା । ଅଜବ ମାନସିକ ସ୍ଥିତିରେ ମନ ମୋର ଖାଲି ଡହଳ ବିକଳ ହେଉଥିଲା । କିନ୍ତୁ କାହିଁକି ଏମିତି ଲାଗୁଥିଲା ମତେ, ମୁଁ ତା'ର କାରଣ ନିଜେ ସ୍ଥିର କରି ପାରୁନଥିଲି ।

ରାଜୀବ ସହିତ ଦେଖା କରିବାକୁ ତିଳେ ମାତ୍ର ଇଚ୍ଛା ନଥିଲେ ବି, ମନା କରିଦେବାର ସାହସ ଜମାରୁ ନଥିଲା । ଏମିତି ତ ନାହିଁ ନାହିଁ କରି କରି ତିରିଶ ଟପେଇ ଦେଲିଣି, ଆଉ କେତେ ଦିନ ଅପେକ୍ଷା କରିହେବ ? ବାହା ଯେ ନହେବି, ସେପରି କିଛି ବି ଭାବନା ମୋର ନଥିଲା । କିନ୍ତୁ ରାଜୀବକୁ ବାହା ହେବି କି ନହେବି, ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା ମନରେ । ସେ ଯାହା ହେଉ, ରାଜୀବର ପ୍ରସ୍ତାବକୁ ସହଜରେ ସ୍ୱୀକାରୋକ୍ତି ଦେଇ ଦେବାକୁ ହୃଦୟ ରାଜି ହେଉନଥିଲେ ବି, ମୋ ପାଖରେ ଅନ୍ୟ କିଛି ଉପାୟ ନଥିଲା ।

ପିଲାମାନଙ୍କୁ ଶୀଘ୍ର ଛାଡିଦେଇ ଆସି ଷ୍ଟାଫ୍ ରୁମ୍ ରେ ବସିଗଲି । ସକାଳୁ ସକାଳୁ ଚାରିଆଡ ପୂରା ଖାଲି ଥିଲା । ଷ୍ଟାଫ୍ ରୁମ୍ ରେ ବି କେହି ନଥିଲେ । ସକାଳ କ୍ଲାସ୍ ନେବାଟା ସମସ୍ତଙ୍କ ପାଇଁ କଠିନ ଥିଲା, କେବଳ ମୋ ଛଡା । ତେଣୁ ପ୍ରଫେସର୍ ଙ୍କ ବିଶେଷ ଆଗ୍ରହ ପାଇଁ ସବୁଦିନର ସକାଳ କ୍ଲାସ୍ ଗୁଡା ମୋର ହିଁ ରହିଥିଲା । ଠିକ୍ ଅଛି, ସେଥିରେ ମୋର କିଛି ଯାଏ ଆସେ ନଥିଲା । ଘରେ ବସି ବସି ଟାଇମ୍ ପାସ୍ କରିବା ଅପେକ୍ଷା କଲେଜ୍ ଚାଲିଆସି ପିଲାଙ୍କ ସହିତ କଟେଇବା ବେଶି ଆନନ୍ଦର ବିଷୟ ଥଲା ମୋ ପାଇଁ ।

ଚୁପଚାପ୍ କୋଣରେ ପଡିଥିବା ଚଉକି ଉପରେ ବସି ନିଜ ଭବିଷ୍ୟତ ବିଷୟରେ ଚିନ୍ତା କରିବାକୁ ଲାଗିଲି । ବାହାରେ ପିଅନ କାହା ସହିତ ବଡ ପାଟିରେ କଥା ହେଉଥିଲା । କେହି ଜଣେ ଭଦ୍ରବ୍ୟକ୍ତି ମୋ ନାଁ ପଚାରୁଥିଲେ । ଆଉ ପିଅନ ତାଙ୍କୁ ଷ୍ଟାଫ୍ ରୁମ୍ ରେ ଅପେକ୍ଷା କରିବା କଥା କହୁଥିଲା, କାରଣ ଆଜି ମୋର ଦୁଇଟା ପିରିଅଡ୍ ଲାଗି ଲାଗିକି ଅଛି ।

ତା' ନିର୍ଦ୍ଦେଶାନୁସାରେ ଭଦ୍ରବ୍ୟକ୍ତି ଜଣକ ଷ୍ଟାଫ୍ ରୁମ୍ ର ପରଦା ଆଡେଇ ସେଇ ବାଟ ପାଖର ଚଉକିଟି ଉପରେ ବସି ପଡିଲେ । ମୁଣ୍ଡ ଉଠେଇ ଦେଖିଲି ..! ଜାଣି ପାରିଲି ସେ ରାଜୀବ ବୋଲି, କିନ୍ତୁ ନ ଚିହ୍ନିବାର ଅଭିନୟ କରି ନିରବରେ ବହି ପଢାରେ ବ୍ୟସ୍ତ ହେଇଗଲି । ରାଜୀବ ବି ସେଇଠି ଟେବୁଲ୍ ଉପରେ ରଖା ଯାଇଥିବା କାଲିର ଖବର କାଗଜଟାକୁ ଧରି ଓଲଟେଇବାକୁ ଲାଗିଲେ ।

ଛାତି ମୋର ଧଡ୍ ଧଡ୍ କରୁଥିଲା । ଆଗରୁ ଏପରି ସ୍ଥିତି ଦେଇ କେବେ ଗତି କରିନାହିଁ । କେତେ ଥର ଭାବିଲି ଉଠିକି ଚାଲିଯିବି ବାହାରକୁ । କିନ୍ତୁ ଯାଇକି କରିବି କ'ଣ ? କ୍ଲାସ୍ ତ ନାହିଁ । ପିଲାମାନେ ଇଆଡେ ସିଆଡେ ଚାଲିଗଲେଣି । ଅଫିସ୍ ରେ ଯାଇ କେତେ ସମୟ ବା ଠିଆ ହେଇପାରିବି !

ତା' ସହିତ ବାହାରକୁ ଗଲେ ପିଅନ ଦେଖିଦେଲେ ଚଟ୍ କରି ରାଜୀବଙ୍କୁ ଜଣେଇ ଦେବ ମୁଁ ଆସିଗଲିଣି ବୋଲି । ଏତେ ଶୀଘ୍ର ସେହି ବିକଟ ପରିସ୍ଥିତିର ମୁହାଁମୁହିଁ ହେବାକୁ ଚାହିଁଲିନି । ତେଣୁ ହଲଚଲ୍ ନହେଇ, ସେଇଠି, ସେଇ ଅବସ୍ଥାରେ ବସି ରହିବାକୁ ବାଧ୍ୟ ହେଲି ।

ଜାନୁଆରୀ ମାସ, ତା' ସାଙ୍ଗକୁ ଫ୍ୟାନ୍ ବୁଲୁଥିଲା, ତଥାପି ଗମ୍ ଗମ୍ ଝାଳ ବାହାରି ଚାଲିଥିଲା ମୋ ଦେହରୁ । ଆଉ କେହି ମ୍ୟାଡାମ୍ ଆସିଯାଆନ୍ତେ କି ଟିକେ, ରକ୍ଷା ପାଇଯାନ୍ତି । କିନ୍ତୁ ସକାଳୁ କେହି ଆସିପାରିବେ ନାହିଁ ବୋଲି ତ ମତେ ଦିଆଯାଇଛି କ୍ଲାସ୍ ସବୁ, ଆଉ କିଏ ଦେବ ମତେ ସୁରକ୍ଷା ! ଜଣେ ଦି' ଜଣ ସାର୍ ହୁଏତ ଆସିଥିବେ, ତେବେ ସେମାନେ ଏବେ ନିଜ ନିଜ କ୍ଲାସ୍ ନେବାରେ ବ୍ୟସ୍ତ ଥିବେ ।

ସମୟ ଘୁସୁରି ଘୁସୁରି ଗଡି ଚାଲିଥିଲା । ପ୍ରତିଟି ମୁହୂର୍ତ୍ତ ଗୋଟିଏ ଗୋଟିଏ ଯୁଗ ପରି ଲାଗୁଥିଲା । ଶ୍ରୀମାନ୍ ରାଜୀବ ବଡ ଅସ୍ତବ୍ୟସ୍ତ ହୋଇ ଚଉକିରେ ଏପଟ ସେପଟ ହେଉଥିଲେ । କ୍ଲାସ୍ ସରିବାର ସମୟ ପାଖେଇ ଆସୁଥିଲା .. ଯା' ପରେ ମୋର କର୍ତ୍ତବ୍ୟ କ'ଣ ରହିବ, ମୁଁ ସ୍ଥିର କରି ପାରୁନଥିଲି । ଷ୍ଟାଫ୍ ରୁମ୍ ରୁ ବାହାରିକି ଚାଲିଯିବି କି ନଯିବି, ସେକଥା ଭାବୁ ଭାବୁ ପିଅନଟା ରୁମ୍ ଭିତରକୁ ପଶିଆସିଲା । ଚଟ୍ କରି ବହି ଭିତରେ ମୁହଁ ଗୁଞ୍ଜିଦେଇ ପଢିବାର ଅଭିନୟ କରିଲି । ରାଜୀବଙ୍କୁ ସେ କିଛି କହି ଆସୁଥିଲା, ହଠାତ୍ ଥମିଗଲା .. ମୋ ଉପରେ ଦୃଷ୍ଟି ପଡିଗଲା ବୋଧେ ! ମୋ ଉଦ୍ଦେଶ୍ୟରେ ଜୋରରେ କହିଲା, "ମ୍ୟାଡାମ୍ ଏ ବାବୁ ଆପଣଙ୍କୁ କେତେବେଳୁ ଖୋଜୁଛନ୍ତି ପରା ! ଉପରୁ ତଳ ଯାଏଁ ସବୁ କ୍ଲାସ୍ ରେ ମୁଁ ଆପଣଙ୍କୁ ଖୋଜି ଖୋଜି ଆସିଲିଣି । ଆଉ ଦେଖିଲା ବେଳକୁ ଆପଣ ଏଇଠି ବସିଛନ୍ତି ।"

ପିଅନର କଥା ଶୁଣି ଚମକି ପଡିଲେ ରାଜୀବ । ମୁହଁର ରଙ୍ଗ ଏକଦମ୍ ଫିକା ପଡିଗଲା । ଥ ଥ ମ ମ ହେଇଗଲେ । ମୁଁ ମଧ୍ୟ କିଛି ନଜାଣି ଥିବାର ଅଭିନୟ କରି ତାଙ୍କୁ ଚାହିଁ ରହିଲି । ପିଅନଟି ଏଥର ତାଙ୍କ ଉଦ୍ଦେଶ୍ୟରେ କହିଲା, " ଏଇ ହେଉଛନ୍ତି ସିମି ମ୍ୟାଡାମ୍ .. ଆପଣ ଖୋଜୁଥିଲେ ପରା ..?"

କହିସାରି ସେ ତା' ବାଟରେ ଚାଲିଗଲା । ଆଉ ପଛରେ ଛାଡିଗଲା ସ୍ତମ୍ଭୀଭୂତ ହୋଇ ଜଳ ଜଳ କରି ଚାହିଁ ରହିଥିବା ରାଜୀବ ବାବୁଙ୍କୁ । ତାଙ୍କ ହାବଭାବରୁ ଜଣା ପଡୁଥିଲା ସେ ମତେ ଦେଖି ଖୁସି ହେଇନାହାନ୍ତି, ଅଥବା ମୁଁ ଯେ ସେଇ ସିମି ମ୍ୟାଡାମ୍ ହେଇଥିବି, ସେକଥାକୁ ସେ ଜମା ବିଶ୍ବାସ କରି ପାରୁନାହାନ୍ତି ।

ବେଶ୍ କିଛି ସମୟ ପାଇଁ ଆମ ଭିତରର ନିରବତାଟା ଲମ୍ବି ଚାଲିଗଲା । ତାଙ୍କର ସେ ପଥୁରିଆ ଆଖି ତନ୍ନ ତନ୍ନ କରି ମତେ ନିରେଖି ଚାଲିଥିଲା, ଆଉ ସେ ଦୃଷ୍ଟିର ଖର ପବନରେ ମୁଁ ଅଣନିଶ୍ବାସୀ ହେଇ ଯାଉଥିଲି । ସେପରି ଚାହାଁଣୀକୁ ଏତେ ସମୟ ଧରି ଏକା ଏକୁଟିଆ ସାମନା କରିଚାଲିବା, ଏତେ ସହଜ ନଥିଲା । ଦୁଇ ତିନି ଥର ମୁଁ ଏକଡ ସେକଡ ହେଇ ସାମାନ୍ୟ ଆଭାସ ଦେଲି ମୋ ଅସହଜତାର । ହେଲେ ସେ ଯେମିତି ପାଷାଣ ପାଲଟି ଯାଇଥିଲେ ! ତାଙ୍କ ଆଡୁ କିଛି ସୋର୍ ଶବ୍ଦ ନପାଇ ବାଧ୍ୟ ହୋଇ ନିଜ ଆଡୁ ମୁଁ କଥା ଆରମ୍ଭ କଲି, "କୁହନ୍ତୁ, କିଛି କାମ ଥିଲା ?"

ମୋ ପ୍ରଶ୍ନରେ ସମ୍ବିତ ଫେରି ପାଇଲେ ସେ । ଥଙ୍ଗ ଥଙ୍ଗ ହୋଇ କହିଲେ, "ସତରେ କ'ଣ ଆପଣ ହି ସିମି ଦାସ୍ ?"

ନିରବ ସମ୍ମତି ଜଣେଇଲି । ମୋ ଉତ୍ତର ତଥାପି ସନ୍ତୁଷ୍ଟ କରି ପାରିଲାନି ତାଙ୍କୁ । ପୁଣି ଆଉ ଥରେ ପ୍ରଶ୍ନ କଲେ, "ଆପଣ ବିଶ୍ବରଞ୍ଜନ ଦାସ ବାବୁଙ୍କ ଝିଅ ସିମି ଦାସ ତ ?" ତାଙ୍କର ଏ ଅଜବ ପ୍ରଶ୍ନରେ ମୁଁ ବିଚଳିତ ହୋଇପଡିଲି । ପ୍ରଶ୍ନରେ ଯେତିକି ନୁହେଁ, ସେତିକି ତାଙ୍କ ଅବିଶ୍ବାସରେ । ପୁଣି ଥରେ ମୁଣ୍ଡ ହଲେଇ ସମ୍ମତି ଜଣେଇଲି । ତଥାପି ସନ୍ତୁଷ୍ଟ ହେଇ ପାରିଲେନି ସେ । ମନକୁ ମନ କ'ଣ ସବୁ ଫୁଟ୍ ଫୁଟ୍ ହେଇ କହି ବାରମ୍ବାର ମୁଣ୍ଡକୁ ହଲେଇଲେ । ନିରବରେ ମୁଁ ତାଙ୍କର ପ୍ରତିଟି କ୍ରିୟା କଳାପକୁ ଲକ୍ଷ୍ୟ କରିଚାଲିଲି ।

କିଛି ସମୟ ସେଇ ଅବସ୍ଥାରେ କଟିଗଲା ପରେ ଦୀର୍ଘଶ୍ବାସଟିଏ ଛାଡି କହିଲେ, "ମୁଁ ରାଜୀବ .. ମାନେ ରାଜୀବ ନାଏକ୍ .. ଏଇ ପାଖ କଲେଜ୍ ରେ ଲେକଚରର୍ ଅଛି । ଆପଣ ଜାଣିଥିବେ .. ମାନେ ଆପଣଙ୍କ ବାପା ମା' କହିଥିବେ ମୋ ବିଷୟରେ ବୋଧେ !"

ତାଙ୍କ କଥା କହିବା ଶୈଳୀରେ ନହସି ରହି ପାରିଲିନି .. ଯଦିଓ ଜାଣିଥିଲି ଏଇଟା ଅଭଦ୍ରାମୀ ହେବ। ଏତେ ସମୟରୁ ସେ ମୋ ଆଗରେ ବସିଥିଲେ ବି ତାଙ୍କୁ ଭଲ କରି ଦେଖି ପାରିନଥିଲି । ଦେଖିବାର ସାହସ କରି ପାରିନଥିଲି କହିଲେ ଚଳେ । ଏତେବେଳକୁ ଦେଖିବାର ସୁଯୋଗ ପାଇଲି । ସେ ଯେମିତି ମତେ ତନ୍ନ ତନ୍ନ କରି ନିରେଖି ଦେଖୁଥିଲେ, ସେମିତି ତ ନୁହେଁ, ତଥାପି ଗୋଟାଏ ନଜର ତାଙ୍କ ଉପରେ ବୁଲେଇ ଆଣିଲି । ଆଉ ସେତିକିରେ ଯାହା ଯେତିକି ଅନୁଭବ କଲି, ସେଥିରୁ ନିଶ୍ଚିତ ହେଇଗଲି ଯେ ବୟସରେ ମୋ ଠାରୁ ପାଞ୍ଚ ଛଅ ବର୍ଷ ନିଶ୍ଚୟ ଅଧିକ ହେଇଥିବେ । ସ୍ୱାସ୍ଥ୍ୟ ଏଇ ଭିତରେ ଖୁବ ଭଲ ହେଇଗଲାଣି କି ପ୍ରଥମରୁ ହି ଏମିତି, ସେକଥା ଜାଣିବା କଷ୍ଟକର । ଆଖିରେ ଲାଗିଥିବା ଖୁବ୍ ମୋଟା ଚଷମା ଦର୍ଶାଉଥିଲା ଯେ ପଢାପଢିରେ ଗୁଡାଏ କଷ୍ଟ କରିଛନ୍ତି । ଏହା ବ୍ୟତୀତ ବାକି ସବୁକିଛି ଥିଲା ସେମିତି ସେମିତି ।

ମତେ ନିରବରେ ଠିଆ ହେଇଥିବାର ଦେଖି ସେ କହିଲେ, "ଆପଣଙ୍କର ଯଦି ଏଇଲେ କିଛି କ୍ଲାସ୍ ନଥାଏ, ତେବେ ବାହାର କଫି ହାଉସ୍ କୁ ଯିବା ?"

ଆଉ ଏ ବୟସରେ ଏଗୁଡା ଶୁଣିବାକୁ ଯଦିଓ ଭାରି ଅଖାଡୁଆ ଲାଗୁଥିଲା, ତଥାପି ଅନ୍ୟ ଉପାୟ କିଛି ନଥିଲା । କାରଣ ସେ ଯାହା କିଛି କହିବାକୁ ଆସିଥିବେ, ଏଠି ଏମିତି ଠିଆ ଠିଆ ସେସବୁ କହିବା, ଶୁଣିବା ସମ୍ଭବ ନୁହେଁ । ତେଣୁ ବାଧ ହୋଇ ବାହାରକୁ ଯିବା କଥାରେ ହଁ ମାରିଦେଲି । କମ୍ ସେ କମ୍ ଯୋଉ ଉଦ୍ଦେଶ୍ୟରେ ବୋଉ ମତେ ଏତେ କଷ୍ଟରେ ବେଶ କରି ପଠେଇଥିଲା, ସେ ଉଦ୍ଦେଶ୍ୟ ତ ତା' ର ପୂରଣ ହେଇଯିବ .. ଆଉ ଯାହା ହେଉ କି ନହେଉ !

ଅଫିସ୍ ରେ ଜଣେଇ ଦେଇ ଆମେ ବାହାରକୁ ଚାଲିଆସିଲୁ । ବାଟସାରା ପୂରା ନିରବତାରେ ହିଁ କଟିଗଲା । ୟୁନିଭରସିଟିର ବାହାରେ ନୂଆ କରି ଖୋଲିଥିବା କଫି ହାଉସ୍ କୁ ସେ ମତେ ନେଇଗଲେ । କୋଣରେ ଖାଲିଥିବା ଗୋଟିଏ ଟେବୁଲ୍ ପାଖକୁ ଯାଇ ସେ ବସିପଡିଲେ ଆଉ ମତେ ବସିବାର ଇଶାରା କଲେ । ସେଠିକାର ପରିବେଶ ମତେ ଭାରି ଅଶ୍ୱସ୍ତିକର ଲାଗୁଥିଲା । ଚାରିପଟରେ କଲେଜ୍ ଛୁଆଙ୍କର ଭିଡ । ତା' ଭିତରୁ ମତେ କେହି ଚିହ୍ନି ବି ଥାଇପାରେ ! ତା' ଛଡା ଏସବୁ ଜାଗାକୁ ଯାଇ କଫି ପିଇବା, ତା' ପୁଣି ଜଣେ ଅଜଣା ଅଶୁଣା ପୁରୁଷ ସହିତ, ମୋ ପାଇଁ ପୂରାପୂରି ନୂଆ ଅନୁଭବଟିଏ ଥିଲା ।

ଏପର୍ଯ୍ୟନ୍ତ ବି ସେ ସହଜ ହେଇନଥିଲେ । କ'ଣ କହିବେ ଆଉ ନକହିବେର ଦ୍ୱନ୍ଦ୍ୱ ରେ ଥିଲେ । ଏମିତି ସମୟରେ କେମିତି କଥା ଆରମ୍ଭ କରିବାକୁ ହୁଏ, ନା ତାଙ୍କୁ ଜଣାଥିଲା ନା ମତେ । ଆହୁରି କିଛି ସମୟ ସେମିତି ନିରବତାରେ ହି କଟିଗଲା । କଫି ସାଙ୍ଗରେ ଗୋଟିଏ ଗୋଟିଏ ସ୍ୟାଣ୍ଡୱିଚ୍ ଖାଇ ଆମେ ଉଠିଲୁ । ତଥାପି କେହି କାହାକୁ କିଛି ପଚାରି ପାରିଲୁନି ।

ସେଠୁ ବାହାରି ରାସ୍ତାକୁ ଆସିଗଲା ପରେ ମତେ ଭାରି ହସ ମାଡିଲା । ଏମିତି କ'ଣ ହେଇଥାଏ ପୁଅ ଝିଅଙ୍କର ପହିଲି ଦେଖାସାକ୍ଷାତ ? କ'ଣ ପାଇଁ ଆମେ ଆସିଥିଲୁ ସତରେ ?

ବାଟ ଚାଲୁ ଚାଲୁ ପ୍ରଥମ ଥର ପାଇଁ ସେ ପାଟି ଖୋଲିଲେ, "କିଛି ଖରାପ ଭାବିବେନି ଆପଣ .. ହେଲେ ମୁଁ ବଡ ଆଶ୍ଚର୍ଯ୍ୟରେ ପଡିଯାଇଛି !"

ତାଙ୍କ କଥା କହିବାର ସେ ଢଙ୍ଗ ଥିଲା ବଡ ଆଶ୍ଚର୍ଯ୍ୟଜନକ । କହିବାର ଉଦ୍ଦେଶ୍ୟ ବି କିଛି ସ୍ପଷ୍ଟ ଜଣା ପଡୁନଥିଲା । ବିସ୍ମିତ ହୋଇ ତାଙ୍କ ଆଡକୁ ମୁଁ ଚାହିଁ ରହିଥିବାର ଦେଖି, ନିଜ ପକେଟ୍ ରୁ ଫଟୋଟିଏ କାଢି ସେ ମୋ ହାତକୁ ବଢେଇ ଦେଲେ । କାହାର ଫଟୋ ହେଇଥିବ ଭାବି ଓଲଟେଇ ଦେଲା ପରେ, ଚମକି ପଡିଲି ମୁଁ । ହାତରେ ଥିଲା ମୋର ସେହି ପ୍ରଥମ ଶାଢି ପିନ୍ଧା ଫଟୋ, ଯାହାକୁ ଦେଖି ମୁଁ ନିଜେ ବି ସେତେବେଳେ ମୋହିତ ହେଇ ପଡିଥିଲି । ଆଜି ଏତେ ବର୍ଷ ପରେ ସେ ଫଟୋକୁ ଦେଖି କେତେ ସ୍ମୃତି ମୋର ତାଜା ହେଇଉଠିଲା । ତା' ସାଙ୍ଗକୁ ଆଶ୍ଚର୍ଯ୍ୟ ବି ବହୁତ ଲାଗିଲା ଯେ ଯୋଉ ଫଟୋର ଧ୍ୱଂସାବଶେଷ ବି ମୋ ପାଖରେ, କି ଆମ ଘରେ ନାହିଁ, ସେଇଟି ଅତି ଯତ୍ନରେ ସାଇତା ହୋଇ ରାଜୀବଙ୍କ ପାଖରେ କେମିତି ରହିଛି ! ଆଉ ସବୁଠୁ

ଆଶ୍ଚର୍ଯ୍ୟର କଥା ଲାଗିଲା ଯେ ମତେ ଏମିତି ହଠାତ୍ ଏଇ ଫଟୋଟା ଏଇଲେ ଦେଖେଇବାର ଅର୍ଥ କ'ଣ ?

ମତେ ବେଶି ସମୟ ସନ୍ଦେହ ଘେରରେ ନରଖି ସେ କହିଲେ, "ଆପଣଙ୍କର ଏଇ ଫଟୋଟି ଦେଖି ହିଁ ମନେ ମନେ ଆପଣଙ୍କୁ ସ୍ତ୍ରୀ ରୂପେ ପ୍ରଥମରୁ ସ୍ୱୀକାର କରି ନେଇଥିଲି । ସେତେବେଳେ ଚାକିରିରେ ମୋର କିଛି ସ୍ଥାୟୀତ୍ୱ ନଥିଲା ବୋଲି ବାହା ନହେବାକୁ କହିଥିଲି ଯଦିଓ, କିନ୍ତୁ ଆପଣଙ୍କୁ ଭୁଲି ପାରିନଥିଲି । ପରବର୍ତ୍ତୀ ଜୀବନରେ ଯେତେବେଳେ ଝିଅ ଦେଖିବାକୁ ମତେ ବାଧ କରାଗଲା, ସେତେବେଳେ କୌଣସି ମତେ ସେ ଫଟୋର ଲାବଣ୍ୟକୁ ଭୁଲି ପାରିଲି ନାହିଁ । ତେଣୁ ବୟସ ଗଡିଗଲା ପଛେ, ଅନ୍ୟ କାହାରିକୁ ଜୀବନସାଥୀ ରୂପେ ସ୍ୱୀକାର କରିପାରିଲିନି । ଏହାକୁ ମୋର ମୂର୍ଖାମୀ କୁହନ୍ତୁ ବା ଆଉ କିଛି, ଏତେ ବର୍ଷ ପରେ ବି ମୋ କଳ୍ପନାରେ ଯେଉଁ ଝିଅ ଅଛି, ସେ କେବଳ ସିମି ଦାସ୍ .. କିନ୍ତୁ ଆପଣ ନୁହନ୍ତି !"

ତାଙ୍କର ସ୍ୱୀକାରୋକ୍ତି ମତେ ଚମକେଇ ଦେଲା । ହତବାକ୍ ହୋଇ ଚାହିଁ ରହିଥିଲି ତାଙ୍କ ମୁହଁକୁ, ଆଉ ବୁଝିବାକୁ ଚେଷ୍ଟା କରୁଥିଲି ତାଙ୍କ କଥାର ଅର୍ଥକୁ । ରାଜୀବ ନିଜେ ଅଧା ବୁଢା ହେଇ ସାରିଲେଣି, କିନ୍ତୁ ସ୍ତ୍ରୀର କଳ୍ପନା କରୁଛନ୍ତି ସେହି ଷୋହଳ ବର୍ଷ ଝିଅର, ଯିଏ ସମୟ ସୁଅରେ ବହି ଅଧାବୁଢୀ ହେଇ ସାରିଲାଣି !

ପ୍ରଥମ ଦେଖାରେ କାହିଁକି ମତେ ଦେଖି ସେ ବିଶ୍ୱାସ କରି ପାରୁନଥିଲେ, ଏତେ ବେଳକୁ ମୋ ମୁଣ୍ଡରେ ପଶିଲା । ସେ ଭାବିଥିଲେ ବାର ତେର ବର୍ଷ ପରେ ବି ମୁଁ ସେହି ଷୋଡଶୀ ସିମି ହେଇକି ରହିଥିବି, ଯାହାକୁ ନିଜ ମନମସ୍ତିଷ୍କରେ ଆଜି ପର୍ଯ୍ୟନ୍ତ ସେ ସାଇତି ରଖିଛନ୍ତି ! ଏଇଟା ମୋର ସୌଭାଗ୍ୟ ଥିଲା କି ଦୁର୍ଭାଗ୍ୟ, ମୁଁ ସେକଥା ସ୍ଥିର କରି ପାରୁନଥିଲି । ଭବିଷ୍ୟତରେ କେଉଁ ପଦକ୍ଷେପ ନେବାଟା ମୋ ପକ୍ଷରେ ଉଚିତ ହେବ, ତାହା ବି ଭାବି ପାରୁନଥିଲି ।

ମତେ ଏମିତି ନିଜ ଭିତରେ ହଜି ଯାଇଥିବାର ଦେଖି, ଗଳା ଖଙ୍କାରି ରାଜୀବ କହିଲେ, "କ'ଣ ଭାବୁଛନ୍ତି?"

ନିରବ ରହିଲି । ଯାହା ଭାବୁଥିଲି, ତାକୁ ପ୍ରକାଶ କରିଦେବା କ'ଣ ଠିକ୍ ହେବ ? ଏମିତି ବି ଏ ଅବାନ୍ତର କଥା ଉପରେ ରାଜୀବଙ୍କୁ ଆଉ କ'ଣ ବୁଝେଇ ପାରିବି ଯେ ତାଙ୍କୁ ମୋ ଭାବନା ବିଷୟରେ ଅବଗତ କରେଇବି ! ମୋ ନିରବତା ଉପରେ ପୂର୍ଣ୍ଣଛେଦ ପକେଇ ସେ କହିଲେ, "ସେ ଯାହା ବି ହେଉ, ଆମ ବାହାଘର ତ ଏବେ ହେବାକୁ ଯାଉଛି ! କିଛି ଦିନ ପରେ ତୁମେ ମୋର ପତ୍ନୀ ତ ବନିଯିବ, କିନ୍ତୁ ପ୍ରେମିକା ନୁହେଁ ! ଚିରଦିନ ପାଇଁ ଏଇ 'ସିମି ଦାସ' ମୋର ମନ ମସ୍ତିଷ୍କରେ ରହିବ ମୋର ମାନସୀ ହେଇ .. ଆରାଧ୍ୟା ହେଇ ! କୋଉ ଝିଅକୁ ଦେଖି ଯେପରି ମୋର ସିମିକୁ ମୁଁ ଭୁଲି ପାରିନାହିଁ .. ସେପରି ତୁମକୁ ପାଇଲା ପରେ ବି, ମୁଁ ତାକୁ ଭୁଲି ପାରିବି ନାହିଁ । ମନରେ ସବୁବେଳ ପାଇଁ ଅବସୋସଟିଏ ରହିଗଲା ଯେ କାହିଁକି ସେତେବେଳେ ମୁଁ ହଁ କରିଦେଲି ନାହିଁ !!"

ମତେ କଲେଜ୍ ଗେଟ୍ ପାଖରେ ଛାଡିଦେଇ ସେ ଫେରିଗଲେ । ଥରେ ବୁଲିକି ଚାହିଁଲେ ବି ନାହିଁ । ଆଖିରୁ ଅଦୃଶ୍ୟ ହେଇଯିବା ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟରେ ତାଙ୍କ ଯିବା ବାଟକୁ ମୁଁ ଚାହିଁ ରହିଥିଲି । ହାତରେ ଏପର୍ଯ୍ୟନ୍ତ ସୁଦ୍ଧା ଥିଲା ମୋର ପ୍ରତିଦ୍ୱନ୍ଦ୍ୱୀ .. ମୋରି ଫଟୋ ! ମଣିଷ ଜୀବନରେ ପ୍ରତି ମୁହୂର୍ତ୍ତରେ କାହାରି ନା କାହାରି ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରେ .. ମୁହାଁମୁହିଁ ହୁଏ, କିନ୍ତୁ ମୋର ପ୍ରତିଦ୍ୱନ୍ଦ୍ୱୀ ଥିଲି ମୁଁ ନିଜେ .. ମୋ ବୟସ .. ମୋ ଫଟୋ । ଚାହିଁଲି ସେ ଫଟୋ ଆଡେ । କେତେ ଉତ୍ସାହରେ ସେ ଫଟୋ ମୁଁ ଉଠେଇଥିଲି ସେତେବେଳେ .. କେତେ ଗର୍ବ ଅନୁଭବ କରିଥିଲି ତାକୁ ଦେଖି ! ହେଲେ ଆଜି ମୋ ପାଟିରୁ ଖାଲି ଏତିକି ବାହାରୁଥିଲା – "ହାଏ ରେ ମୋ ଫଟୋ !!!"

*****

E-mail : kamala.satpathy@gmail.com

# ଅନନ୍ୟ ବ୍ୟକ୍ତିତ୍ୱ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ

**କୁଞ୍ଜବିହାରୀ ରାଉତ**



ଗୋପବନ୍ଧୁ ଏକାଧାରାରେ ମାନବବାଦୀ ମଣିଷ, କବି, ଅନୁବାଦକ ତଥା ପ୍ରବନ୍ଧରେ ଗଣଭାଷାର ପ୍ରବର୍ତ୍ତକ। ଅନ୍ୟ ପକ୍ଷରେ ଶ୍ରେଷ୍ଠ ଜାତୀୟତାବାଦୀ, ସମାଜ ସଂସ୍କାରକ ଏବଂ ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାବିତ୍। ବିଶେଷ କରି ତାଙ୍କ ରଚିତ 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' ଦୁଇଟି ଅନନ୍ୟ ସୃଷ୍ଟି। ତାଙ୍କ ଅବର୍ତ୍ତମାନରେ ବି ଉକ୍ତ ଦୁଇ କାବ୍ୟ ଓଡ଼ିଶାରେ ଲୋକଗୀତ ଭଳି, ଗ୍ରାମୀଣ ଓଡ଼ିଆଙ୍କ ଅଧିକ ନିକଟତର ହୋଇପାରିଛି। ଏଥିରେ ଥିବା ଶୁଦ୍ଧତା ଓ ଶ୍ରେଷ୍ଠତା ଅଶିକ୍ଷିତ ଓ ଶିକ୍ଷିତ ବର୍ଗଙ୍କୁ ଭାବବିହ୍ୱଳ କରିଥାଏ ତଥା ଆତ୍ମତୃପ୍ତି ମଧ ଦେଇଥାଏ। ଓଡ଼ିଆ ଭାଷା ଓ ସାହିତ୍ୟର ଏକ ପ୍ରାଚୀନ ପରମ୍ପରା ରହିଛି। ଏହାର ଐତିହ୍ୟ ସମୃଦ୍ଧ। ପଣ୍ଡିତ ଗୋପବନ୍ଧୁ ତେଣୁ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଧାନ ଦେଇଥିଲେ। ସତ୍ୟବାଦୀ ଶିକ୍ଷା ବ୍ୟବସ୍ଥା ସହ ଓଡ଼ିଆ ସାହିତ୍ୟର କିପରି ଅଗ୍ରଗତି ହୋଇପାରିବ ସେଥିପାଇଁ ସେ ପରିକଳ୍ପନା କରିଥିଲେ। ସତ୍ୟାବଦୀ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମୁଖପତ୍ର, ଯାହା ଓଡ଼ିଆ ସାହିତ୍ୟର ଏକ ସମ୍ଭ୍ରାନ୍ତ ପତ୍ରିକା ଭାବେ ପରିଗଣିତ।

ଗୋପବନ୍ଧୁ ଥିଲେ ସମର୍ପିତ ପ୍ରତିଷ୍ଠାତା। ଉତ୍କଳୀୟ ଭାବଧାରାର ବିକାଶ ସହ ମାନବବାଦର ପ୍ରସାର ଥିଲା ତାଙ୍କ ଭାବାଦର୍ଶ। ସେ ମାନବବାଦର ବିକାଶରେ ଯେପରି ନିଷ୍ଠାର ସହ କାର୍ଯ୍ୟ କରିଯାଇଛନ୍ତି ତାହା ଇତିହାସରେ ବିରଳ ଅଧ୍ୟାୟ ବୋଲି କୁହାଯାଇପାରେ। ପ୍ରକୃତରେ ସେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ଅନୁପ୍ରାଣିତ ହୋଇଥିଲେ। ଗୋପବନ୍ଧୁ ଥିଲେ ଦୂରଦୃଷ୍ଟି ସମ୍ପନ୍ନ। ତାଙ୍କ ବିଚାରଧାରା ଥିଲା ଆଧୁନିକ ଭାବ ଭାବନାର ରୂପାନ୍ତର। ସେ ଚାହିଁଥିଲେ ଓଡ଼ିଶାର ଉନ୍ନତି ଓ ଭବିଷ୍ୟତ। ଓଡ଼ିଶାକୁ ଜାତୀୟ ସ୍ରୋତରେ ସମ୍ମିଳିତ କରାଗଲେ ଓଡ଼ିଶାର ସ୍ୱାତନ୍ତ୍ର୍ୟତା ପ୍ରମାଣିତ ହୋଇପାରିବ। ଏହି ଉଦ୍ଦେଶ୍ୟକୁ ଚରିତାର୍ଥ ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଥିଲା ଗୋପବନ୍ଧୁଙ୍କ ଲକ୍ଷ୍ୟ। ତେଣୁ ୧୯୨୦ରେ ତାଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି। ଅର୍ଥାତ୍ ଓଡ଼ିଶାକୁ ଯଥାର୍ଥ ଭାବରେ ଜାତୀୟ ଆନ୍ଦୋଳନରେ ସକ୍ରିୟ କରାଇବାରେ ଏହା ଥିଲା ବାସ୍ତବବାଦୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଭିମୁଖ୍ୟ। ସେହିପରି ସେ ଜାଣିଥିଲେ ଶିକ୍ଷାର ପ୍ରଚାର ପ୍ରସାର ନ ହେଲେ ଜାତୀୟ ସ୍ତରରେ ଓଡ଼ିଶାର ପ୍ରାଧାନ୍ୟ ବିସ୍ତାର ହୋଇପାରିବ ନାହିଁ। ସେଥିପାଇଁ ସତ୍ୟବାଦୀରେ ନୂତନ ପ୍ରଣାଳୀରେ ଶିକ୍ଷାନୁଷ୍ଠାନ ଗଠନ କରିଥିଲେ। ଗଛମୂଳ ଓ ପ୍ରକୃତିର କୋଳରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ ସହ ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ କରିବା ଥିଲା ଏହି ଆଦର୍ଶ ଶିକ୍ଷାନୁଷ୍ଠାନର ପରମ ଲକ୍ଷ୍ୟ। ଏଥିସହ ଯୋଡ଼ି ହୋଇଥିଲା ଆବାସିକ ଓ ମୁକ୍ତାକାଶ ବିଦ୍ୟାଳୟ। ଅନ୍ୟ ପକ୍ଷରେ ଜଣେ ମଣିଷ କିପରି ବିଶ୍ୱ ଚେତନାରେ ଉଦ୍‌ବୁଦ୍ଧ ହୋଇ ପ୍ରାଚୀନ ଓ ନବୀନର ସମନ୍ୱୟରେ ଆଧୁନିକ ଶିକ୍ଷାକୁ ଭାରତୀୟ ପୁରାତନ ସଂସ୍କୃତି ସହ ଖାପଖୁଆଇ ସମନ୍ୱୟ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରେ ତା'ର ଏକ ସାର୍ଥକ ଉଦାହରଣ ଦେଇଛନ୍ତି ଉତ୍କଳମଣି। ସେ ଜୀର୍ଣ୍ଣ ଉତ୍କଳର ଏକ ନିଦ୍ରିତ ଜାତିକୁ ସଚେତନତାର ମନ୍ତ୍ରରେ ପୁନଃଜୀବିତ କରାଇପାରିଛନ୍ତି।

ମାତୃଭୂମି ଓ ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳରେ ଶିକ୍ଷାର ପ୍ରଦୀପ ପ୍ରଜ୍ୱଳିତ କରିଯାଇଛନ୍ତି। କହିବାକୁ ଗଲେ ସେ ଥିଲେ ଓଡ଼ିଆ ଜାତିର ତ୍ରାଣକର୍ତ୍ତା। ମାନବବାଦୀ ଚିନ୍ତାନାୟକ ଓ ଦୀନଜନଙ୍କ ଯଥାର୍ଥ ବନ୍ଧୁ। ଏ ଜାତିର ପରମ ସୌଭାଗ୍ୟ ଯେ, ଏଭଳି ଜଣେ ବିଶ୍ୱମାନବ ଗାନ୍ଧିବାଦର ଶ୍ରେଷ୍ଠ ପ୍ରତୀକ, ବିଚାରବନ୍ତ ସମ୍ପାଦକ, ସାହିତ୍ୟ ସ୍ରଷ୍ଟା, କବି ସର୍ବୋପରି ପ୍ରଖ୍ୟାତ ଶିକ୍ଷାବିତ୍, ଆଧାତ୍ମବାଦୀ ଜନନାୟକ ଓଡ଼ିଶା ଭଳି ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ। ଓଡ଼ିଶାର ନବଜାଗରଣ ପର୍ବରେ ମହାତ୍ମା ଗୋପବନ୍ଧୁ ଦାସଙ୍କ

ଅବଦାନ ଅନିର୍ବଚନୀୟ ବୌଦ୍ଧିକତାର ମାପଦଣ୍ଡରୁ ବହୁ ଉର୍ଦ୍ଧ୍ୱରେ। ତାଙ୍କ ଜୀବନସୂତ୍ର କର୍ମତତ୍ପରତା ଓ ଉତ୍ସର୍ଗୀକୃତ ଚେତନାରେ ସମୁଜ୍ଜ୍ୱଳ ବଳିଷ୍ଠ ଅଭିବ୍ୟକ୍ତି। ତାଙ୍କ ଆଚରଣ ଓ ଉଚ୍ଚାରଣରେ ସମାନତାର ମହକ ପରିଦୃଶ୍ୟ। ସେ ସେବା, ସମର୍ପଣ ଓ ମାନବୀୟ ମୂଲ୍ୟବୋଧର ପରମ ଉପାସକ। ସମୟର ବେଶ୍ କିଛି ପାହୁଣ୍ଡ ଆଗରେ ଛିଡ଼ାହୋଇ ବିଶ୍ଳେଷଣ କରିଛନ୍ତି ଓଡ଼ିଆ ଜାତିର ଜୀବନ ଚରିତ୍ର। ସେ କଳା ସଚେତନ ନ ହୋଇ ହୋଇଛନ୍ତି କାଳ ସଚେତନ। ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାର ନିର୍ଯାସ ହିଁ ତାଙ୍କ ସାରସ୍ୱତ ଜୀବନର ମୂଳମନ୍ତ୍ର। ସେଥିପାଇଁ ସେ ବନ୍ୟା, ବାତ୍ୟା ସମୟରେ ନିଜେ ସଂଶ୍ଳିଷ୍ଟ ହୋଇ ନିରାଶ୍ରୟଙ୍କ ପାଇଁ ଜୀବନକୁ ଉତ୍ସର୍ଗ କରିଛନ୍ତି। ସନାତନ ଧର୍ମର ସହଜ, ସରଳ ତତ୍ତ୍ୱକୁ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଗୋପବନ୍ଧୁ। ପରୋପକାର, ଦୟା, କରୁଣା, ସେବା ଓ ମାନବୀୟ ମୂଲ୍ୟବୋଧ ସନାତନ ଧର୍ମରୁ ହିଁ ସୃଷ୍ଟି ବୋଲି ସେ ବିଚାର କରୁଥିଲେ। ଭୀମଭୋଇଙ୍କ ପରେ ଯଦି ଓଡ଼ିଶାରେ କେହି ବିଶ୍ୱପ୍ରେମ, ସାର୍ବଜନୀନ ଭ୍ରାତୃଭାବ, ନିଃସର୍ତ୍ତ ସମର୍ପଣ ଓ ବିଗଳିତ କରୁଣାକୁ ଜୀବନର ଆଧାର ବୋଲି ବିବେଚନା କରିଛନ୍ତି ସେ ହେଉଛନ୍ତି ଗୋପବନ୍ଧୁ।

ଅନ୍ୟ ପକ୍ଷରେ ଜୀବନ ଜିଜ୍ଞାସାର କବି ଥିଲେ ଗୋପବନ୍ଧୁ। ତାଙ୍କ ମତରେ ଏ ଜୀବନ ସତ୍ୟ ଶୁଦ୍ଧ, ସାରତତ୍ତ୍ୱ, ତତ୍ତ୍ୱ ଅନୁବନ୍ଧ ମଣିଷର ସତ୍ତ୍ୱ। ସେ ତତ୍ତ୍ୱ ଅନୁସନ୍ଧାନୀ। ସେ ନିରହଂକାର ଭାବେ ମାନବ ସେବାରେ ନାରାୟଣଙ୍କ ଦର୍ଶନକୁ ନିଜର କର୍ମ, ଧର୍ମ, ଆଚରଣ, ଉଚ୍ଚାରଣ, ସ୍ୱପ୍ନ, ଜାଗ୍ରତ, ପରଆପଣାର ଭିତରେ ଅଭେଦ ଜ୍ଞାନରେ ଚେତାଇ ଦେଇଛନ୍ତି। ସେ କହିଛନ୍ତି, 'ଦୂର ଦେବାଳୟ ଯିବା ନାହିଁ ପ୍ରୟୋଜନ ନିଜ ଆଭ୍ୟନ୍ତରେ ଦେଖ ଫେଡ଼ିଣ ନୟନ'। ରାଷ୍ଟ୍ର ଚେତନା, ମାନବୀୟ ଚିନ୍ତା ଚେତନା, ଜାତୀୟତା ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ପ୍ରାଣ ସ୍ୱୟଂ ନାରାୟଣଙ୍କ ପାଦରେ ସମର୍ପିତ ଥିଲା। ତେଣୁ ଏ ରାଷ୍ଟ୍ରର ରାଷ୍ଟ୍ରୀୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ ଧ୍ୟାନ କରି କହିଛନ୍ତି- ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ। ଆଜିର ମଣିଷ ରାଜନୀତିରେ ପଶି ସବୁ କିଛି ଭୁଲିଯାଇଛନ୍ତି। ଜାତୀୟ ଦର୍ଶନ କ'ଣ, କେତେ ମହାନ, ସେ ଜ୍ଞାନକୁ ହଜାଇ ଦେଲେ ଆମେ ପାଇବୁ କ'ଣ ? ଏ କ୍ଷେତ୍ରରେ ଭାରତୀୟ ଧର୍ମ, ସାହିତ୍ୟ, ସଂସ୍କୃତି, ପରମ୍ପରା ବିଶ୍ୱର ମାନବ ଜାତିକୁ ସର୍ବଦା ଜାଗ୍ରତ କରି ଉଦାର କଣ୍ଠରେ କହିଛି 'ତେନ ତ୍ୟକ୍ତେନ ଭୁଞ୍ଜିଥା'। ଜୀବନ ବ୍ୟାପି ପ୍ରତ୍ୟେକ କ୍ଷେତ୍ରରେ ସେ ଥିଲେ ମହାନ ନାୟକ। ତ୍ୟାଗ, ସେବା, ତିତୀକ୍ଷା, ଜିଜ୍ଞାସା ସବୁ ତାଙ୍କର ଶୁଦ୍ଧ ଚେତନା ଆତ୍ମଦର୍ଶନର ଅବବୋଧ ଭିତ୍ତିକ। ତାଙ୍କ ଜୀବନ ଥିଲା ପ୍ରଶାନ୍ତ ମହାସାଗର ଆଉ କର୍ମକ୍ଷେତ୍ର ଥିଲା ନିଷ୍ପାପ ଅଶାନ୍ତ ଲହରିମାଳା। ମାନବବାଦର ଅନନ୍ୟ ବାର୍ତ୍ତାବହ ଥିଲେ ଗୋପବନ୍ଧୁ। ଆଜିବି ତ୍ୟାଗ, ସେବା, ଦେଶଭକ୍ତି ଓ ମଣିଷ ପଣିଆର କଥା ପଡ଼ିଲେ ଲୋକଙ୍କ ମନରେ ସ୍ୱତଃ ଗୋପବନ୍ଧୁଙ୍କ ସ୍ମୃତି ହିଁ ଉଙ୍କି ମାରିଥାଏ। ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ହିଁ ସମାଜର ମୁଖ୍ୟ କଳଙ୍କ ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ସେ। ଏଥିରୁ ନିସ୍ତାର ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଓ ଛୁରୀଅନା କୁଞ୍ଜତଳେ ଆରମ୍ଭ କରିଥିଲେ ସତ୍ୟବାଦୀ ବନବିଦ୍ୟାଳୟ। ସତରେ ଏହି ବିଦ୍ୟାଳୟ ଥିଲା ମଣିଷ ତିଆରି କାରଖାନା।

ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜାତୀୟ ଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା। ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ଭଳି ମନୀଷୀମାନଙ୍କ ନିଷ୍ପାପର ସାଧନା ଓ ଶ୍ରମଦାନରେ ଗୁରୁକୁଳ ଶିକ୍ଷାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟିଟି କରିବାରେ ସମର୍ଥ ହୋଇଥିଲା। ଜାତୀୟତାବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ ମସିହାରେ ସତ୍ୟବାଦୀ ମାସିକ ପତ୍ରିକା ପ୍ରକାଶନ କରିଥିଲେ। ଯେଉଁଥିରେ ଓଡ଼ିଆମାନଙ୍କ ସମସ୍ୟାଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ପ୍ରକାଶ କରାଯାଉଥିଲା । ସେହିପରି ୧୯୧୯ରେ ସାପ୍ତାହିକ ସମାଜ ପ୍ରକାଶିତ କରି ତତ୍କାଳୀନ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟ ଓ ଅବିଚାର ବିରୁଦ୍ଧରେ ନିର୍ଭୀକ ସମ୍ବାଦ ପରିବେଷଣ କରି ୧୯୨୨ରୁ ୧୯୨୪ ପର୍ଯ୍ୟନ୍ତ ଜେଲ୍ ଯାଇଥିଲେ। ଜେଲରୁ ଖଲାସ ପରେ କଟକରେ ଅନୁଷ୍ଠିତ ବିଶାଳ ସମାବେଶରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ

ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ସମ୍ବୋଧନ କରିଥିଲେ ଓ ଉପସ୍ଥିତ ଜନତା କରତାଳି ମାଧ୍ୟମରେ ଏହି ଉପାଧିକୁ ସ୍ୱୀକୃତି ପ୍ରଦାନ କରିଥିଲେ । ପରେ ଲୋକସେବକ ମଣ୍ଡଳର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ମୃତ୍ୟୁ ପୂର୍ବରୁ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ, ଯାହା ଗୋପବନ୍ଧୁଙ୍କ ସ୍ୱକୀୟ ଚିନ୍ତାଧାରା, ସ୍ୱଦେଶ ପ୍ରୀତି ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ସୂଚନା ଦିଏ । ଏହାର ଝଲକ ଗୋପବନ୍ଧୁଙ୍କ ରଚିତ କବିତା 'ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ', ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼' ଶୀର୍ଷକ କବିତାରେ ଦେଖିବାକୁ ମିଳେ । ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଓଡ଼ିଆର ଜାତୀୟତା, ଗୋ ମାହାତ୍ମ୍ୟ ପ୍ରଭୃତି କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରତିଫଳିତ ହୋଇଥାଏ । ତତ୍କାଳୀନ ସମାଜରେ ପରିବ୍ୟାପ୍ତ, ଅଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସ, ନିଶା ରାକ୍ଷସର ପ୍ରଭାବ ବିରୋଧରେ ଗୋପବନ୍ଧୁ ସ୍ୱରକୁ ଶାଣିତ କରିଥିଲେ । ଏସବୁ ଦୂର ହୋଇପାରିଲେ ରାଜ୍ୟ ଓ ଦେଶ ସମୃଦ୍ଧ ତଥା ବିକଶିତ ପଥରେ ଗତିଶୀଳ ହୋଇପାରିବ ବୋଲି ତାଙ୍କର ଦୃଢ଼ ଆତ୍ମପ୍ରତ୍ୟୟ ଥିଲା । ତେଣୁ ଜାତି ଗଠନ ଓ ସମାଜ କଲ୍ୟାଣ ପାଇଁ ଗୋପବନ୍ଧୁଙ୍କ ପ୍ରାଣର ଆବେଗ ଓ ଉଦ୍‌ବେଳନକୁ ସାକାର କରିବାକୁ ଓଡ଼ିଆ ଜାତି, ଓଡ଼ିଆ ଯୁବକ, ଓଡ଼ିଆ କୃଷକ, ଓଡ଼ିଆ ଶ୍ରମିକ, ଓଡ଼ିଆ ବୁଦ୍ଧିଜୀବୀ, ସର୍ବୋପରି ଓଡ଼ିଶାର ଆବାଳବୃଦ୍ଧବନିତା ଗୋପବନ୍ଧୁଙ୍କ ଆଜିର ପୁଣ୍ୟତିଥିରେ ସଂକଳ୍ପ ଗ୍ରହଣ କରିପାରିଲେ ସେହି ସଂକଳ୍ପରୁ ସିଦ୍ଧିଲାଭ ହିଁ ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଅର୍ଘ୍ୟ । ଏକଥା ତାଙ୍କ ଜୀବନାଦର୍ଶରୁ ଶିକ୍ଷା ମିଳେ । ତେଣୁ ଆଜିପରି ଦିନରେ ସମସ୍ତେ ଶପଥ ନେବା ସମାଜରେ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ପାଇଁ ସମାଜ ଓ ରାଷ୍ଟ୍ରର ପ୍ରଗତିରେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜାତୀୟ ସ୍ୱାର୍ଥରେ ନିଜକୁ ଉତ୍ସର୍ଗ କରିବା, ଯାହା ଗୋପବନ୍ଧୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ।

****

୧୪୮/୫, ହମିରପୁର, ରାଉରକେଲା-୩
ମୋ-୯୮୬୧୦୩୪୪୯୪

# ସାରଳା ମହାଭାରତରେ ଭେଷଜ ବିଜ୍ଞାନ ଓ ତନ୍ତ୍ର-ମନ୍ତ୍ର

ଡଃ ଚିତ୍ତରଞ୍ଜନ ମିଶ୍ର



ପଞ୍ଚଦଶ ଶତାବ୍ଦୀ ଓଡିଆ ଜାତି ପାଇଁ ଏକ ଅବିସ୍ମରଣୀୟ ଶତାବ୍ଦୀ । ଓଡିଶାର ରାଜନୀତି, ଭାଷା, ସାହିତ୍ୟ, ସମାଜ ଓ ସଂସ୍କୃତି କ୍ଷେତ୍ରରେ ଏହି ଶତାବ୍ଦୀରେ ପ୍ରଭୁତ ଉନ୍ନତି ସାଧିତ ହୋଇଥିଲା । ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସୁଦୃଢ ଶାସନ ବ୍ୟବସ୍ଥା ରାଜନୈତିକ ସ୍ଥିରତା ପ୍ରଦାନ କରିଥିବାବେଳେ ଓଡିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ପୃଷ୍ଠପୋଷକତା ଆମ ଭାଷା ସାହିତ୍ୟକୁ ସଂସ୍କୃତ ଭାଷା ସାହିତ୍ୟର ବଳୟ ଭିତରୁ ମୁକ୍ତକରି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥିଲା । ଏହାର ଫଳସ୍ୱରୂପ ସମକାଳୀନ କବି ସାରଳା ଦାସଙ୍କ ଲେଖନିରୁ ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଏବଂ ମହାଭାରତ ଭଳି ଅମୂଲ୍ୟ ଗ୍ରନ୍ଥ ସୃଷ୍ଟିହୋଇ ଓଡିଆ ସାହିତ୍ୟରେ ନବଜାଗରଣ ସୃଷ୍ଟି କରିଥିଲା । ବାଗ୍ଦେବୀ ସାରଳାଙ୍କ ଆଶୀର୍ବାଦରୁ ସେ କବିତ୍ୱ ପ୍ରାପ୍ତି ହୋଇଥିବା ସ୍ୱୀକାର କରିବାସହ ସେ ନିଜକୁ ଦେବୀଙ୍କର ଦାସ ବା ସାରଳା ଦାସ ନାମରେ ନାମିତ କରିଥିଲେ । ସାରଳା ମହାଭାରତ କେବଳ ଏକ ଆଧ୍ୟାତ୍ମିକ ଗ୍ରନ୍ଥ ନୁହେଁ , ଏଥିରେ ଇତିହାସ, ଭୂଗୋଳ ଏବଂ ସଂସ୍କୃତିର ମଧ୍ୟ ସୁନ୍ଦର ବର୍ଣ୍ଣନା ରହିଛି । ସେଥିପାଇଁ ସାରଳା ଦାସଙ୍କୁ ଆଦିକବି, ଆଦିଐତିହାସିକ ଏବଂ ଆଦିଭୂଗୋଳବିତ ମଧ୍ୟ କୁହାଯାଏ ।

ଗବେଷକ ତଥା ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କଠାରୁ ଆରମ୍ଭକରି ବର୍ତ୍ତମାନପିଢୀର ବହୁ ଗବେଷକ ସାରଳା ମହାଭାରତ ଉପରେ ଅନେକ ପ୍ରବନ୍ଧ, ନିବନ୍ଧ ରଚନା ଏବଂ ଆଲୋଚନା କରିଥିଲେ ମଧ୍ୟ ଭେଷଜ ବିଜ୍ଞାନ, ମନ୍ତ୍ର ଓ ତନ୍ତ୍ର

ଉପରେ ଆଲୋଚନା ହୋଇଥିବା ଦେଖାଯାଏ ନାହିଁ । ସେ ସମସ୍ତ ବିଷୟ ଉପରେ ଆଲୋଚନା କରିବା ଉକ୍ତ ପ୍ରବନ୍ଧର ମୂଳ ଉଦେଶ୍ୟ ଅଟେ ।

**ଲୁଦୁବୁଦୁ ବ୍ୟାଧି )dyspepsia)**

ମହାଭାରତର ମଧପର୍ବରେ ସାରଳା ଦାସ" ଖାଣ୍ଡବ ବନ ଦହନ "ବିଷୟ ବର୍ଣନା କରିଛନ୍ତି। ଅଗ୍ନିଦେବ ଅତ୍ୟଧିକ ସ୍ନେହସାର ଭକ୍ଷଣ କାରଣରୁ ଲୁଦୁବୁଦୁ ବ୍ୟାଧିରେ ଆକ୍ରାନ୍ତ ହେଇଛନ୍ତି । ରୋଗରୁ ଉପଶମ ପାଇଁ ସେ ଅର୍ଜୁନଙ୍କସହାୟତାରେ ଖାଣ୍ଡବ ବନ ଦହନ କରାଇ ଔଷଧୀୟ ବୃକ୍ଷ ଭକ୍ଷଣ କରି ଉଦ୍ଧାର ପାଇଥିଲେ । କବି, ଅଗ୍ନିଦେବଙ୍କ ମୁଖରେ କହିଛନ୍ତି :-

"ଲୋଭେନ ଖାଇଲୁ ଆମ୍ଭେ ଅନେକଯେ ଘୃତ
କାଳେ ପାରକରିନପାରିଲୁ ହୋଇଲୁ ଯେମନ୍ତ
ମାନ୍ଦାଅଗ୍ନି ହୋଇଲୁ ଲୁଦୁବୁଦୁଯେ ହୋଇଲୁ
ଅତିହିଁ ଲୋଭକରି ଶରୀର ନାଶ କଲୁ"

ମାନ୍ଦାଗ୍ନି ଏବଂ ଲୁଦୁବୁଦୁ) ଅସ୍ୱାଭାବିକ ଭାବେ ପେଟ ବାହାରିବା(କୁ ଉକ୍ତ ବ୍ୟାଧିର ଲକ୍ଷଣ ଭାବେ କବି ବର୍ଣନା କରିଛନ୍ତି ଯାହା ଆଧୁନିକ ଡିସପେପସିଆ)dyspepsia) ରୋଗର ଲକ୍ଷଣ ସହ ସାମଞ୍ଜସ୍ୟ ରଖେ ଯଥା-: ଅଗ୍ନିମାନ୍ଦ୍ୟ, ଅଜିର୍ଣ୍ଣ, କ୍ଷୁଧାହୀନତା, ଶରୀରହାନି ଏବଂ ବାୟୁବୃଦ୍ଧି ।

ଖାଣ୍ଡବ ବନ ନାନାପ୍ରକାର ଔଷଧୀୟ ବୃକ୍ଷରେ ପରିପୂର୍ଣ ଅଟେ । ଏ ସବୁ ବୃକ୍ଷକୁ ଦହନ କରି ଅଗ୍ନିଦେବ ରୋଗ ମୁକ୍ତ ହୋଇଥିବା କଥା କବି ବର୍ଣନା କରିଛନ୍ତି ମହାଭାରତରେ ସାରଳା ଦାସ ଇନ୍ଦ୍ରଙ୍କ ମୁଖରେ ଏସବୁର ବ୍ୟାଖ୍ୟା କରାଇଛନ୍ତି। ଯଥା -:

"ବିଶଲ୍ୟକରଣୀ ମଉଷଧି ଯେହି ବୃକ୍ଷ ଗୋଟି
ତା'ର ମୂଳ ହନୁ ନେଲା ସିକଡା ପାଣି ଫୁଟି
ଆବର ବାବୁ ଦେଖଇ ବାସୁ ବୃକ୍ଷ ଗୋଟିଏ
ମୃତ୍ୟୁ ସଞ୍ଜିବନୀ ଯେ ବୃକ୍ଷର ନାମ ହୋୟେ
ବାବୁ ହନୁମନ୍ତ ୟେଥୁ ପୁଷ୍ପ ଗୋଟିଏକ ନେଲା
ସବୁଙ୍କର ନାସାପୁଟେ ନେଇଣ ଶୁଙ୍ଘାଇଲା
X XX
ସେହିମତି ଅଛିଯେ ଅମଳାନ ପୁଷ୍ୟ ଗୋଟି
ଗନ୍ଧ ଆମୋଦନ୍ତେ ସମସ୍ତେହେଁ ସୈନ୍ୟ ବ୍ରତି ଉଠି
X XX
ପ୍ରଣାନ୍ତରଣ ବୋଲିୟେ ବୃକ୍ଷ ନାମ ହେତି
ବାବୁ ହନୁମନ୍ତ ୟେଥୁ ଛେଲି ଖଣ୍ଡେଇ ନେଲା
ବାଟି ଲଗାବନ୍ତେ ଲକ୍ଷ୍ମଣ ଉଠିଣ ବସିଲା
X X X
ବାବୁ ବୃଦ୍ଧନାସେନୀ ବୋଲି ୟେକ ବୃକ୍ଷ ଗୋଟିଏ
ପାଚିଲା କେସ କଞ୍ଚାହୋଇ ୟେଥୁ ପିଇଲେ ପାଣି ଫୁଟିଏ
ବାବୁ ରୋଗନାସେନୀ ବୋଲି ୟେ ବୃକ୍ଷ ମଉଷଧି
ୟେଥୁ ପାଣି ପିଇଲେ ତୁଟଇ ବାତ ପିତ ଶାଲିସମା ନାନା
ବ୍ୟାଧି
ବାବୁ ଯୁଗନାଶେନୀ ବୋଲି ୟେହୁ ବୃକ୍ଷ ଗୋଟି
ସ୍ନାହାନ କରି ପାଣି ପିଇବ ପାଣିଫୁଟି
ଶରୀର ନୋହିବା ୟେ ପକ୍ୱ ଗଳିତଇ
ୟେକ ଯୋଗେ ପାନକଲେ ଚାରି ଯୁଗେ ବ୍ରତଇ
ବାବୁ ୟେ ବୃକ୍ଷ ଗୋଟି ଯେ ସନ୍ତାନ ଉଦୟନ
ୟେଥୁ ଫଳ ଗୋଟିଏ ଭକ୍ଷିବ ତିଳ ସଙ୍କରାନ୍ତି ଦିନ
କାମଦେବ ପ୍ରାୟେ ଉପୁଜିବ ପୁତ୍ର
X X X
ବାବୁ କ୍ଳେଶନାଶନ ଏକ ବୃକ୍ଷ ଗୋଟି
ଶରୀରେ ଲେପନ କରିବା ୟେଥିର ମୂଳ ବାଟି
ଜନ୍ମେ ଜନ୍ମେ ନହୋଇ ସେ ଗର୍ଭକଷ୍ଟୀ
ୟେଥିର ପାଣି ପିଇଲେ ହୁଅଇ ପୁତ୍ର ଗୋଟି
ଗଳିତ କୁଷ୍ଟ ବ୍ୟାଧିଯାଏ ୟେହାର ପ୍ରସାଦେ ଫିଟି
କଣୟ ବିନ୍ଦୁ ବୋଲି ୟେକଇ ବୃକ୍ଷ ଗୋଟି
ଶତେଭାର ନିତ୍ୟ ତହିଁ କନକ ଫୁଲ ଫୁଟି
ବାବୁ ଅନଳ ଅମୃତ ବୋଲି ବୃକ୍ଷଙ୍କର ନାମ
ଅନଳେ ନପୋଡଇ ୟେହେ ଶରୀରେ କଲେ ଲେପନ
ବାବୁ ବାଳତରୁଣ ବୋଲିକରି ୟେକ ବୃକ୍ଷ ଗୋଟିଏ
ଅକ୍ଷତୃତୀୟ ଦିନ ଭକ୍ଷିବ ପତ୍ର ଗୋଟିଏ
X XX
ପଚିଶ ବରଷ ପ୍ରାଏ ସେ ପୁରୁଷ ଦିଶଇ
ବାବୁ ମୋହନ ବୋଲିକରି ୟେକ ଲତା ଗୋଟି
କ୍ଷୀର ଖଣ୍ଡିଏ ଏଥୁ କପାଳେ ଦେବ ଫୁଟି
ଗମନ୍ତେ ଶୁଭଯୋଗ ଚାଲନ୍ତେଣ ସୋହଇ
ଦେବ ଦାନବନ୍ତ ଆଦିକରି ସମସ୍ତ ମୋହିହୋଇ
ବାବୁ ବିନ୍ଦୁଧାରଣ ବୋଲି ୟେକଇ ବୃକ୍ଷ ଗୋଟି
ସିକ ଖଣ୍ଡିଏ ଏଥୁ କରିବ ବିଡା ଗୋଟି
ସହସ୍ର ଯୁବତୀ ବାବୁ ରମଣ କରିବ
ସେ ପୁରୁଷ ତହୁଁ ଅମୋହ ରେତ ନଖସିବ
ବାବୁ ୟେ ବୃକ୍ଷ ଗୋଟି ଯେ କାମିନି ବସନ୍ତ

ସ୍ତିରିଜନ ମାନଙ୍କୁ ଯେ ବଡାଇ ପଦାର୍ଥ
ଏଥିରେ କ୍ଷୀର ଟୋପାଏ ନାରୀ ଲଗାଇବେ କପାଳେ
ଯୁବାପୁରୁଷକୁ ବସ କରିବ ବୃଦ୍ଧକାଳେ
ବାବୁ ଉଦ୍ଦାଳକ ବୋଲିଯେ ଯେକ ବୃକ୍ଷ ଗୋଟିଏ
ରାତ୍ରକାଳେ ଫୁଟଇ ଯେକ ପୁଷ୍ପ ଗୋଟିଏ
ଅର୍ଜୁନ ହାତଧରି ଦେଖନ୍ତି ଆଖଣ୍ଡଳ
ଦେବତାଏ ତପ କରନ୍ତି ଯେ ଅମ୍ଳାନ ବୃକ୍ଷର ତଳ
ବାବୁ ସିଦ୍ଧକଳ୍ପ ବୋଲି ଯେକ ବୃକ୍ଷ ଗୋଟିଏ
ତୁଳା ସଙ୍କ୍ରାନ୍ତି ଦିନ ଯେଥୁ ପିଇବ ପାଣି ଫୁଟିଏ
ସମ୍ବତ୍ସର ପରିଜନ୍ତେ ନଲାଗଇ କ୍ଷୁଦ୍ଧା
ଭୋକ ଶୋଷ ମୁତ୍ର ମଳ ବ୍ୟାଧି ନଲାଗଇ ବାଧା"

ସାରଳା ଦାସ ବର୍ଣନା କରିଥିବା ବୃକ୍ଷ ଗୁଡିକ ମଧ୍ୟରୁ ବିଶଲ୍ୟକରଣୀ ଏବଂ ମୃତସଞ୍ଜୀବନି ନାମ ଦୁଇଟି ପ୍ରାଚୀନ ରାମାୟଣ ଗ୍ରନ୍ଥରୁ ସୂଚନା ମିଳେ । ଅନ୍ୟ ସମସ୍ତ ନାମ, ବୃକ୍ଷ ଅପେକ୍ଷା ଆୟୁର୍ବେଦିକ ଔଷଧର ନାମ ପରି ପ୍ରତିୟମାନ ହୁଏ । ଏ ଗୁଡିକ କବିଙ୍କର କଳ୍ପନା ପ୍ରସୂତ ନା ତତ୍କାଳୀନ ସମାଜରେ ବ୍ୟବହୃତ କେତେକ ବୃକ୍ଷର ନାମ ତାହା ଜାଣିବା କଷ୍ଟକର ବ୍ୟାପାର ।ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ତେବେ ସାରଳା ମହାଭାରତରେ ବର୍ଣ୍ଣିତ ବୃକ୍ଷର ନାମ, ସେଗୁଡିକର ଔଷଧୀୟ ଗୁଣ, ଔଷଧ ପାଇଁ ଆବଶ୍ୟକ ହେଉଥିବା ବୃକ୍ଷର ଅଂଶ ଇତ୍ୟାଦି ବିଷୟରେ ଏକ ସାରଣୀ ପ୍ରସ୍ତୁତ କରାଯାଇ ନିମ୍ନରେ ପ୍ରଦତ୍ତ କରାଗଲା ।

**ସାରଣୀ -୧**

| କ୍ରମିକ ସଂଖ୍ୟା | ବୃକ୍ଷର ନାମ | ଔଷଧ ପାଇଁ ବ୍ୟବହାର ହେଉଥିବା ଅଂଶ | ଔଷଧୀୟ ଗୁଣ | ବ୍ୟବହାର ବିଧି |
|---|---|---|---|---|
| ୧ | ବିଶଲ୍ୟକରଣୀ | ପତ୍ର | ଜୀବନ ଦାନକାରି | ପତ୍ର ବଟା କ୍ଷତ ସ୍ଥାନରେ ଲଗାଇବା |
| ୨ | ବାସୁ ବୃକ୍ଷ/ମୃତସଞ୍ଜୀବନି | ଫୁଲ | ଜୀବନ ଦାନକାରି / ଚେତା ଫେରାଇବା | ପତ୍ର ବଟା କ୍ଷତ ସ୍ଥାନରେ ଲଗାଇବା /ଫୁଲ ଶୁଙ୍ଘାଇବା |
| ୩ | ଅମଳାନ ପୁଷ୍ପ | ଫୁଲ | ଚେତା ଫେରାଇବା | ଶୁଙ୍ଘାଇବା |
| ୪ | ପ୍ରାଣତାରଣ | ଛାଲି | ଜୀବନ ଦାନକାରୀ | ଛାଲି ବାଟି କ୍ଷତରେ ଲଗାଇବା |
| ୫ | ବୃଦ୍ଧନାଶେନୀ | ଛାଲି | ଅକାଳ ବାର୍ଦ୍ଧକ୍ୟ ଦୂର କରେ/ପକ୍ୱ କେଶ କଳା କରେ | ଛାଲିକୁ ଫୁଟାଇ ପିଇବା |
| ୬ | ରୋଗନାଶେନୀ | ଛାଲି | ବାତ, ପିତ ଏବଂ କଫ ଦୂର କରେ | ଛାଲି ବାଟିକରି ପିଇବା |
| ୭ | ଯୁଗନାଶେନୀ | ଛାଲି | ଅକାଳ ବାର୍ଦ୍ଧକ୍ୟ ଦୂର କରେ | ସ୍ନାନସାରି ଛାଲିକୁ ଫୁଟାଇ ପାଣି ପିଇବା |
| ୮ | ସନ୍ତାନ ଉଦ୍ଭୟନ | ଫଳ | ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ | ଖାଇବା |
| ୯ | କ୍ଳେଶ ନାଶନ | ଚେର | ଗର୍ଭ ଯନ୍ତ୍ରଣା ଦୂର କରେ /ପୁତ୍ର ପ୍ରାପ୍ତି ପାଇଁ | ଚେର ବାଟିକରି ଶରୀରରେ ଲେପଦେବା |
| ୧୦ | କଣୟବିନ୍ଦୁ | ଫୁଲ | କୁଷ୍ଠ ବ୍ୟାଧି ଦୂର କରେ | କ୍ଷତରେ ଫୁଲବଟା ଲଗାଇବା ଓ ଖାଇବା |
| ୧୧ | ଅନଳ ଅମୃତ | ସମଗ୍ର ବୃକ୍ଷ | ଅଗ୍ନିରୁ ରକ୍ଷା ପାଇବା ପାଇଁ | ବାଟିକରି ଶରୀରରେ ଲେପ ଦେବା |
| ୧୨ | ବାଳତରୁଣ | ପତ୍ର | ଚିର ଯୌବନ ପାଇଁ | ଅକ୍ଷୟ ତୃତୀୟା ଦିନ ପତ୍ରକୁ ଚୋବେଇ ଖାଇବା |
| ୧୩ | ମୋହନ | କ୍ଷୀର/ ରସ | ମୋହିତ କରିବା ପାଇଁ | ମଥାରେ ତିଳକ କରିବା |

| | | | | |
|---|---|---|---|---|
| ୧୪ | ବିନ୍ଦୁଧାରଣ | କ୍ଷୀର | ଯୌବନ କ୍ଷ୍ୟମତା ବୃଦ୍ଧି/ବଶୀକରଣ | କପାଳରେ ତିଳକ କରିବା |
| ୧୫ | କାମିନୀ ବସନ୍ତ | କ୍ଷୀର/ରସ(କେବଳ ମହିଳା ମାନଙ୍କ ପାଇଁ) | ବଶୀକରଣ | କପାଳରେ ତିଳକ କରିବା |
| ୧୬ | ଉଦ୍ଧାଳକ | ଫୁଲ | ବଶୀକରଣ | ପୁଷ୍ପ ଧାରଣ କରିବା |
| ୧୭ | ଅମ୍ଳାନ ବୃକ୍ଷ | ଗଛର ଛାଇ | ମାନସିକ ଶାନ୍ତି | ବୃକ୍ଷ ତଳେ ଧ୍ୟାନ କରିବା |
| ୧୮ | ସିଦ୍ଧି କଳ୍ପ | ଛାଲି | ଭୋକ, ଶୋଷ, ରୋଗ, ବ୍ୟାଧି ଦୂର | ଛାଲିକୁ ଫୁଟାଇ ପିଇବା |

ବିଷାକ୍ତ ପଦାର୍ଥର ସୂଚନା -:

ସାରଳା ମହାଭାରତର ଆଦ୍ୟ ପର୍ବରେ 'ଭୀମର ବିଷଲଡୁ ଭକ୍ଷଣ' ବିଷୟ ଅବତାରଣା କରାଯାଇଛି । ଉକ୍ତ ଅଧ୍ୟାୟରେ ଦୁର୍ଯୋଧନ ତାର ପରମ ଶତ୍ରୁ ଭୀମକୁ ବିଷଯୁକ୍ତ ଖାଦ୍ୟ ପରିବେଷଣକରି ମାରିଦେବାର ଚକ୍ରାନ୍ତ କରିଛି । କବିଙ୍କ ଭାଷାରେ -:

"ଦୁଦୁରା ମଞ୍ଜି ଗଞ୍ଜାଇ ଶାକର ମିଶାଇ ଭରି
ମାଛରେ ମିଶାଇଲା ତାହା ରାନ୍ଧିଲା ଯତନକରି
ଜାଇଫଳ ଗରଳ ମିଶାଇ ଦେଲା ଖଣ୍ଡପଣା କତି
X XX
ଅଧାମ ଭିତରେ ଭରାଇଛି ମହୁରା ସିଙ୍ଗଡା ଜାତି
ତହୁଁ କପୁରାଏ ଦେଲା ସେ ଭୀମସେନ କତି
X XX
ଭୋଜନ ଅନ୍ତେ ନେଇ ପରଷିଲା ବିସ ଲଡୁ
ଅହି ବ୍ରତେକ ଲଡୁ ସେ ତା ଗ୍ରାସ ବଢୁ
X XX
ଗଞ୍ଜାଇ ଫଳ ଦୁଦୁରା ଫଳର କାକରା
ଆବର ମିଷ୍ଟାର୍ନ ତହିଁ ସିଙ୍ଗଡା ଜାତି ମହୁରା"

ଉପର ବର୍ଣ୍ଣିତ ସମସ୍ତ ପଦାର୍ଥ ଯଥା -: ଦୁଦୁରା ମଞ୍ଜି, ଗଞ୍ଜାଇ, ଯାଇଫଳ, କର୍ପୂର,ସର୍ପବିଷ, ଗଞ୍ଜାଇ ଫଳ ଏବଂ ମହୁରାକୁ ଏବେ ମଧ ସମାଜରେ ବିଷାକ୍ତ ପଦାର୍ଥ ଭାବେ ଗଣାଯାଏ । ଏଥିରେ କିଛି ଉଦ୍ଭଟ ବା ଅତିରଞ୍ଜିତ କଳ୍ପନା ଚାତୁରୀର ସୂଚନା ମିଳେନାହିଁ । ତତ୍କାଳୀନ ସମାଜରେ ମଧ ଏ ସମସ୍ତ ବିଷାକ୍ତ ପଦାର୍ଥ ସମ୍ପର୍କରେ ଲୋକେ ଅବଗତ ଥିଲେ ସାରଳା ମହାଭାରତରୁ ଏହାର ବଳିଷ୍ଠ ପ୍ରମାଣ ମିଳେ।

**ପ୍ରାଣୀଧନ ଚିକିତ୍ସା ବିଜ୍ଞାନ -:**

ମହାଭାରତର ବିରାଟ ପର୍ବରେ ପାଣ୍ଡବ ମାନଙ୍କର ଅଜ୍ଞାତ ବାସ ବର୍ଣ୍ଣନା କରିବାକୁଯାଇ ମହାକବି ସାରଳା ଦାସ, ନକୁଳ ଏବଂ ସହଦେବଙ୍କ ମୁଖରେ ପ୍ରାଣୀ ଧନ ଚିକିତ୍ସା ବିଜ୍ଞାନ ଉପରେ ଥିବା ନିଜର ଜ୍ଞାନକୁ ଅତି ସୁନ୍ଦର ଭାବରେ ବଖାଣିଛନ୍ତି । ନକୁଳ କହୁଛନ୍ତି ବିରାଟ ରାଜାଙ୍କୁ ଯଥା -:

"ନକୁଳ ବୋଇଲା ତୁ ଶୁଣସି ମସଛ୍ୟ ଇନ୍ଦ୍ର
ଅଶ୍ୱଙ୍କର ଲକ୍ଷଣ ମୁ ଜାଣଇ ସର୍ବ ପାଦ
ବିକଟ ବିକରାଳ ବିକଟାଳ ବିଲୋପା ଧୋକୋଡା
ବାତୁଆ କରକଟା ବାଧକା କାମୋଡା ବିହୋଡା
ଅବିକାର ମୁରା ଗଣ୍ଡକା
ପାଙ୍ଗୁରା ଶିରଟା
ବିକଞ୍ଚ ରଣଭଞ୍ଜା ଯେ ମେଦୁଆ ନାହଫୁଟା
ବାନ୍ତିଲା ବାଟିଲା ଯେ ତରକା ଅଣ୍ଡାଭଞ୍ଜା ଶଶିକଳା
ତାଳୁକା କଙ୍କାଳଭଞ୍ଜା ବିରଳା ଜଳକା ପାଗଳା
ବିରାଟ ପାଲୁଆ ଘୁଞ୍ଚା କାଉଁରିଆ ଆଙ୍କୁରା
ଦାଢିଆ ବରେହା କୁରୁପା କଙ୍କେରା ଗତିରା
ଫାଲୁଆ ଟାନ୍ଧୁଝରା ଚନ୍ଦକା  କରକଞ୍ଚା କୁରଟା
ବିରଙ୍କା ଯୁଗଚନ୍ଦକା ପାଲୁଙ୍ଗା ଦ୍ୱିପଟା ତ୍ରିପଟା
ୟେତେ ଲକ୍ଷଣ ଯେ ଅଶ୍ୱଙ୍କର ବ୍ୟାଧି
ମୋହର ଦ୍ରସନେ ସମସ୍ତ ହୋଏ ସିଦ୍ଧି"

କବିଙ୍କ ଭାଷାରେ ନକୁଳ ଜଣେ ସଫଳ ଅଶ୍ୱରକ୍ଷକ । ଅଶ୍ୱଙ୍କୁ ଆକ୍ରାନ୍ତ କରୁଥିବା ସମସ୍ତ ବ୍ୟାଧିର ଲକ୍ଷଣ ଏବଂ ଚିକିତ୍ସା  ସମନ୍ଧୀୟ ସମସ୍ତ ଜ୍ଞାନ ନକୁଳଙ୍କୁ ଜଣାଥିଲା । ସେସମସ୍ତ ରୋଗର ଲକ୍ଷଣ ଏବଂ ଆକ୍ରାନ୍ତ ଅଙ୍ଗକୁ ନେଇ ପ୍ରସ୍ତୁତ ଏକ ସାରଣୀ ନିମ୍ନରେ ପ୍ରଦତ୍ତ କାରାଗଲା।

## ସାରଣୀ -୨

| କ୍ରମିକ ସଂଖ୍ୟା | ରୋଗର ନାମ | ଆକ୍ରାନ୍ତ ଅଙ୍ଗ | ଲକ୍ଷଣ | ବର୍ତ୍ତମାନର ନାମ |
|---|---|---|---|---|
| ୧ | ବିକଟ | ଆକାର/ପ୍ରକୃତି | ଭୟଙ୍କର | Mentally/physically strong |
| ୨ | ବିକରାଳ | ଆକାର/ପ୍ରକୃତି | ଭୟଙ୍କର | Mentally/physically strong |
| ୩ | ବିକଟାଳ | ଆକାର/ପ୍ରକୃତି | ଭୟଙ୍କର | Mentally/physically strong |
| ୪ | ବିଲୋପା | ସ୍ୱତନ୍ତ୍ର ପ୍ରକାର | ସ୍ୱତନ୍ତ୍ର ପ୍ରକାର | ବିଲୋପ ହେଇଯାଉଥିବା ସ୍ୱତନ୍ତ୍ର ପ୍ରକାର ଘୋଡା |
| ୫ | ଧୋକୋଡା | ଶରୀର | ଦୁର୍ବଳତା | Debility |
| ୬ | ବାତୁଆ | ଗୋଡ | ଚାଲିବା ଅକ୍ଷମତା | Rheumatism |
| ୭ | କରକଟା | ଶରୀରର ଯେକୌଣସି ଅଙ୍ଗରେ | ଅର୍ବୁଦ | Cancer |
| ୮ | ବାଧକା | ଶରୀର | ରୋଗୀ | Sedative |
| ୯ | କାମୋଡା | ପ୍ରକୃତି | କାମୁଡିବା | Vicious |
| ୧୦ | ବିହଡା | ପ୍ରକୃତି | ଅଣତାଲିମପ୍ରାପ୍ତ | ଅଣତାଲିମପ୍ରାପ୍ତ |
| ୧୧ | ଅବିକାର | ପ୍ରକୃତି | ବିକାରଶୂନ୍ୟ | Non choosy |
| ୧୨ | ମୁରା | ଶରୀର | ଦୁର୍ଗନ୍ଧ ଯୁକ୍ତ | Foul smell |
| ୧୩ | ଗଣ୍ଡକା | ମାଂସପେଶୀ | ଅର୍ବୁଦ | Mumps |
| ୧୪ | ପାଙ୍ଗୁରା | ଗୋଡ | ଚାଲିବା ଅକ୍ଷମତା | Lameness |
| ୧୫ | ଶିରଟା | ଗୋଡ ଶିର | ସ୍ନାୟୁ ଦୋଷ | Sciatica |
| ୧୬ | ବିକଞ୍ଚ | ପ୍ରକୃତି | ସ୍ୱେଚ୍ଛାଚାରୀ | Madness |
| ୧୭ | ରଣଭଞ୍ଜା | ପ୍ରକୃତି | ଭୟାଳୁ | ଭୟାଳୁ |
| ୧୮ | ମେଦୁଆ | ଶରୀର | ମେଦ ବୃଦ୍ଧି | Obesity |
| ୧୯ | ନାହଫୁଟା | ଖୁରା | ସଂକ୍ରମଣ | ଖୁରା ସଂକ୍ରମଣ/hemorrhagicsepticemia |
| ୨୦ | ବାନ୍ତିଲା | ପେଟ | ବାନ୍ତି କରିବା | ବାନ୍ତି ରୋଗ |
| ୨୧ | ବାଟିଲା | ପ୍ରକୃତି | କାମବେଳେ ଶୋଇବା | କାମକୁ ଡରିବା |
| ୨୨ | ତରକା | ପ୍ରକୃତି | ଛନକା | Excited |
| ୨୩ | ଅନ୍ତଭଞ୍ଜା | ପେଟ/ଅଣ୍ଟା | ପେଟ କଟା/ଅଣ୍ଟା ଭଞ୍ଜା | ବିକଳାଙ୍ଗ |
| ୨୪ | ଶଶିକଳା/ଚନ୍ଦ୍ରକାନ୍ତି | ମସ୍ତିଷ୍କ | ଖୁରା ସଂକ୍ରମଣ | ଖୁରା ସଂକ୍ରମଣ |
| ୨୫ | ତାଳୁକା | ତଣ୍ଟି | ଥଣ୍ଡା ସଂକ୍ରମଣ | Pharyngitis |
| ୨୬ | କଙ୍କାଳଭଞ୍ଜା | ଛାତି | ଛାତି ଯନ୍ତ୍ରଣା | ପଞ୍ଜରା ହାଡଭଙ୍ଗା |
| ୨୭ | ବିରଳା | ସ୍ୱତନ୍ତ୍ର ପ୍ରକାର | ସ୍ୱତନ୍ତ୍ର ପ୍ରକାର | ବିରଳ ପ୍ରଜାତିର |
| ୨୮ | ଜଳକା | ପ୍ରକୃତି | ଅବିକାର | ଡାଟକା |
| ୨୯ | ପାଗଳା | ମସ୍ତିଷ୍କ | ପାଗଳାମି | ପାଗଳା |
| ୩୦ | ବିରାଟ | ଆକାର | ଆକାର | ବିରଳ ପ୍ରଜାତି |
| ୩୧ | ପାଳୁଆ | ଶରୀର | ଦୁର୍ବଳ | Debility |
| ୩୨ | ଘୁଞ୍ଚା | ପ୍ରକୃତି | ପଛଘୁଞ୍ଚା | ଭୟାଳୁ |

| | | | | |
|---|---|---|---|---|
| ୩୩ | କଉଁରିଆ | ପ୍ରକୃତି | ମାନସିକ ସ୍ତରରେ ଦୁର୍ବଳ | ଦୁର୍ବଳ |
| ୩୪ | ଆଙ୍କୁରା | ପ୍ରକୃତି | ଟାଣିହବା | ଆଳସ୍ୟ ପରାୟଣତା |
| ୩୫ | ଦଢିଆ | ପ୍ରକୃତି | ଠେସା | କାମରେ ଆଗ୍ରହ ନଦେବା |
| ୩୬ | ବରେହା | ପ୍ରକୃତି | ଠେସା | କଠୋର |
| ୩୭ | କୁରୁପା | ବିକୃତାକର | ବିକୃତ | ବିକୃତ ରୂପ/ lameness |
| ୩୮ | ଅରୁହା | ଦନ୍ତ | କୁଦନ୍ତା | କୁଦନ୍ତ |
| ୩୯ | ଜାଙ୍କେରା | ଶରୀର | ଅସହଯୋଗ | କାମକୁ ଝିଙ୍କିହେବା |
| ୪୦ | ଗଡିରା | ପ୍ରକୃତି | ଚଞ୍ଚଳମନା | ଆତୁର |
| ୪୧ | ଫାଲୁଆ | ମାଂସପେଶୀ | ମାଂସପେଶୀ ଫୁଲିବା | Multiple abscess |
| ୪୨ | ଚାନ୍ଦୁଝରା | ଆଖି | ଆଖିରୁ ପାଣି ବୋହିବା | Lachrymation |
| ୪୩ | ଚନ୍ଦକା | ଶରୀର | ରୁମ ଝଡିବା | କୃମି ସଂକ୍ରମଣ |
| ୪୪ | କ୍ରକଞ୍ଚା | ଅଣତାଲିମପ୍ରାପ୍ତ | ଅରୁହା | ଅଣ ତାଲିମପ୍ରାପ୍ତ |
| ୪୫ | କୁରଟା/ଗରଜନା | ପାଟି | ବିକୃତ ଶବ୍ଦକାରୀ | Delirium |
| ୪୬ | ବିରଙ୍କା | ପ୍ରକୃତି | ଅଣ ଆଗ୍ରହୀ | ଏକଲାପଣ |
| ୪୭ | ଯୁଗଚନ୍ଦକା | ଶରୀର | ଚନ୍ଦାପଣ | ସଂକ୍ରମଣ ଯୋଗୁଁ ଚନ୍ଦା |
| ୪୮ | ପାଲୁଙ୍ଗା | ଶରୀର/ମନ | ଶରୀର/ମନ ଦୁର୍ବଳ | Debility |
| ୪୯ | ଦିପଟା | ଚାଲି | ଅନ୍ୟ ଘୋଡା ସହ ତାଳଦେଇ ଚଳିନପାରିବା | ଅଣ ତାଲିମପ୍ରାପ୍ତ |
| ୫୦ | ତ୍ରିପଟା | ଚାଲି | ତିନୋଟି ଘୋଡା ସହ ଚଳିନପାରିବା | ଅଣ ତାଲିମପ୍ରାପ୍ତ |

ଗୋରକ୍ଷକ ସହଦେବଙ୍କ ମୁଖରେ କବି ସାରଳା ଦାସ ଗୋ ସମ୍ପଦକୁ ଆକ୍ରାନ୍ତ କରୁଥିବା ସମସ୍ତ ରୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । କବିଙ୍କ ମତରେ ଗୋରୁଙ୍କୁ ଏକଶହ ଆଠରୁ ଅଧିକ ବ୍ୟାଧି ଆକ୍ରାନ୍ତ କରିଥାଏ ।ଯଥା -:

"ସହଦେବ ବୋଇଲା ତୁ ଶୁଣ ହୋ ମସ୍ଥ୍ୟାଧି
ଗୋରୁଙ୍କର ଶହେ ଅଷ୍ଟୋତ୍ତର ସିନା ବ୍ୟାଧି
ଖୁରାରୋଗ କ୍ଷୀରା ସିମୁଳିଆ ହାବୋଡା ମଣ୍ଡୁକୀ
ମଉନା ଗଳକନ୍ଦା ଧୋକଡା ଫାଟୁଆ ଟାଟକୀ
କୁଇକନ୍ଧା ଧରଧରା ସାହାଣା ଭରଥିଆ
ଘୋଷରା ହାମ୍ପରା ପେଟଫୁଲା ଦୃଷ୍ଟିପଡା ମହୁରିଆ
ଗଣ୍ଠିଆ ବସନ୍ତ ଲହସା କାଉଁରିଆ ମୁତୁରା
ଗିରିବେଙ୍ଗା ମାରୁଣୀବେଙ୍ଗା ପାଣିବେଙ୍ଗା ଥରହରା
କାହାଳିଆ ହେମଗିରିଆ ମହାଗିରି ପିଠିଲେଟେରା
ସୁକୁଟା ଆଣ୍ଠୁବାତ ଶିଙ୍ଗବାତ ରୁମଟାଙ୍କୁରା
ଅଣ୍ଟାଭଙ୍ଗା ଅଜାଣୁଆ ଅଘଷା ଗଣ୍ଡୁକୀ କରକରା
ଅତିଶୂଳା ଆତୁରା କରକଣା କୁଆହଣା ଗୋଖୁରା
ଖୁରାଖି ଗଳଗ୍ରହ ଗଳକାଶ ଛିଙ୍କ ଗାଲୁଆ
ଗଳଶୋଥ ଗର୍ଭରେହା ଜାନୁଭଙ୍ଗା ଜୋକିଆ
ଟିଣା ତାଲୁକା ଦଣ୍ଡଧରା ପାଟୁଳି ଥରଥରିଆ
ପେଟକାମୁଡା ପେଟପୋଡା ଦାରୁଣା ଭଉଁରିଆ
ମଳବନ୍ଧ ଜାଦୁଆ ଲୁହବୁହା କାମଳ ରଣା
ଶିରରୋଗ ସାଲୁକା ଆବୁଆ ଅରୁକଣା
ଅଧାମଡା ଅରକଟିଆ କଇକସା ଟିଙ୍କରା
ଗରଜନା ଜଟଜଟା ତାଲୁଶୁଖା ବାରୁଣା ଗମ୍ଭୀରା
ତାଲୁକାଛିଟି ଦନ୍ତଭଙ୍ଗା ତଳପକା ଜରା
ଅନ୍ତବଥା ଛିନାଲି ବଇଧକି ଆରକ୍ତଛେରା
କରକଟି ଗଣ୍ଠିଆ ବାଇଆ କଞ୍ଚାଶିଙ୍ଗିଆ ପାଙ୍ଗରା

ଗଳକଣ୍ଠ ଆଣ୍ଠକର୍ପଟି ଅନ୍ତବଥା ମଡା
କାଳବାତ ଅନ୍ତକୋଷ ଆଉଂରିଆ ପିହୁଳାଛେରା
ଉଦୁରୀଆ ଆଖିଫୁଲା ଟୋଲକମରା ଗିଳା
ଯେମନ୍ତେ ଗୋଧନଙ୍କର ଅଷ୍ଟଉତର ଶତେ ବ୍ୟାଧି
ମୋହର ଆଜ୍ଞାୟେ ସେମାନେ ନୁଆରନ୍ତି ଭେଦି"

ଯଦିବା ଉପରୋକ୍ତ ସମସ୍ତ ରୋଗକୁ ଚିହ୍ନିବା ସହଜ ନଥିଲା, ତଥାପି କିଛି ବିଶେଷଜ୍ଞଙ୍କ ସହ ଆଲୋଚନା, ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ଶ୍ରୀ ଚିତ୍ତରଞ୍ଜନ ଖାଡଙ୍ଗାଙ୍କ ସହ ଆଲୋଚନା, ବଜାରରେ ଉପଲବ୍ଧ ସହଜ ଗୋ ଚିକିତ୍ସା ବହିକୁ ଅନୁଧ୍ୟାନ ଏବଂ କିଛି ଶବ୍ଦର ଆକ୍ଷରିକ ଅର୍ଥକୁ ବିଶ୍ଳେଷଣ କରି ନିମ୍ନ ସାରଣୀରେ ଏ ସବୁ ରୋଗର ନାମ, ଲକ୍ଷଣ, ଆକ୍ରାନ୍ତ ଅଙ୍ଗ ଏବଂ ବର୍ତ୍ତମାନ ବ୍ୟବହୃତ ନାମର ସବିଶେଷ ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ରୋଗର ନାମ | ଆକ୍ରମିତ ଅଙ୍ଗ | ରୋଗର ଲକ୍ଷଣ ଏବଂ ନାମ |
|---|---|---|---|
| ୧ | ଖୁରାରୋଗ | ଖୁରା | ଖୁରାରେ ସଂକ୍ରମଣ /FMD(ଫୁଟ ଆଣ୍ଡ ମାଉଥ ଡିଜିଜ) |
| ୨ | ଖିରା | ପହ୍ନା | କ୍ଷୀର ନସ୍ରବିବା |
| ୩ | ସିମୁଳିଆ | ପେଟ | Gastritis |
| ୪ | ହାବୋଡା /ଭେଟାରୋଗ | ମସ୍ତିଷ୍କ | ଭେଟାରୋଗ / shock |
| ୫ | ମାଣ୍ଡୁକି | ଗଣ୍ଠି | ଗଣ୍ଠି ବାତ/rheumatism |
| ୬ | ମଉନା | ମସ୍ତିଷ୍କ | ପିତ ମଉନା, ବାତ ମଉନା, ଏବଂ ଶ୍ଳେଷା ମଉନା (cold/bile infection) |
| ୭ | ଗଳକନ୍ଦା | ତଣ୍ଟି | ତଣ୍ଟି ସଂକ୍ରମଣ (swelling in glands/throat/humps) |
| ୮ | ଧୋକଡା | ଶରୀର | ଦୁର୍ବଳ /sedative |
| ୯ | ଫାଟୁଆ | ଖୁରା | ଖୁରା ସଂକ୍ରମଣ /FMD |
| ୧୦ | ଡାଟକି | ମନ | ଭୟାଳୁ/frightened |
| ୧୧ | କୁଇକନ୍ଦା | ଖୁରା/ଜଙ୍ଘ | ଜଳ ଦ୍ୱାରା ସଂକ୍ରମଣ /water infection |
| ୧୨ | ଧରଧରା | ଶରୀର | ଦୁର୍ବଳତା |
| ୧୩ | ସାହାଣା | ବେକ | ବେକ ଫୁଲା /hemorrhagicsepticemia(HS) |
| ୧୪ | ଭରଥିଆ | କାନ୍ଧ | କାନ୍ଧ ଫୁଲା ଏବଂ ଯନ୍ତ୍ରଣା /newly shouldering case |
| ୧୫ | ଘୋଷରା | ଗୋଡ | ଶିର ଧରା/stringhalt |
| ୧୬ | ହାମ୍ପରା | ଗୋଡ | ଖୁରା ଗଳୁ /husk and hoes infection |
| ୧୭ | ପେଟ ଫୁଲା | ପେଟ | ଗ୍ୟାସ/tympani, gastritis |
| ୧୮ | ଦୃଷ୍ଟିପଡା | ଶରୀର | ନଜର ଲାଗିବା /ଅନ୍ଧ ବିଶ୍ୱାସ / ଭୋକ ନହେବା /ଦୁର୍ବଳତା |
| ୧୯ | ମହୁରିଆ | ତଣ୍ଟି | ତଣ୍ଟିରୁ ମହୁରୀ ପରି ଶବ୍ଦ ବାହାରିବା /cold infection |
| ୨୦ | ଗଣ୍ଠିଆ | ଶରୀର | ଅର୍ବୁଦ/multiple abscess/tumor |
| ୨୧ | ବସନ୍ତ | ଶରୀର | Rinderpest |
| ୨୨ | ଲହସା | ଶରୀର | ଦୁର୍ବଳା |
| ୨୩ | କାଉଁରିଆ | ମନ | ମାନସିକ ଦୁର୍ବଳ |
| ୨୪ | ମୁତୁରା | ମୂତ୍ରାଶୟ | Frequent micturition |

| | | | |
|---|---|---|---|
| ୨୫ | ଗିରିବେଙ୍ଗା | ତଣ୍ଟି | ତଣ୍ଟି ଫୁଲା /swelling on outer part of the throat/inflammation of the tongue |
| ୨୬ | ମାରୁଣିବେଙ୍ଗା | ଶରୀର | ଥଣ୍ଡା ଜ୍ୱର /glossitis |
| ୨ ୭ | ପାଣିବେଙ୍ଗା | ପେଟ | ପେଟରେ ପାଣି ଜମିବା /dropsy/glossitis |
| ୨୮ | ଥରହରା | ଶରୀର | ଦେହ ଥରିବା /tetany |
| ୨୯ | ଖଲିଆ | ଗୋଡ | ଗୋଡରେ ଶିର ଧରା/ ଖୁଣ୍ଟ ଖଲିଆ/ଲଟା ଖଲିଆ/string halt in leg |
| ୩୦ | ମହାଗିରି | ତଣ୍ଟି ଏବଂ ପାଟି | ଥଣ୍ଡା ସଂକ୍ରମଣ |
| ୩୧ | ପିଠିଲେଟେରା | ପେଟ | ପେଟ ବଥା /colic pain/stomachache |
| ୩୨ | ଶୁକୁଟା | ଶରୀର | ଦୁର୍ବଳ /anemia/debility |
| ୩୩ | ଶିଙ୍ଗବାତ | ଶିଙ୍ଗ | ସିଙ୍ଗରେ ଘା /swelling in horn |
| ୩୪ | ଆଣ୍ଠୁଆବାତ | ଗଣ୍ଠି | ଗଣ୍ଠି ବଥା /rheumatism |
| ୩୫ | ରୋମଟାଙ୍କୁରା | ଶରୀର | ଜ୍ୱରରେ ଥରିବା |
| ୩୬ | ଅନ୍ତଭଙ୍ଗା | କ୍ଷୁଦ୍ରାନ୍ତ | ପେଟ ବଥା /enteritis |
| ୩୭ | ଅଜାଣୁଆ | ମସ୍ତିସ୍କ | ବୋକା /madness/foolishness |
| ୩୮ | ଅଘଷା | ଶରୀର | ଅଣତାଲିମପ୍ରାପ୍ତ |
| ୩୯ | ଗଣ୍ଡୁକୀ | ତଣ୍ଟି /ମାଢି | ଥଣ୍ଡା ସଂକ୍ରମଣ /swelling of glands |
| ୪୦ | କରକରା | ଆଖି /ଶରୀର | ଆଖି ନାଲି ପଡିବା /ଦେହ ଠାରିବା |
| ୪୧ | ଅତିଶୁଳୀ | ପାକସ୍ଥଳୀ | ପକାସ୍ଥଳିରେ କଷ୍ଟ/enteritis |
| ୪୨ | ଆତୁରା | ମନ | ବ୍ୟାକୁଳ ପ୍ରକୃତି /anxiety |
| ୪୩ | କରକଣା | ଆଖି | ଗୋଟିଏ ଆଖିକୁ ଦେଖା ନଯିବା |
| ୪୪ | କୁଆହଣା | ଶରୀର | କୁଆଥଣ୍ଟ ଆଘାତରୁ ଘା /scar by crow beak bite |
| ୪୫ | ଖୁରାଖି | ଖୁରା | ଖୁରା ଘା /hood scar |
| ୪୬ | ଗଳଗ୍ରହ | ତଣ୍ଟି | ଥଣ୍ଡା ସଂକ୍ରମଣରୁ ତଣ୍ଟି ଫୁଲା /hemorrhagic septicemia (HS ) |
| ୪୭ | ଗଳକାଶ | ତଣ୍ଟି | ତଣ୍ଟି ସଂକ୍ରମଣ /pharyngitis |
| ୪୮ | ଛିଙ୍କ | ନାକ | ଥଣ୍ଡା ସଂକ୍ରମଣ /rhinitis |
| ୪୯ | ଗାଲୁଆ | ଗାଲ | ଗାଲରେ ଥଣ୍ଡା ସଂକ୍ରମଣ /swelling in jaw side |
| ୫୦ | ଗଳଶୋଥ | ତଣ୍ଟି | ତଣ୍ଟି ସଂକ୍ରମଣ/throat infection |
| ୫୧ | ଗର୍ଭରେହା | ଗର୍ଭାଶୟ | ବାରମ୍ବାର ଗର୍ଭ ନଷ୍ଟ /impotent /infertility |
| ୫୨ | ଜାନୁଭଙ୍ଗା | ଜଙ୍ଘ | ଜଙ୍ଘ ହାଡ ଭାଙ୍ଗିଯିବା /fracture |
| ୫୩ | ଜୋକିଆ | ଯକୃତ | ଯକୃତ ସଂକ୍ରମଣ /fascialis |
| ୫୪ | ତିଣା | ମନ | କ୍ଷଣକୋପୀ/madness |
| ୫୫ | ତାଳୁକା | ତାଳୁ | ତାଳୁ ସଂକ୍ରମଣ /pharyngitis |
| ୫୬ | ଦଣ୍ଡଧରା | ପ୍ରକୃତି | ମାଡ ଭୟରେ ଯେ କାମ କରେ |
| ୫୭ | ପାଟୁଳି | ତଣ୍ଟିରେ ସଂକ୍ରମଣ | ତଣ୍ଟି ସଂକ୍ରମଣ /glossitis |
| ୫୮ | ଥରଥରିଆ | ଶରୀର | ଶରୀର ଥରିବା /calcium deficiency |
| ୫୯ | ପେଟ କାମୁଡା | ପେଟ | କୃମି ସଂକ୍ରମଣ/worm infection |
| ୬୦ | ପେଟ ପୋଡା | ପାକସ୍ଥଳୀ | ପାକସ୍ଥଳୀ ପୋଡିବା /burning sensation due to gastritisବା ଅଧିକ ଖାଇବା ଲୋଭୀ |

| | | | |
|---|---|---|---|
| ୬୧ | ଦାରୁଣା | ପ୍ରକୃତି | କ୍ରୋଦ୍ଧୀ /cruelty due to madness |
| ୬୨ | ଭଉଁରିଆ | ମସ୍ତିସ୍କ | ଘୂରିବା ପ୍ରକୃତି/Giddiness |
| ୬୩ | ମଳବନ୍ଧ | କ୍ଷୁଦ୍ରାନ୍ତ | କୋଷ୍ଠକାଠିନ୍ୟ /Constipation |
| ୬୪ | ଯାଦୁରା | ଚର୍ମ | ଚର୍ମ ସଂକ୍ରମଣ /Scabies /skin irritation |
| ୬୫ | ଲୁହବୋହା | ଆଖି | ଆଖି ସଂକ୍ରମଣ/running eye |
| ୬୬ | କାମଳ | ଶରୀର | Jaundice |
| ୬୭ | ରଣା | ପ୍ରକୃତି | କ୍ରୋଦ୍ଧି |
| ୬୮ | ଶିରରୋଗ | ସ୍ନାୟୁ | ଶିର ବାତ /rheumatism |
| ୬୯ | ସାଲୁକା | ଶରୀର | ଦୁର୍ବଳ /debility |
| ୭୦ | ଆବୁଆ | ଶରୀର | ଅର୍ବୁଦ ଶରୀର /multiple abscess |
| ୭୧ | ଅରୁକଣା | ଆଖି | ଆଖି ଦୋଷ /vision imparities |
| ୭୨ | ଅଧାମଡା | ଶରୀର | ଦୁର୍ବଳ/suffering from fatal disease |
| ୭୩ | ଅର୍କଟିଆ | ମନ | ଠେସା /ଅମାନିଆ |
| ୭୪ | ତାଲୁଶୁଖା | ତାଲୁ | ଥଣ୍ଡା ସଂକ୍ରମଣ /Cold infection |
| ୭୫ | ବରୁଣା | ମନ | Anorexia |
| ୭୬ | ଗମ୍ଭୀରା | ପ୍ରକୃତି | ପ୍ରକୃତି /seriousness |
| ୭୭ | ତାଲୁକାଛିଟି | ତାଲୁ | Gingivitis |
| ୭୮ | ଦନ୍ତଭଙ୍ଗା | ଦାନ୍ତ | ଦନ୍ତ ହୀନା |
| ୭୯ | ତଳପକା | ପ୍ରକୃତି | କାମବେଳେ ସୋଇପଡିବା/ reluctant to work |
| ୮୦ | ଜରା | ଶରୀର | Debility |
| ୮୧ | ଅନ୍ତବଥା | ପାକସ୍ଥଳୀ | Colic pain |
| ୮୨ | ଛିନାଲି | ପେଟ | ପତଳା ଝାଡା / Diarrhea |
| ୮୩ | ବଇଧକି | ଶରୀର | Chronic disease |
| ୮୪ | ଗୋଖୁରା | ଖୁରା | F.M.D. |
| ୮୫ | ଆରକ୍ତଛେରା | ପେଟ | Dysentery |
| ୮୬ | କର୍କଟି(cancer ରୋଗ ବୋଲି ସନ୍ଦେହ କରାଯାଏ, ଅନ୍ୟକେତେ କହନ୍ତି ଏହା ଏକ କାଠ ଯନ୍ତ୍ର) | କାଠର ତିଆରି ଏକ ଜନ୍ତ୍ର ଯାହା କ୍ଷୀର ଦୁହିଁଲା ବେଳେ ଗାଈର ପଛ ଗୋଡରେ ବନ୍ଧାଯାଏ | A device which is tied in the back legs and its wooden nails bite legs of while the cow becomes disturbed at the time of milking |
| ୮୭ | ଗଧିଆ | ମନ | Foolishness |
| ୮୮ | ବାଇଆ | ମସ୍ତିସ୍କ | Madness |
| ୮୯ | କଞ୍ଚାଶିଙ୍ଗା | ଶିଙ୍ଗ | Fragile horn |
| ୯୦ | ପାଙ୍ଗରା | ଗୋଡ | ଛୋଟେଇ ଚାଲିବା/lameness |
| ୯୧ | ଗଳକଣ୍ଡ | ତଣ୍ଟି | Swollen pricket |
| ୯୧ | ଆଣ୍ଠୁକର୍ପଟି | ଗଣ୍ଠି ବ୍ୟଥା | Rheumatism |
| ୯୨ | ଅନ୍ତବଥା | ପେଟ | Colic pain |
| ୯୩ | ମଡା | ଶରୀର | ଅତିଶୟ ଦୁର୍ବଳ /Very weak |
| ୯୪ | କାଲବାତ | କାନ | କାନ ଘା/Ear infection |

| | | | |
|---|---|---|---|
| ୯୫ | ଅନ୍ତକୋଷ | ହାର୍ନିଆ | Hernia |
| ୯୬ | ଆଉଁରିଆ | ମନ | Madness |
| ୯୭ | ପିହୁଳା | ପ୍ଲିହା | Swelling in spleen |
| ୯୮ | ଉଦ୍ଧୁରିଆ | ପେଟ | ଜଳୋଦର /glossitis/severe cold infection |
| ୯୯ | ଆଖିଫୁଲା | ଆଖି | Eye swelling |
| ୧୦୦ | ଟୋଲୋକମରା | ପେଟ | ପେଟବଥା /severe colic pain |
| ୧୦୧ | ଗିଳା | ପ୍ରକୃତି/ଶରୀର | Hurry eater due to Calcium deficiency |
| ୧୦୨ | ବାଞ୍ଝି | ଗର୍ଭାଶୟ | Impotent |
| ୧୦୩ | ମଡଛୀ | ଦୁର୍ବଳ | Impotent |
| ୧୦୪ | ଅଦୁହାଁ | ଚିର | Non milking |
| ୧୦୫ | ଅଛନ୍ଦା /ଅବନ୍ଧା | ଅତି ସୁଧାର | ଅତି ସୁଧାର |
| ୧୦୬ | ଅପମୃତ୍ୟୁ | ଶରୀର | Premature death |
| ୧୦୭ | ଛେରା | ପେଟ | Diarrhea |
| ୧୦୮ | କଇକସା | ଶରୀର | ଅରୁଚି /ଅଗ୍ନିମାନ୍ଦ୍ୟ |
| ୧୦୯ | ଟିଙ୍କରା | ଶରୀର | ଟିଙ୍କ ସଂକ୍ରମଣ /babesiosis |
| ୧୧୦ | ଗରଜା | ମସ୍ତିଷ୍କ | Rabies |
| ୧୧୧ | ଜଟଜଟା | ଶରୀର | Papilloma |

**କର୍କଟ/କର୍କଟି/)cancer)**

ଆଦିକବି ସାରଳା ଦାସ ମହାଭାରତର ବନପର୍ବରେ ଲେଖିଛନ୍ତି ଯେ" -: ଅଦୁହାଁ ଗାଈ କର୍କଟି ହୁଅନ୍ତି ଯେ ଗୋଠେ "। କର୍କଟି ଶବ୍ଦର ଅର୍ଥ କର୍କଟରୋଗୀ ହୋଇପାରେ । ଦୁହାଁଳିଆ ଗାଈକୁ ଯଦି ଦୁହାଁ ନଯାଏ ତେବେ ସେ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । ଏହା ସୂଚନା ଦେଉଅଛି ଯେ ସେତେବେଳେ ମଧ୍ୟ କର୍କଟ ରୋଗ ସମ୍ପର୍କରେ ଲୋକଙ୍କ ଜ୍ଞାନ ଥିଲା ।କିନ୍ତୁ ଅନ୍ୟ କିଛି ଗବେଷକ ମତ ଦିଅନ୍ତି ଯେ କର୍କଟୀ କାଷ୍ଠରେ ତିଆରି ଏକ କଙ୍କଡା ଭଳି ଜନ୍ତ୍ର ଯାହା କ୍ଷୀର ଦୁହିଁବା ପାଇଁ ସହଯୋଗ କରୁନଥିବା ଗାଈର ପଛ ଗୋଡରେ ବନ୍ଧାଯାଏ। ଗାଈ ବିଶୃଙ୍ଖଳିତ ହେଲେ ଏହା ଗୋଡକୁ କଙ୍କଡା କାମୁଡିଲା ଭଳି ଅନୁଭବ ଦେଇଥାଏ ।

**କୁଷ୍ଠ ବ୍ୟାଧି /leprosy**

ବନପର୍ବରେ କବି ଚନ୍ଦ୍ରଭାଗା ତୀର୍ଥ ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ଯେ -:

"ନାରଦଙ୍କ ବଚନେ ସେ ଚଳିଲା ନାରାୟଣଙ୍କ ସୁତ
ଚନ୍ଦ୍ରଭାଗା ତିର୍ଥେଯାଇ ବିଜୟେ ତୁରିତ
ଆହାର ମଇଥୁନ ନିଦ୍ରା ତା'ର ନାହିଁ କିଛି
ପବନ ଆହାରେ ସେ କୁମୁଦ ନାଡ ଭକ୍ଷି
ମନ ବଚନ କର୍ତ୍ତବ୍ୟେ ବିରଞ୍ଚି ନାରାୟଣଙ୍କୁ ସେବା
ଦ୍ୱାଦଶ ବରଷେ ସେ ପ୍ରସନ୍ନ ହୋଇଲେ ଆଦିଦେବା
ବିରାଞ୍ଚି ନାରାୟଣଙ୍କର ବଚନେନ କରି
ମହାଗୁରୁ ଗଳିତ କୁଷ୍ଠ ହୋଇଲାକ ପାରି"

ଶ୍ରୀକୃଷ୍ଣ ପୁତ୍ର ଶ୍ୟାମ୍ବ ଅଭିଶାପ ବଶତଃ ଦୂରାରୋଗ୍ୟ କୁଷ୍ଠ ବ୍ୟାଧିରେ ପୀଡିତ ହେଲେ । ନାରଦଙ୍କ ନିର୍ଦ୍ଦେଶରେ ସେ ଚନ୍ଦ୍ରଭାଗା ତିର୍ଥରେ ସ୍ନାନ କରି ଆହାର, ନିଦ୍ରା ଏବଂ ମୈଥୁନ ତ୍ୟାଗ କରି ବାର ବର୍ଷକାଳ ସୂର୍ଯ୍ୟ ଉପାସନା କରିଥିଲେ । ଇତ୍ୟବସରରେ ସେ କେବଳ କୁମୁଦ ନାଡ ଭକ୍ଷଣ କରିବାକୁ ଅନୁମତି ପାଇଥିଲେ । କବିଙ୍କ ବର୍ଣ୍ଣନା ରୁ ଜଣାଯାଏ ଯେ ସେତେବେଳେ କୁଷ୍ଠ ବ୍ୟାଧି ପାଇଁ ଔଷଧ ଉପଲବ୍ଧ ନଥିଲା । ଏହାର ଉପଚାର ପାଇଁ ସୂର୍ଯ୍ୟ ଉପାସନା, ସୂର୍ଯ୍ୟ କିରଣରେ ଶରୀର ସ୍ନାନ ଏବଂ କୁମୁଦ ନାଡ ଭକ୍ଷଣକୁ ଉପଚାର ରୂପେ ଗ୍ରହଣ କରାଯାଉଥିଲା । Medical science says, "water lily (nymphaea alba) is an aquatic plant. It has many

medicinal benefits ranging from lung conditions to gastrointestinal conditions and skin condition. The rhizome (cord) of lily is antiseptic as well as astringent causing the construction of skin cells and other body tissues and a majour chemical constituent of luteolin. Again medical science says about the presence of vitamin 'D' in sunray which is very useful for treatment of skin disease.

ଯେହେତୁ କୁଷ୍ଠ ରୋଗ ଶରୀର ଚର୍ମର ଏବଂ ମାଂସରବହୁତ କ୍ଷତି କରେ, ତେଣୁ ଏହାର ସୁରକ୍ଷା ପାଇଁ ବୋଧହୁଏ କୁମୁଦ ନାଡ ଏବଂ ସୂର୍ଯ୍ୟ କିରଣକୁ ବ୍ୟବହାର କରାଯାଉଥିଲା ।

ସାରଳା ମହାଭାରତ ଯଦିବା ସଂସ୍କୃତ ମହାଭାରତର ମୁଖ୍ୟ କଥାବସ୍ତୁ ଉପରେ ଆଧାରିତ କିନ୍ତୁ ଆଦି କବି ସାରଳା ଦାସ ମହାଭାରତର ବହୁ ସ୍ଥାନରେ ଓଡିଆ ସଂସ୍କୃତିର ପ୍ରୟୋଗକୁ ଭୁଲି ନାହାନ୍ତି । ମହାଭାରତର ବିଭିନ୍ନ ଚରିତ୍ରଙ୍କୁ ଓଡ଼ିଶାକୁ ଟାଣି ଆଣି ଓଡିଶାର ପ୍ରସିଦ୍ଧ ତୀର୍ଥସ୍ଥାନ ଗୁଡିକର ମର୍ଯ୍ୟଦା ବୃଦ୍ଧି କରିବା ସହ ଓଡିଶାର ପର୍ଯ୍ୟଟନ ଶିଳ୍ପକୁ ଋଦ୍ଧିମନ୍ତ କରିଛନ୍ତି । ଉକ୍ତ ପ୍ରବନ୍ଧରେ କେବଳ ସାରଳା ଯୁଗର ଭେଷଜ ବିଜ୍ଞାନ, ପ୍ରଣିଧାନ ଚିକିତ୍ସା , ରୋଗ , ପ୍ରତିକାର ଏବଂ ମନ୍ତ୍ର ତନ୍ତ୍ର ଉପରେ ସାମ୍ୟକ ଆଲୋଚନା କରାଗଲା । ଦୁଃଖର କଥା ଅଦ୍ୟାବଧି ଓଡିଶାର ପ୍ରାଣୀଧନ ଚିକିତ୍ସା ବିଜ୍ଞାନୀଙ୍କ ଦ୍ଵାରା ସାରଳା ମହାଭାରତରେ ବର୍ଣ୍ଣିତ ଅଶ୍ଵ ଏବଂ ଗୋ ସମ୍ପଦଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଉପରେ ଗବେଷଣା କରାଯାଇନାହିଁ । ଏହା ଉପରରେ ଯେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ଏଥିରେ ତିଳେମାତ୍ର ସନ୍ଦେହ ନହିଁ।

*****

ଅଧକ୍ଷ୍ୟ
ପଞ୍ଚାୟତ କଲେଜ, ଫିରିଙ୍ଗିଆ,
କନ୍ଧମାଳ,୭୬୨୦୧୧

**ECO RETREAT DARINGBADI**

Dotted with pine forests & waterfalls, the hill station of Phulbani covered by Valleys, coffee & pepper gardens.














# ECO RETREAT KONARK

**The luxurious glamping event on the Ramchandi beach is a perfect escapade for solitude seekers.**